NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY
14 JUNE 2025
ଶନିବାର
୧୪ ଜୁନ୍ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 30 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୦ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

ତୃତୀୟ ବିଶ୍ୱଯୁଦ୍ଧ ଦ୍ୱାରଦେଶରେ ଇସ୍ରାଏଲ୍ ଓ ଇରାନ୍

# ମଧ୍ୟପ୍ରାଚ୍ୟରେ ହାହାକାର

**ତେହରାନ୍, ଜେରୁଜେଲମ୍, ୧୩।୬/ଏଜେନ୍ସି:**



- ଇରାନ୍ ଉପରେ ଇସ୍ରାଏଲ୍‌ର ୨୦୦ ଜେଟ୍ ସହାୟତାରେ ଏୟାରଷ୍ଟ୍ରାଇକ୍
- ୧୦୦ରୁ ଊର୍ଦ୍ଧ୍ୱ ଡ୍ରୋନ୍ ସହ କାଉଣ୍ଟର୍ ଆଟାକ୍ କଲା ତେହରାନ୍
- ୬ ଆଣବିକ ବୈଜ୍ଞାନିକ ଓ ୩ ଶୀର୍ଷ ସେନା କମାଣ୍ଡରଙ୍କୁ ହରାଇଲା ଇରାନ୍

ଯାହା ଅନୁମାନ କରାଯାଉଥିଲା ତାହା ହିଁ ହୋଇଛି । ପରମାଣୁ ଚୁକ୍ତିକୁ ଅଣଦେଖା କରିବା ଏବଂ ସ୍ୱାକ୍ଷର ନକରି ଓଲଟା ଆମେରିକା ଓ ଇସ୍ରାଏଲ୍‌କୁ ନାଲିଆଖି ଦେଖାଇବା ଇରାନ୍‌କୁ ମହଙ୍ଗା ପଡ଼ିଛି । ରିପୋର୍ଟ ଅନୁସାରେ ଭାରତୀୟ ସମୟ ଗୁରୁବାର ବିଳମ୍ବିତ ରାତିରେ ଇରାନ ଉପରେ ଇସ୍ରାଏଲ୍ ବଡ଼ଧରଣର ଏୟାରଷ୍ଟ୍ରାଇକ୍ କରିଛି । ଇସ୍ରାଏଲ୍ ବାୟୁସେନାର ପ୍ରାୟ ୨୦୦ ଫାଇଟର୍ ଜେଟ୍ ଇରାନର ରାଜଧାନୀ ତେହେରାନ ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ବୋମାବର୍ଷା କରିଛନ୍ତି । ଇସ୍ରାଏଲ୍ ମୁଖ୍ୟତଃ ଇରାନର ୪ଟି ପରମାଣୁ କାର୍ଯ୍ୟକ୍ରମ ଚାଲିଥିବା ଠିକଣା ଏବଂ ୨ଟି ସାମରିକ ଘାଟିକୁ ମିଶାଇ ମୋଟ୍ ୬ଟି ସ୍ଥାନରେ ଆକ୍ରମଣ କରିଛି । ଇରାନ୍‌ର ଆଣବିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରୁଥିବା ପ୍ରମୁଖ ବୈଜ୍ଞାନିକ ଏବଂ ସାମରିକ ଅଧିକାରୀଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଇସ୍ରାଏଲ୍ ଏହି ଆକ୍ରମଣ କରିଛି । ଇସ୍ରାଏଲ୍‌ର ଏହି ଭୟଙ୍କର ଆକ୍ରମଣରେ ଇରାନ୍‌ର ୨ ଶୀର୍ଷସ୍ତରୀୟ ସାମରିକ ଅଧିକାରୀଙ୍କ ସମେତ ପ୍ରାୟ ୨୦ ସାମରିକ କର୍ମଚାରୀ ମୃତ୍ୟୁବରଣ କରିଥିବା କୁହାଯାଉଛି । ସେହିପରି ଇରାନ୍‌ର ୬ ବରିଷ୍ଠ ଆଣବିକ ବୈଜ୍ଞାନିକ ମଧ୍ୟ ଏହି ଆକ୍ରମଣରେ ପ୍ରାଣ ହରାଇଛନ୍ତି । ଗଣମାଧ୍ୟମ ▶▶ ୫

## ହାତୀ ଆକ୍ରମଣରେ ୩ ମୃତ

**ଯୋଡ଼ା, ୧୩।୬/ଏନ୍‌ଏନ୍‌ଏସ୍:**

ରାଜ୍ୟରେ ହାତୀ-ମଣିଷ ମଧ୍ୟରେ ଲଢ଼େଇ ଜାରି ରହିଛି । କେତେବେଳେ ହାତୀର ଜୀବନ ଯାଉଛି ତ କେତେବେଳେ ମଣିଷ ପ୍ରାଣ ହରାଇଛି । ଶୁକ୍ରବାର କେନ୍ଦୁଝର ଜିଲ୍ଲା ବଡ଼ବିଲ ବନଖଣ୍ଡ ରେଞ୍ଜ୍ ଅନ୍ତର୍ଗତ ପୃଥକ୍ ପୃଥକ୍ ସ୍ଥାନରେ ହାତୀ ଆକ୍ରମଣରେ ୩ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ କେନ୍ଦୁଡ଼ିହିର ସନ୍ତୋଷ ମୁଣ୍ଡା ଓ ରୀନା ମୁଣ୍ଡାଙ୍କ ସହ କାଳିମାଟି ଅଞ୍ଚଳର ଜଣେ ଯୁବକ ଥିବା ଜଣାପଡ଼ିଛି । ତେବେ ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ । ସୂଚନା ଅନୁଯାୟୀ ଦିନବେଳା କେନ୍ଦୁଡ଼ିହି ଗ୍ରାମର ସନ୍ତୋଷ ମୁଣ୍ଡା ଜଙ୍ଗଲକୁ ଯାଇଥିବା ସମୟରେ ଏକ ଦନ୍ତାହାତୀ ହାବୁଡ଼ରେ ପଡ଼ିଥିଲେ । ଜୀବନ ବଞ୍ଚେଇବାକୁ ସେଠାରୁ ଧାଇଁ ପଳାଇବାକୁ ▶▶ ୫

## ୩୮୭୯ କୋଟିର ୧୭ ପ୍ରକଳ୍ପକୁ ମଞ୍ଜୁରୀ



### ୧୧ ଜିଲ୍ଲାରେ ୧୦୫୮୪ ନୂଆ ନିଯୁକ୍ତି ସୁଯୋଗ

**ଭୁବନେଶ୍ୱର, ୧୩।୬/ଏନ୍‌ଏନ୍‌ଏସ୍:**

ରାଜ୍ୟରେ ପୁଞ୍ଜିନିବେଶ ପ୍ରକ୍ରିୟାକୁ ଗତିଶୀଳ କରିବା ନିମନ୍ତେ ରାଜ୍ୟ ସରକାର ଶୁକ୍ରବାର ୩୮୭୮.୮୬କୋଟି ଟଙ୍କାର ୧୭ ନିବେଶ ପ୍ରକଳ୍ପକୁ ସିଙ୍ଗଲ୍‌ୱିଣ୍ଡୋ ମଞ୍ଜୁରୀ ଦେଇଛନ୍ତି । ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ୧୧ଟି ଜିଲ୍ଲାରେ ପ୍ରାୟ ୧୦୫୮୪ଟି ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୩୭ ତମ ରାଜ୍ୟସ୍ତରୀୟ ସିଙ୍ଗଲ୍‌ୱିଣ୍ଡୋ ବୈଠକରେ ଏହି ମଞ୍ଜୁରୀ ମିଳିଛି । ଏଥିରେ ପ୍ଲାଷ୍ଟିକ୍, ଟେକ୍ନିକାଲ୍ ଟେକ୍ସଟାଇଲ୍, ଟେକ୍ସଟାଇଲ୍ ଓ ପୋଷାକ, ଇଲେକ୍ଟ୍ରୋନିକ୍ସ ସିଷ୍ଟମ୍ ଡିଜାଇନ୍ ଓ ମାନୁଫାକ୍ଚରିଂ (ଇଏସ୍‌ଡିଏମ୍), ଖାଦ୍ୟ ପ୍ରକ୍ରିୟାକରଣ, ବିଦ୍ୟୁତ ଓ ରିନ୍ୟୁଏବୁଲ୍ ଏନର୍ଜି, ପର୍ଯ୍ୟଟନ, ଲଜିଷ୍ଟିକ୍ସ ଓ ଭିତ୍ତିଭୂମି, ରାସାୟନିକ ଏବଂ ଷ୍ଟିଲ୍ ଭଳି ବିଭିନ୍ନ କ୍ଷେତ୍ରରେ ନିବେଶ ବୃଦ୍ଧି ହେବ । ଏହି ଶିଳ୍ପ ନିବେଶ ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡ଼ିଶା'ର ସରକାରଙ୍କ ▶▶ ୫

ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ଦୈନିକ ଡ୍ୟୁଟି ଭତ୍ତା ବୃଦ୍ଧି

## ଥିଲା ୩୧ ଟଙ୍କା, ହେଲା ୧୫୦

**ଭୁବନେଶ୍ୱର, ୧୩।୬/ଏନ୍‌ଏନ୍‌ଏସ୍:**

- ଟ୍ରେନିଂ ଭତ୍ତା ୨୮ ଟଙ୍କାରୁ ୧୪୦କୁ ବୃଦ୍ଧି
- ମେ' ୧ରୁ ପିଛିଲା ଭାବେ ଲାଗୁ

ଏଣିକି ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ଦୈନିକ ଡ୍ୟୁଟି ଭତ୍ତା ପରିମାଣ ୩୧ ଟଙ୍କାରୁ ୧୫୦ ଟଙ୍କାକୁ ବୃଦ୍ଧି ହୋଇଛି । ସେହିପରି ଦୈନିକ ଟ୍ରେନିଂ ଭତ୍ତା ପରିମାଣ ୨୮ ଟଙ୍କାରୁ ୧୪୦ ଟଙ୍କାକୁ ବୃଦ୍ଧି ପାଇଛି । ଶୁକ୍ରବାର ଦୈନିକ ଭତ୍ତା ପରିମାଣ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ଼ ▶▶ ୫

## ଗୃହରକ୍ଷୀଙ୍କ ଭତ୍ତା ବୃଦ୍ଧି

**ଭୁବନେଶ୍ୱର, ୧୩।୬/ଏନ୍‌ଏନ୍‌ଏସ୍:**

ଗୃହରକ୍ଷୀମାନଙ୍କ ଡ୍ୟୁଟି କଲ୍-ଅପ୍ ଭତ୍ତା ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତି ଅନୁଯାୟୀ ଦୈନିକ ଡ୍ୟୁଟି କଲ୍-ଅପ୍ ଭତ୍ତା ୬୧୨ ଟଙ୍କାରୁ ୬୨୩ ଟଙ୍କାକୁ ବୃଦ୍ଧି ପାଇଛି । ଏହି ବର୍ଦ୍ଧିତ ଭତ୍ତା ପରିମାଣ ପିଛିଲା ଭାବେ ୨୦୨୫ ଜାନୁଆରୀ ପହିଲାରୁ ଲାଗୁହେବ ।

DADLS-31

ରଜ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ରଜ ପର୍ବ ଓଡ଼ିଶାରେ ପାଳନ କରାଯାଉଥିବା କୃଷିଭିତ୍ତିକ ପର୍ବମାନଙ୍କ ମଧ୍ୟରେ ଅନ୍ୟତମ ଶ୍ରେଷ୍ଠ ପର୍ବ । ଆମ ଓଡ଼ିଆ ସଂସ୍କୃତିର ଏକ ନିଚ୍ଛକ ମହାନ୍ ପର୍ବ । ଧରିତ୍ରୀ ମାତାର ଉପାସନା ସହିତ ଘରେ ଘରେ ଆନନ୍ଦ ଉଲ୍ଲାସରେ ଏହି ପର୍ବ ପାଳନ କରାଯାଇଥାଏ । ଏହି ଅବସରରେ ଚାଷୀକୁଳଙ୍କ ସୁଖ ଓ ସମୃଦ୍ଧି କାମନା କରିବା ସହିତ ରାଜ୍ୟବାସୀ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0697/2526

DSPL-115



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସତ୍ୟମେବ ଜୟତେ

କୃଷକ ରେଜିଷ୍ଟ୍ରି



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସରକାରଙ୍କର ଡିଜିଟାଲ କୃଷି ଅଧୀନରେ କୃଷକ ପଞ୍ଜିକରଣ ଜାରି ରହିଛି

ସମସ୍ତ ବର୍ଗର ଚାଷୀ ଓ ପି ଏମ୍ କିଷାନ ହିତାଧିକାରୀ ଏଥିରେ ପଞ୍ଜୀକୃତ ହେବା ଅନିବାର୍ଯ୍ୟ
ନଚେତ ଆପଣ ପି ଏମ୍ କିଷାନ ଯୋଜନାରୁ ବଞ୍ଚିତ ହୋଇପାରନ୍ତି

ଆବଶ୍ୟକୀୟ ଦସ୍ତାବିଜ୍
- ଆଧାର କାର୍ଡ
- ଆଧାର ସଂଯୁକ୍ତ ମୋବାଇଲ୍ ନମ୍ବର
- ନିଜ ନାମରେ ଥିବା ଜମି ପଟ୍ଟା

ଜମିଜମା ରେକର୍ଡ ନିଜ ନାମରେ ନଥିଲେ
ମୃତ ଜମିଧାରୀଙ୍କ ମୃତ୍ୟୁ ପ୍ରମାଣ ପତ୍ର କିମ୍ବା ଉତ୍ତରାଧିକାରୀ ପ୍ରମାଣ ପତ୍ର ସହ ତହସିଲ୍ କାର୍ଯ୍ୟାଳୟରେ ଯୋଗାଯୋଗ କରି ଜମି ପଟ୍ଟା/ RoR ରେ ନାମ ସଂଶୋଧନ କରାଇ ନିଅନ୍ତୁ

ନିମ୍ନସ୍ଥ ଚାରୋଟି ଉପାୟ ମଧ୍ୟରୁ ଯେକୌଣସି ଉପାୟ ମାଧ୍ୟମରେ କୃଷକ ରେଜିଷ୍ଟ୍ରି ପୋର୍ଟାଲ (https://odfr.agristack.gov.in) ରେ ତୁରନ୍ତ ନିଜକୁ ପଞ୍ଜୀକୃତ କରନ୍ତୁ

ନିକଟସ୍ଥ ଜନ ସେବା କେନ୍ଦ୍ର | ଗ୍ରାମପଞ୍ଚାୟତ ସ୍ତରରେ ନିଯୁକ୍ତ ସହାୟକ | ବ୍ୟକ୍ତିଗତ ସ୍ତର | ଗ୍ରାମପଞ୍ଚାୟତ ସ୍ତରୀୟ କ୍ୟାମ୍ପ

ଅଧିକ ସୂଚନା ପାଇଁ - ୧୫୫୩୩୩ ରେ ଯୋଗାଯୋଗ କରନ୍ତୁ

OIPR-01510/13/0053/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

ହାବେଳୀ ପଡ଼ିଆରେ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉତ୍ସବ

# ଜିଲ୍ଲାସ୍ତରୀୟ ବିକାଶମେଳା ଏବଂ ପାରମ୍ପରିକ ଖାଦ୍ୟମେଳା ଉଦ୍‌ଘାଟିତ



**ଖୋର୍ଦ୍ଧା,୧୩।୬/ଏନ୍ଏନ୍ଏସ୍:** ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ଏବଂ ପ୍ରଭାରୀ ମନ୍ତ୍ରୀ, ଖୋର୍ଦ୍ଧା ଜିଲ୍ଲା ପ୍ରଦୀପ କୁମାର ବଳସାମନ୍ତ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ବିକାଶ ମେଳା ଓ ପାରମ୍ପାରିକ ଖାଦ୍ୟ ମେଳାରେ ଉଦ୍ଘାଟକ ଭାବେ ଯୋଗଦେଇ ମେଳକକ୍ଷୁ ଉଦ୍ଘାଟନ କରିବା ସହ ବିକାଶ ବାହାନକୁ ଜିଲ୍ଲାରେ ପରିକ୍ରମାକରି ସଚେତନତା ବାର୍ତ୍ତା ପ୍ରଚାର ପ୍ରସାର ଏବଂ ଯୋଜନାରେ ହିତାଧିକାରୀଙ୍କୁ ସଂଯୋଗ କରିବାପାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଅପରାହ୍ନରେ ମନ୍ତ୍ରୀ ଶ୍ରୀ ବଳସାମନ୍ତ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀରେ ବିକାଶ ମେଳା ୨୦୨୫ ସମ୍ବନ୍ଧରେ ବିସ୍ତୃତ ଭାବେ ସୂଚନା ପ୍ରଦାନ କରି ଗଣ ମାଧ୍ୟମ ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ ଏବଂ ମେଳାର ସଫଳତା ଦିଗରେ ସହଯୋଗ ଲୋଡିଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଆଇନ, ପୂର୍ତ୍ତ ଏବଂ ଅବକାରୀ ପୃଥ୍ୱୀରାଜ ହରିଚନ୍ଦନ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଚଞ୍ଚଳ ରାଣା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ସାଫଲ୍ୟ ମଣ୍ଡିତ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଯୋଗଦେଇଥିଲେ। ସେହିପରି ହାୱେଳି ପଡିଆଠାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବିକାଶ ମେଳା ଏବଂ ପାରମ୍ପରିକ ଖାଦ୍ୟ ମେଳା -୨୦୨୫ ଉଦ୍ଘାଟନ କରି ଉଦବୋଧନରେ କହିଲେ ଜେ ରାଜ୍ୟ ସରକାରଙ୍କ ଶାସନର ଏକବର୍ଷ ଶାସନ ପୂର୍ତ୍ତିରେ ବିଭିନ୍ନ ଜନହିତ କର ଲୋକ କଲ୍ୟାଣ ଯୋଜନା ଲାଗୁ କରି ଓଡ଼ିଶାକୁ ବିକଶିତ ଓଡ଼ିଶା ଗଠନ ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ପହଞ୍ଚିବାକୁ ଦ୍ରୁତବେଗରେ ଅଗ୍ରସର ହେଉଛି ଯାହା ଆଜିର ଏହି ବିକାଶ ମେଳାରେ ଜନସାଧାରଣଙ୍କ ଉପଲବ୍ଧିରୁ ଜଣାଯାଏ ବୋଲି ମନ୍ତ୍ରୀ ଉଦ୍‌ବୋଧନ ଦେଇଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଚଞ୍ଚଳ ରାଣା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ନିଜ ଅଭିଭାଷଣରେ କହିଲେ ଯେ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ସମସ୍ତ ଯୁଗାନ୍ତକାରୀ ଯୋଜନାରେ ଲୋକଙ୍କୁ ପରିଚିତ କରିବା ସହ ଯୋଜନାରେ ହିତାଧିକାରୀଙ୍କୁ ସଚେତନ କରାଇ ମୁଖ୍ୟସ୍ରୋତରେ ସାମିଲ୍ କରି ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ କରିବା ଆଜି ହେଉଛି ଖୋର୍ଦ୍ଧା ବିକାଶ ମେଳାର ଉଦେଶ୍ୟ। ଏହି ମେଳାରେ ଜିଲ୍ଲାବାସୀ ସାମିଲ ହୋଇ ଯୋଜନାର ସୁଫଳ ନେବାକୁ ଆହ୍ୱାନ ଦେବାସହ ଅହମଦାବାଦ ଫ୍ଲାଇଟ୍ ଦୁର୍ଘଟଣାରେ ମୃତକଙ୍କ ପାଇଁ ଶୋକ ଏବଂ ଆହତଙ୍କ ପାଇଁ ଶୀଘ୍ର ଆରୋଗ୍ୟ କାମନା କରିଥିଲେ। ଏହି ପରିପ୍ରେକ୍ଷୀରେ ପାଇକ ବିଦ୍ରୋହ ଓ ଭାରତର ସ୍ୱାଧୀନତା ପ୍ରତି ଏହାର ଅବଦାନ ସମ୍ପର୍କରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ ଯଥା କ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅନନ୍ୟା ସୃଷ୍ଟି ଶତପଥୀ, ଡେପୁଟି କଲେକ୍ଟର, କ୍ରିଷ୍ଣା ଜେନା, ସହକାରୀ କଲେକ୍ଟର, ଦେବବ୍ରତ କର, ଡେପୁଟି କଲେକ୍ଟର ଏବଂ ସିମଲିନ ଚମ୍ପତି, ରାଜେଶ କୁମାର ସାମନ୍ତରାୟ, ଶୁଭାଲକ୍ଷ୍ମୀ ବେହେରା ପୁରସ୍କୃତ ହୋଇଥିଲେ କ୍ଷ ବସୁନ୍ଧରା ଯୋଜନାରେ ଶାନ୍ତିଲତା ବେହେରା, ପ୍ରଭାତ କୁମାର ଦାସ, କାଦମ୍ବିନୀ ଦାସ, ମାମା ସ୍ୱାଇଁ, ନାଥ ସୁବୁଦ୍ଧି,ଦୁଲାମ ମଙ୍ଗରାଜଙ୍କୁ ନେଇ ରାସନ କାର୍ଡରେ ୧୫ ହିତାଧିକାରୀ, ସାମାଜିକ ସୁରକ୍ଷା ଓ ଭିନ୍ନ କ୍ଷମ ସଶକ୍ତି କରଣରେ ବିବାହ ରାଶି ପ୍ରୋତ୍ସାହନ ପୁଜାରାନି ଗୋଛୟତଙ୍କୁ, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ଶୁକାନ୍ତ ଦାସ, ବର୍ଦ୍ଧିତ ଭତ୍ତା ମୁରଲୀଧର ବେହେରା, ଶ୍ରବଣ ବାଧିତ ଜିବାଂଶ ବେହେରା, ମାନସିକ ଅନଗ୍ରସର ଲକ୍ଷ୍ମୀପ୍ରିୟା ସାହୁ, ଶାରୀରିକ ଭିନ୍ନକ୍ଷମ ବିଜୟ ରଞ୍ଜନ ସାହୁ, ଶ୍ରବଣ ବାଡ଼ିତ ଛାତ୍ରୀ ଜ୍ୟୋସ୍ନା ମୟୀ ସାହୁ, ନିର୍ମାଣ ଶ୍ରମିକ ମୃତ୍ୟୁ କାଳୀନ ସହାୟତା, ବିବାହ ସହାୟତା, ପ୍ରସୁତିକାଳିନ ସହାୟତା, ପୁଅର ଶିକ୍ଷା ସହାୟତା, ପଞ୍ଜୀକୃତ ନିର୍ମାଣ ଶ୍ରମିକ କାର୍ଡ, ଅଣସଂଗଠିତ ପରିବାରକୁ ମୃତ୍ୟୁ କାଳୀନ ସହାୟତା, ଅଣ ସଂଗଠିତ ପଞ୍ଜୀକୃତ ଶ୍ରମିକ କାର୍ଡ ହିତାଧିକାରୀ ସହାୟତା ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଧନ୍ୟବାଦ ପ୍ରଦାନ କରିଥିଲେ। ପରିଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଟ୍ରକ୍ ପଛପଟୁ ପିଟିଲା ବାଇକ୍: ଛାତ୍ର ମୃତ

**ସାଲେପୁର,୧୩।୬/ଏନ୍ଏନ୍ଏସ୍:** କଟକ-ସାଲେପୁର ମୁଖ୍ୟ ରାସ୍ତାର ନଦୋଲଗଡା ଛକ ନିକଟରେ ଏକ ଟ୍ରକ୍ ପଛପଟେ ବାଇକ୍ ବାଡ଼େଇହୋଇ ଜଣେ ଦଶମଶ୍ରେଣୀ ଛାତ୍ରଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଛାତ୍ର ଜଣକ ହେଲେ ମୟୁରଭଞ୍ଜର ତ୍ରିଦେବ ସୋରନଙ୍କ ପୁଅ ସୁନ୍ଦର ମୋହନ ସୋରେନ। ତାଙ୍କ ବାପା ଚାକିରି କରିଥିବା ବେଳେ ପରିବାର ସହ ସାଲେପୁର କଳାରୁଦ୍ର ଗେଷ୍ଟ ହାଉସରେ ଭଡାନେଇ ରହୁଥିଲେ।



ସୂଚନା ମୁତାବକ ଦଶମଶ୍ରେଣୀ ଛାତ୍ର ସୁନ୍ଦର ମୋହନ ସୋରେନ ଭୁବନେଶ୍ୱରରୁ ବାଇକରେ ସାଲେପୁରକୁ ଫେରୁଥିବା ବେଳେ ନଦୋଲଗଡ଼ା ଛକ ନିକଟରେ ରାସ୍ତା ଉପରେ ଠିଆ ହୋଇଥିବା ଟ୍ରକ୍ ସହ ପଛପଟୁ ଦୁର୍ଘଟଣା ହୋଇଥିଲା। ଘଟଣାସ୍ଥଳରୁ ଟ୍ରକ୍‌ଟି ଫେରାର ହୋଇଯାଇଛି। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ନାବାଳ ଛାତ୍ର ଜଣକୁ ଉଦ୍ଧାରକରି ସାଲେପୁର ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ନାବାଳ ଛାତ୍ର ଜଣକୁ ମୃତ ଘୋଷଣା କରିଥିଲେ। ବାପମା'ଙ୍କ କାନ୍ଦବୋବାଳିରେ ଫାଟି ପଡ଼ିଥିଲା ମେଡିକାଲ ପରିସର। ଏକମାତ୍ର ନାବାଳକ ପୁଅକୁ ହରାଇ ବାପାମା' ଭାଙ୍ଗି ପଡ଼ିଛନ୍ତି। ଘଟଣାସ୍ଥଳରେ ସାଲେପୁର ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି।

# ଶାଗୁଆନ୍ ଜବତ, କାଠୁରିଆ ଅଟକ



**ନିଶ୍ଚିନ୍ତକୋଇଲି,୧୩।୬/ଏନ୍ଏନ୍ଏସ୍:** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟ ପରିସରରେ ବନ ବିଭାଗ ପକ୍ଷରୁ କଟାଯାଇଥିବା ଦୁଇଟି ଶାଗୁଆନ ଗଛର କାଠଗଣ୍ଡିକୁ ଜବତ କରାଯିବା ସହ ଏହି ଗଛକୁ କାଟିଥିବା ତିନିଜଣ କାଠୁରିଆଙ୍କୁ ଅଟକ ରଖାଯାଇ ପଚରା ଉଚରା କରାଯାଇଛି। ଦୀର୍ଘ ବର୍ଷ ହେବ କଲେଜ ପରିସରରେ କେତେଗୁଡିଏ ଶାଗୁଆନ ଗଛ ରହିଥିଲା। କଲେଜର ନୂତନ ଶ୍ରେଣୀଗୃହ ନିର୍ମାଣ ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯିବା ପାଇଁ ଉକ୍ତ ଶାଗୁଆନ ଗଛ ପ୍ରତିବନ୍ଧକ ସାଜିଥିଲା। ବୁଧବାର ଦିନ ଏହି କଲେଜ ପରିସର ମଧ୍ୟରେ ଥିବା ହଠାତ୍ ଦୁଇଟି ଶାଗୁଆନ ଗଛକୁ କଟାଯାଇ ନିର୍ମାଣ କାର୍ଯ୍ୟ କରାଯାଉଥିଲା। ଶାଗୁଆନ ଗଛକଟାଯିବା ସଂକ୍ରାନ୍ତରେ ସ୍ଥାନୀୟ ଅଂଚଳରୁ କେହି ବନ ବିଭାଗକୁ ଖବର ଦେବାରୁ ଘଟଣାସ୍ଥଳରେ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ହୋଇ କଲେଜ ପରିସରରେ ପଡିଥିବା ଶାଗୁଆନ ଗଛର ଗଡକୁ ଜବତ କରିଛନ୍ତି। ଏହା ସହିତ ଗଛ କଟାଳୀ ଏବଂ ସେମାନେ ବ୍ୟବହାର କରୁଥିବା ଯନ୍ତ୍ରପାତୀକୁ ମଧ୍ୟ ଜବତ କରିଥିଲେ। ସରକାରୀ ନିୟମାନୁସାରେ ଜୀଅନ୍ତା ଶାଗୁଆନୀ ଗଛ କାଟିବା ପୂର୍ବରୁ ବନ ବିଭାଗର ଅନୁମତି ନିଆଯିବା କଥା। ହେଲେ କଲେଜରେ ଠିକାଦାରୀ କରୁଥିବା ଠିକାସଂସ୍ଥା କିମ୍ୱା କଲେଜର ମୁଖ୍ୟ ଅଧ୍ୟକ୍ଷ ଏଥିପ୍ରତି ଗୁରୁତ୍ୱ ନଦେଇ ମନଇଚ୍ଛା ଶାଗୁଆନ ଗଛକୁ କଟାଯିବାର ବ୍ୟବସ୍ଥା କରିଥିଲେ। ଏଭଳି ବେଆଇନ କାର୍ଯ୍ୟକୁ ବିରୋଧ କରାଯାଇ ବନ ବିଭାଗକୁ ଖବର ଦିଆଯିବା ପରେ କଲେଜର ଗଛକୁ ବନ ବିଭାଗ ନେଇଯିବା ଦ୍ୱାରା କଲେଜ ବହୁ କ୍ଷତି ସହିଲା ବୋଲି ସାଧାରଣରେ ଚର୍ଚ୍ଚା ଯୋର ହୋଇଛି। କଲେଜରେ ଯେଉଁ କ୍ଷତି ହେଲା ସେଥିପାଇଁ ପ୍ରକୃତ ଦାୟୀ କିଏ କାର୍ଯ୍ୟ କରୁଥିବା ଠିକାଦାର ନା କଲେଜ କର୍ତ୍ତୃପକ୍ଷ। ସେ ନେଇ ତଦନ୍ତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜଳିଗଲା ବୁଣାକାରଙ୍କ ସର୍ବସ୍ୱ, ସହାୟତା ଦାବି



**ସାଲେପୁର୧୩।୬/ଏନ୍ଏନ୍ଏସ୍:** ବିଦ୍ୟୁତ୍ ସଟ୍ ସର୍କିଟ୍‌ରୁ ଜଳିଗଲା ଲକ୍ଷାଧିକ ଟଙ୍କାର ବୁଣାକାରଙ୍କ ଲୁଗା, ବୁଣା ତନ୍ତ ମେସିନ ଓ ନୂଆ ଲୁଗାପଟା। ସୂଚନା ମୁତାବକ କଟକ ଜିଲ୍ଲା ସାଲେପୁର ବ୍ଲକ୍ ସୁଧୁଖଣ୍ଡ ପଞ୍ଚାୟତର କୁଳସମୀତଙ୍ଗା ଗାଁର ପୁରୁଷୋତ୍ତମ ସାହୁଙ୍କ ତନ୍ତ କାରଖାନାରେ ବିଳମ୍ବିତ ରାତିରେ ପରିବାର ସଦସ୍ୟ ଶୋଇଥିବା ଅବସ୍ଥାରେ ବିଦ୍ୟୁତ୍ ସଟ୍ ସର୍କିଟ ହେବା କାରଣରୁ ନିଆଁ ଲାଗି ସମସ୍ତ ତନ୍ତ ମେସିନ ନୂଆ ଲୁଗା ପଟା ସହ ଗୃହ ସାମଗ୍ରୀ, ମୁଗ, ବିରି, ଧାନ ଚାଉଳ, ଆସବାବପତ୍ର ଆଦି ପ୍ରାୟ ଲକ୍ଷାଧିକ ଟଙ୍କା ମୂଲ୍ୟ ସମ୍ପତ୍ତି ଜଳି ପୋଡ଼ି ଭସ୍ମ ହୋଇଯାଇଛି। ତନ୍ତରେ ଲୁଗା ବୁଣି ପରିବାର ପ୍ରତିପୋଷଣ କରିଥାଆନ୍ତି ଏହି ପରିବାର। ଚଳିତବର୍ଷ ଋଣ ମଧ୍ୟ କରିଥିଲେ। ଏଭଳି ଅଚାନକ ନିଆଁ ଲାଗି ସବୁ ପୋଡ଼ିଗଲା ପରେ ମୁଣ୍ଡରେ ହାତଦେଇ ବସିଛନ୍ତି ପରିବାର ସଦସ୍ୟ। ସରକାରୀ ସହାୟତା ନିମନ୍ତେ ଆକୁଳ ନିବଦନ କରିଛନ୍ତି।

# ‘ଶିଶୁ ଶ୍ରମମୁକ୍ତ ଓଡ଼ିଶା, ଆମ ସଂକଳ୍ପ’ ରଥକୁ ଶୁଭାରମ୍ଭକଲେ ସାଂସଦ



**ଖୋର୍ଦ୍ଧା,୧୩।୬/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନ ବ୍ଲକରେ ବିକାଶ ବାହନର ଶୁଭାରମ୍ଭ ହୋଇଛି। ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼, ବେଗୁନିଆ, ଟାଙ୍ଗି ବ୍ଲକରେ ବିକାଶ ବାହନର ଶୁଭାରମ୍ଭ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ରାଜ୍ୟବାସୀଙ୍କୁ ଅବଗତ କରାଇବ ଏହି ରଥ। ତେବେ ଶୁଭାରମ୍ଭ ଅବସରରେ ଏକ ବର୍ଷ ପୂର୍ତ୍ତିର ଉପଲବ୍ଧି ଜନତାଙ୍କ ସହ ବାଣ୍ଟିଥିଲେ ଶ୍ରୀମତୀ ଷଡ଼ଙ୍ଗୀ। ତା ସହ ରହିଥିବା ସମସ୍ୟାର ସମାଧନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବାଘମାରୀ ବାଇପାସ କାର୍ଯ୍ୟ ତୁରନ୍ତ ଶେଷ, ବୋଲଗଡ଼ ଓ ବେଗୁନିଆକୁ ଏନ୍ଏସି ମାନ୍ୟତା, ବେଗୁନିଆରେ ୪୪ କୋଟି ଟଙ୍କାର ମେଡିକାଲ କାର୍ଯ୍ୟ ଶେଷ ହେବ ବୋଲି ସେ କହିଥିଲେ। ତା ସହ ରେଳମନ୍ତ୍ରୀଙ୍କ ସହ ଆଲୋଚନା କରି ବୋଲଗଡ଼ ରେଳଷ୍ଟେସନକୁ କାର୍ଯ୍ୟକ୍ଷମ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ତେବେ କାର୍ଯ୍ୟକ୍ରମରେ ବୋଲଗଡ଼ ବେଗୁନିଆ ବିଧାୟକ ଅନୁପସ୍ଥିତ ରହିବାକୁ ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୩୦୨ କୋଟି ଟଙ୍କା ବ୍ୟୟରେ ଲିଫ୍ଟ ଇରିଗେସନ ପ୍ରକଳ୍ପ ଆରମ୍ଭ ହେବ। ଏହି ପ୍ରକଳ୍ପ ଦ୍ୱାରା ୭୭୭୦ ହେକ୍ଟର ଜମିକୁ ଜଳସେଚିତ କରାଯିବ। ପ୍ରକଳ୍ପ ପାଇଁ ଟେଣ୍ଡର ଆରମ୍ଭ ହୋଇଛି ବୋଲି ସାଂସଦ କହିବା ପରେ ଅଞ୍ଚଳରେ ଖୁସୀର ଲହରୀ ଖେଳିଯାଇଛି। ତେବେ ୨୦୧୯ ଏବଂ ୨୦୨୪ ବିଜୟୀ କରି ସେବା କରିବାର ସୁଯୋଗ ଦେଇଥିବାରୁ ବୋଲଗଡ଼ ଏବଂ ବେଗୁନିଆବାସୀଙ୍କୁ ଧନ୍ୟବାଦ ଦେଇଥିଲେ ଭୁବନେଶ୍ୱର ସାଂସଦ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ବୋଲଗଡ଼ ବିଡିଓ, ତହସିଲଦାର, ପୂର୍ବତନ ସମିତି ସଭ୍ୟ ଅଧକ୍ଷ, ବେଗୁନିଆର ବିଡିଓ, ତହସିଲଦାର, ବ୍ଲକ ଚେୟାରମ୍ୟାନ, ଟାଙ୍ଗି ବ୍ଲକ ଅଧକ୍ଷ୍ୟ, ବେଗୁନିଆର ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ରାମ ବିଜୁଳି, ସାଂସଦଙ୍କ ପ୍ରତିନିଧି ଉପସ୍ଥିତ ଥିଲେ।

# ଦୟନୀୟ ଅବସ୍ଥାରେ ଗ୍ରାମ ଉନ୍ନୟନ ବିଭାଗ ରାସ୍ତା



**ନୟାହାଟ,୧୩।୬/ଏନ୍ଏନ୍ଏସ୍:** ଗ୍ରାମ ଉନ୍ନୟନ ଅଧୀନରେ ଥିବା ନୟାହାଟ ବଜାରରୁ ବାହାରୁଥିବା ଧୁମାଳ ଗୋହୋରି ରାସ୍ତା ବର୍ଷା ଦିନରେ ଅତି ଦୟନୀୟ ପାଲଟିଛି। ଫଳରେ ଉକ୍ତ କାଦୁଅ ରାସ୍ତାରେ ଲୋକମାନେ ଯିବା ଆସିବାବେଳ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସମ୍ପ୍ରତି ପିଚୁ ରାସ୍ତାଟି ମାଟି ରାସ୍ତାରେ ପରିଣତ ହୋଇଛି। ଦୋକାନ ବଜାରକୁ ଆବଶ୍ୟକ ଜିନିଷ ଆଣିବା ପାଇଁ ଲୋକମାନେ କାଦୁଅ ଭିତରେ ପଶି ଯିବାକୁ ଭୟ କରୁଛନ୍ତି। ଏହି ଧୁମାଳ ରାସ୍ତା ଉପରେ ନିଭରଣ, ବିନିସପୁର, ଧୁମଳ ତିନି ପଞ୍ଚାୟତ ନାଉଗାଁ, ଜଗତସିଂହପୁର ଅଞ୍ଚଳରୁ ବ୍ୟବସାୟୀମାନେ ପ୍ରତିଦିନ କିଣାବିକା କରିବାକୁ ଆସିଥାନ୍ତି। ପାରାଦୀପରୁ ପୁରୀକୁ ଯାତ୍ରୀବାହୀ ବସ ଚଳାଚଳ ମଧ୍ୟ ଏହି ରାସ୍ତା ଦେଇ କରିଥାଏ। ରାସ୍ତା ମରାମତି ନ ହେବା ଫଳରେ ବର୍ଷା ପାଣି ଜମି ରହି ରାସ୍ତାର ଅବସ୍ଥାକୁ ଦୁଇ ଗୁଣ ଖରାପ କରୁଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ନବୀନ ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି ଯେ ବେଆଇନ୍ ଭାବେ ଶିଖରଘାଟରୁ ଭାରି ବାଲି ଯାନ ଯିବା ଫଳରେ ରାସ୍ତା ନଷ୍ଟ ହେଉଛି। ବର୍ଷା ଜଳ ନିଷ୍କାସନ ପାଇଁ ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନେଜ୍‌ର ଆବଶ୍ୟକ ରହିଛି ବୋଲି ଯନ୍ତ୍ରୀ ଶ୍ରୀ ବେହେରା ପ୍ରକାଶ କରିଛନ୍ତି। ରାସ୍ତା ନିର୍ମାଣ ସମ୍ପର୍କରେ ସେ କହିଛନ୍ତି ଯେ ଆମ ପାଖରେ ବର୍ତ୍ତମାନ ଅର୍ଥ ନାହିଁ। ଯଦି ପୂର୍ତ୍ତ ବିଭାଗ ନେଇ ରାସ୍ତା ନିର୍ମାଣ କରନ୍ତା ତେବେ ଭଲ ହୁଅନ୍ତା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଧୁମଳ ଗୋହରି ରାସ୍ତା ନିର୍ମାଣ କରାଯାଉ ନଥିବାରୁ ସ୍ଥାନୀୟ ସରପଞ୍ଚ ମୋନାଲିସା ସିଂହ, ଆଲୋକ ରାୟ, ସହଦେବ ମାଣିକ ଓ ଅଭିମନ୍ୟୁ ସିଂହ ପ୍ରମୁଖ ଜନ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି।

# କେପିଏଲ୍ ଉଦ୍‌ଘାଟିତ: ମାଉଣ୍ଟ୍ ବୁଲ୍ସ୍ ଓ ଥଣ୍ଡର୍ସ ଟାଇଟନ୍ସ୍ ବିଜୟୀ

**ଓଡ଼ଗାଁ,୧୩।୬/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ନବଜ୍ୟୋତି କ୍ରିକେଟ କ୍ଲବ ଆନୁକୂଲ୍ୟରେ ରଜ ଉପଲକ୍ଷେ ୪ର୍ଥତମ କୁରାଳ ପ୍ରିମିୟର ଲିଗ୍ ଉଦଘାଟିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୪ ଗୋଟି ଦଳ ଅଂଶଗ୍ରହଣ କରିବାକୁ ଥିବାବେଳେ ଗ୍ରାମର ବରିଷ୍ଠ ନାଗରିକ ଟୁଙ୍ଗା ପ୍ରଧାନ ଫିତା କାଟି ଆନୁଷ୍ଠାନିକ ଭାବରେ ଲିଗରେ ଉଦଘାଟନ କରିଥିଲେ। ଆଜି ସମୁଦାୟ ୨ ଗୋଟି ମ୍ୟାଚ ଅନୁଷ୍ଠିତ ହୋଇଥିବାବେଳେ ୧ମ ଲିଗ ମ୍ୟାଚ ମାଉଣ୍ଟ ବୁଲସ ଓ ଫ୍ୟୁରିୟସ୍ ବ୍ଲାଷ୍ଟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧୨ ଓଭର ବିଶିଷ୍ଟ ମ୍ୟାଚରେ ମାଉଣ୍ଟ ବୁଲସ ପ୍ରଥମେ ଟସ ଜିତି ୧୬୮ ରନ ସଂଗ୍ରହ କରିଥିଲା। ଏହାକୁ ପିଛାକରି ଫ୍ୟୁରିୟସ ବ୍ଲାଷ୍ଟର୍ସ ନିର୍ଦ୍ଧାରିତ ଓଭରରେ ୧୬୨ ରନରେ ସୀମିତ ରହିଥିଲା। ଦ୍ୱିତୀୟ ଲିଗ ମ୍ୟାଚ ମାଉଣ୍ଟେନ ଫାଇଟର୍ସ ଓ ଥଣ୍ଡର ଟାଇଟନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଥଣ୍ଡର ଟାଇଟନ୍ସ ୧୭୫ ରନ ସଂଗ୍ରହ କରିଥିବାବେଳେ ମାଉଣ୍ଟେନ ଫାଇଟର୍ସ ୧୬୦ ରନ କରି ପରାସ୍ତ ହୋଇଥିଲା।ଉଭୟ ମ୍ୟାଚରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପପୁନ ସେଠୀ ୩ ଓଭର ବିନିମୟରେ ୪ ଉଇକେଟ ସଂଗ୍ରହ ଓ ବୁବୁ ୨ ଉଇକେଟ ସଂଗ୍ରହ କରି ମ୍ୟାନ ଅଫ ଦୀ ମ୍ୟାଚ ବିବେଚିତ ହୋଇଥିଲେ। ଧନେଶ୍ୱର ବେହେରା,ବାପି ସାହୁ ଓ ଦେବାଶିଷ ଦାସ ମ୍ୟାଚ ପରିଚାଳନା କରିଥିବାବେଳେ ତାରେଶ୍ୱର ପ୍ରଧାନ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିବା ଜଣାପଡ଼ିଛି।



# ୧୦୮ ଆମ୍ବୁଲାନ୍ସରେ ଅମ୍ଳଜାନ ନଥିବାରୁ ଚାଲିଗଲା ଯୁବକଙ୍କ ଜୀବନ



ରାସନକାର୍ଡରେ ନାମ ନଥିବାରୁ ମାଗଣା ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇଥିଲେ

**ନିଶ୍ଚିନ୍ତକୋଇଲି,୧୩।୬/ଏନ୍ଏନ୍ଏସ୍:** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ଗ୍ରାମର ଧ୍ରୁବ ଚରଣ ପଣ୍ଡାଙ୍କ ଜ୍ୟେଷ୍ଠପୁତ୍ର ପ୍ରଦ୍ୟୁମ୍ନ ପଣ୍ଡା(୩୩), ଡାକନାମ ଶିବୁଙ୍କର ଅକାଳ ବିୟୋଗ ହୋଇଛି। କିଛିଦିନ ହେବ ସେ ଶାରୀରିକସ୍ତରରେ ଦୁର୍ବଳ ହୋଇପଡ଼ିଥିଲେ। ଧ୍ରୁବ ଚରଣ ଜଣେ ଗରିବ ପରିବାରର ଲୋକ ହୋଇଥିବାରୁ ତାଙ୍କର ଅଭାବୀ ସଂସାରରେ ପୁଅର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା। ବହୁ କଷ୍ଟ ସହି ଜଗନ୍ନାଥଙ୍କର ସେବା ପୂଜାନୀତି କରି ନିଜର ପରିବାର ପ୍ରତିପୋଷଣ କରନ୍ତି। ଆଶା ଥିଲା ପୁଅ ବଡ ହୋଇ ରୋଜଗାର କରି ବୃଦ୍ଧ ବୟସରେ ବାପା ମାଆଙ୍କର ସେବା କରିବ। ହେଲେ ଦଇବ ସହିଲା ନାହିଁ। ପୁଅର ଦେହ ଦିନକୁ ଦିନ ଖରାପ ହେବାକୁ ଲାଗିଲା। ଅର୍ଥ ଅଭାବରୁ ମାଗିଯାଚି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କେତେବେଳେ କଟକ ବଡ଼ ମେଡିକାଲକୁ ନେଇଥିଲେ। ପ୍ରଦ୍ୟୁମ୍ନ ଘରର ବଡ଼ ପୁଅ। ହଠାତ୍ ସକାଳୁ ପ୍ରଦ୍ୟୁମ୍ନ ଶଯ୍ୟାରୁ ଉଠିପାରି ନଥିଲେ। ଶରୀରରେ ବହୁ ଯନ୍ତ୍ରଣା ହେଉଥିଲା। ସଙ୍ଗେ ସଙ୍ଗେ ଗ୍ରାମର କିଛି ସହୃଦୟ ବ୍ୟକ୍ତିଙ୍କ ସହଯୋଗରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦୮ ଆମ୍ବୁଲାନ୍ସ ଯୋଗେ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ କଟକ ବଡ଼ମେଡିକାଲକୁ ପଠାଇଥିଲେ। ହେଲେ ବାଟରେ ହଠାତ୍ ଆମ୍ବୁଲାନ୍ସ ଖରାପ ହୋଇଥିଲା। ଅପରପକ୍ଷରେ ଆମ୍ବୁଲାନ୍ସରେ ଅମ୍ଳଜାନ ନଥିବାରୁ ରୋଗୀଙ୍କଠାରେ ନ ଲାଗିବାରୁ ସେ ଅସହ୍ୟ ଯନ୍ତ୍ରଣା ମଧ୍ୟ ପାଉଥିଲେ। ସଂପୃକ୍ତ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଅନ୍ୟ ଏକ ଆମ୍ବୁଲାନ୍ସ ଡାକି ପାଗାଛକରୁ କଟକ ନେବା ପାଇଁ ୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିଳମ୍ବ ମଧ୍ୟ ହୋଇଥିଲା। ରୋଗୀଙ୍କଠାରେ ଅମ୍ଳଜାନ ନ ଲାଗିବା ଏବଂ ୧ ଘଣ୍ଟାଧରି ଆମ୍ବୁଲାନ୍ସରେ ରୋଗୀ ଯନ୍ତ୍ରଣାରେ ଛଟପଟ ହୋଇ ମୃତ୍ୟୁବରଣ କରିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ମେଡିକାଲ ଯିବା ବାଟରେ ଏଭଳି ଅଭାବନୀୟ ଘଟଣା ଘଟିଥିବା ବେଳେ ବଡ଼ମେଡିକାଲରେ ଡାକ୍ତର ଚିକିତ୍ସା କରିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇସାରିଥିବା ଜଣାପଡ଼ିଛି। ଉକ୍ତ ଯୁବକ ଜଣକ ପରିବାର ଭୂମିହୀନ ହୋଇଥିବାରୁ ମୃତ ଯୁବକ ପ୍ରଦ୍ୟୁମ୍ନଙ୍କର ନାମ ରାସନକାର୍ଡରେ ସଂଯୋଗ କରାଯାଇ ନାହିଁ। ଫଳରେ ସେ ସରକାରଙ୍କର ମାଗଣା ସ୍ୱାସ୍ଥ୍ୟ ଯୋଜନା ସୁବିଧା ପାଇବାରୁ ବଞ୍ଚିତ ହୋଇଥିଲେ। କିଛିଦିନ ହେବ ତାଙ୍କର ଦେହ ଅସୁସ୍ଥ ହୋଇଥିଲା। ସେ ଗାଁରୁ ମାଗିଯାଚି ଅର୍ଥ ଆଣି ନିଜର ଔଷଧ ଖର୍ଚ୍ଚ ବଡ଼ କଷ୍ଟରେ ତୁଲାଉଥିଲେ। ସେ ତାଙ୍କ ପରିବାର ପାଇଁ ରୋଜଗାରକ୍ଷମ ହୋଇଥିବାରୁ ପରିବାର ଚଳାଇବା ତାଙ୍କ ଉପରେ ନିର୍ଭର କରିଥାଏ। ତାଙ୍କର ଏଭଳି ମୃତ୍ୟୁ ଘଟଣା ସଂକ୍ରାନ୍ତରେ ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ତାଙ୍କର ସାନଭାଇ ପ୍ରକାଶ ପଣ୍ଡା ମୁଖାଗ୍ନି ଦେଇଥିଲାବେଳେ ଗ୍ରାମର ବହୁ ଜନସାଧାରଣ ତାଙ୍କର ଶବାଧାରରେ ସାମିଲ୍ ହୋଇଥିଲେ।

ନିତିଦିନ NITIDIN



## ରାଜ୍ୟସ୍ତରୀୟ ନାରୀ ଶକ୍ତି ସମାବେଶର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଶାର ନାରୀ ଶକ୍ତିକୁ ଶ୍ରେଷ୍ଠକରି ଗଢ଼ିତୋଳିବା ଏକମାତ୍ର ଉଦ୍ଦେଶ୍ୟ

### ସୁଭଦ୍ରା ଯୋଜନାର ସଫଳତା ଆମ ବଳିଷ୍ଠ ସଂକଳ୍ପର ଏକ ପ୍ରକୃଷ୍ଟ ଉଦାହରଣ: ମୁଖ୍ୟମନ୍ତ୍ରୀ



**କଟକ,୧୩।୬/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା କଟକର ବାଲିଯାତ୍ରା ପଡ଼ିଆ ଠାରେ ଆଜି ରାଜ୍ୟସ୍ତରୀୟ ନାରୀ ଶକ୍ତି ସମାବେଶ ଆୟୋଜିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ କହିଛନ୍ତି ଯେ ନାରୀଙ୍କୁ ସମ୍ମାନ ପ୍ରଦାନ କରିବା ଆମ ରାଜନୈତିକ ପ୍ରଶିକ୍ଷଣର ପ୍ରଥମ ଶିକ୍ଷା। ଏହି ସମାବେଶର ଏକମାତ୍ର ଉଦ୍ଦେଶ୍ୟ ହେଉଛି, ଓଡ଼ିଶାର ନାରୀ ଶକ୍ତିକୁ ଆମର ସବୁଠାରୁ ଶ୍ରେଷ୍ଠ ଶକ୍ତି କରି ଗଢ଼ିତୋଳିବା। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସରକାର ଏକ ବର୍ଷ ପୂରଣ ପରେ ଦ୍ୱିତୀୟ ବର୍ଷର ପ୍ରଥମ କାର୍ଯ୍ୟକ୍ରମ ହେଉଛି ଆମର ଏହି ନାରୀ ଶକ୍ତି ସମାବେଶ। କାରଣ ଆମେ ବିଶ୍ୱାସ କରୁ ଯେ ଯେତେ ପର୍ଯ୍ୟନ୍ତ ରାଜ୍ୟର ଅଧା ଜନସଂଖ୍ୟାର ବିକାଶ ହୋଇ ନାହିଁ, ରାଜ୍ୟ କେବେ ବି ବିକଶିତ ହୋଇ ପାରିବ ନାହିଁ। ଐତିହାସିକ ସହର କଟକ ଠାରେ ଏହିକାର୍ଯ୍ୟକ୍ରମର ଶୁଭାରମ୍ଭ ଓଡ଼ିଶାର ମାଆ ଓ ଭଉଣୀମାନଙ୍କ ପାଇଁ ଏକ ସୁବର୍ଣ୍ଣ ଯୁଗ ଆଣିବ ବୋଲି ମୁଁ ଦୃଢ଼ ନିଶ୍ଚିତ। ନାରୀ ମାନଙ୍କ ସଶକ୍ତିକରଣ ପାଇଁ ଆମର ସବୁଠୁ ଯୁଗାନ୍ତକାରୀ ଯୋଜନା ହେଉଛି ସୁଭଦ୍ରା ଯୋଜନା। ସୁଭଦ୍ରା ଯୋଜନା ହେଉଛି ଓଡ଼ିଶାର ଇତିହାସରେ ସବୁଠାରୁ ବଡ଼ ମହିଳା କଲ୍ୟାଣ କାର୍ଯ୍ୟକ୍ରମ। କେବଳ ମହିଳା ନୁହେଁ ଏତେ ବୃହତ ସାମାଜିକ କଲ୍ୟାଣକାରୀ ଯୋଜନା ପୂର୍ବରୁ କରାଯାଇ ନଥିଲା। ସୁଭଦ୍ରା ଯୋଜନାର ସଫଳତା ଆମ ବଳିଷ୍ଠ ସଂକଳ୍ପର ଏକ ପ୍ରକୃଷ୍ଟ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହିଳାଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ପାଇଁ ପ୍ରଧାନମନ୍ତ୍ରୀ 'ଲକ୍ଷପତି ଦିଦି'ଯୋଜନାର ପରିକଳ୍ପନା କରିଥିଲେ। ଏହା ଆମ ରାଜ୍ୟ ପାଇଁ, ବିଶେଷ ଭାବେ ଆମ ରାଜ୍ୟର ମା'ମାନଙ୍କ ପାଇଁ ଖୁସିର ବିଷୟ ଯେ ଓଡ଼ିଶା ବର୍ତ୍ତମାନ 'ଲକ୍ଷପତି ଦିଦି' ସୃଷ୍ଟି କରିବାରେ ସମଗ୍ର ଭାରତରେ ପ୍ରଥମ ସ୍ଥାନରେ ଅଛି। ଆମେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିଛୁ। ଚଳିତ ବର୍ଷ ରାଜ୍ୟର ସମସ୍ତ ସରକାରୀ ବିଭାଗ ମିଳିତ ଭାବରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୩,୬୯୫ କୋଟି ଟଙ୍କାର ବ୍ୟବସାୟିକ ସୁଯୋଗ ପ୍ରଦାନ କରିଛନ୍ତି। ଏହା ଆମ ରାଜ୍ୟର ଇତିହାସରେ ସର୍ବକାଳୀନ ରେକର୍ଡ। ୩.୦୭ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରାୟ ୩୦୦ କୋଟି ଟଙ୍କାର ସୁଧ ଫେରସ୍ତ କରାଇ ସେମାନଙ୍କର ଆର୍ଥିକ ସ୍ୱପ୍ନକୁ ସାକାର କରିବାରେ ସହାୟକ ହୋଇଛୁ। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ମାଧ୍ୟମରେ ଆମେ ମହିଳା ଓ ପିଲାମାନଙ୍କ ସୁସ୍ଥ ଭବିଷ୍ୟତ ପାଇଁ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ଯୋଗାଇଦେବାର ବ୍ୟବସ୍ଥା କରୁଛୁ। ଚଳିତ ବର୍ଷ ବଜେଟରେ କେବଳ ମହିଳାଙ୍କ ପାଇଁ ୮୯ ହଜାର ୮୬୧ କୋଟି ଟଙ୍କାର ପ୍ରାବଧାନ ମହିଳାଙ୍କ ପାଇଁ ଆମର ପ୍ରତିବଦ୍ଧତା। ମହିଳା ସଶକ୍ତିକରଣରେ ଓଡ଼ିଶା ଦେଶର ଏକ ମଡେଲ ରାଜ୍ୟ ଭାବରେ ଅନ୍ୟ ରାଜ୍ୟ ମାନଙ୍କ ପାଇଁ ପ୍ରେରଣା ହେବ।

ଏଥିରେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନାରୀ ଶକ୍ତିର ଅମୃତ ଚେତନାରେ ଉଦ୍ଦୀପିତ ହୋଇ ଏକ ବିକଶିତ, ସମୃଦ୍ଧ ଏବଂ ଗର୍ବିତ ଓଡ଼ିଶା ଗଢ଼ିବା ପାଇଁ ସଂକଳ୍ପ ନେବା ପାଇଁ ଆହ୍ୱାନ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଥିଲେ ଯେ ଏହି ଉତ୍ସବ କେବଳ ସମ୍ମାନର ନୁହେଁ, ବରଂ ଓଡ଼ିଶାକୁ ଏକ ସମାନତା, ସମୃଦ୍ଧି ଓ ପ୍ରଗତିର ରାଜ୍ୟ ଭାବେ ଗଠନ କରିବାର ସଂକଳ୍ପ ଉତ୍ସବ। ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପୋଷଣ ଅଭିଯାନରେ ତୃଣମୂଳ ସ୍ତରରୁ ରାଜ୍ୟସ୍ତରର ବିଭିନ୍ନ ଲିଖିତ ଓ ଫଟୋ ଚିତ୍ର ସମ୍ବଳିତ ଏକ କଫି ଟେବୁଲ ବୁକ ମୁଖ୍ୟମନ୍ତ୍ରୀ ଓ ସମସ୍ତ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏଥିସହିତ ମହିଳା ସଶକ୍ତିକରଣ ବିଭାଗ ଦ୍ୱାରା ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମହିଳାମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା, ନିଆଳି ବିଧାୟକ ଛବି ମଲ୍ଲିକ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଓ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରମୁଖ ମଂଚାସୀନ ଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଧନ୍ୟବାଦ ଦେଇଥିଲେ।

# ଅଜଣା ଗାଡ଼ି ଧକ୍କାରେ ୩ ଯୁବକ ମୃତ

### ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**କେନ୍ଦୁଝର,୧୩।୬/ଏନ୍‌ଏନ୍‌ଏସ୍:** ସଦର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୪୯ର ଠାକୁରଡିହି ଛକରେ ଶୁକ୍ରବାର ଅପରାହ୍ନରେ ଏକ ଅଜଣା ଗାଡି ଧକ୍କାରେ ୩ଜଣଙ୍କ ମୃତ୍ୟୁ ହୋଇଛି । ଶୁଆକାଟୀରୁ ୩ଜଣ ଏକ ଏକ ମୋଟର ସାଇକେଲରେ ରଜ ଉପଲକ୍ଷେ ଡ୍ରେସ କିଣିବା ପାଇଁ କେନ୍ଦୁଝର ଅଭିମୁଖେ ଆସୁଥିବାବେଳେ ପଛପଟୁ କେନ୍ଦୁଝର ଆସୁଥିବା ଏକ ଟ୍ରକ ଧକ୍କା ଦେଇଥିଲା । ଗାଡି ଧକ୍କାରେ ସନଥ ନାଏକ(୧୮)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଗୁରୁତର ଆହତ ୨ଜଣ ବାଦଲ ନାଏକ(୨୪) ଓ ବିଭୁ ବାରିକ(୧୬)ଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ଚିକିତ୍ସାଧିନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ହୋଇଥିଲା । ମୃତକମାନଙ୍କ ଘର ବାଂଶପାଳ ବ୍ଲକ ଅନ୍ତର୍ଗତ ଶୁଆକାଟୀ ଗ୍ରାମରେ ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ପୁଲିସ ଲୋକଙ୍କୁ ବୁଝାସୁଝା କରିବା ପରେ ୧ଘଣ୍ଟା ପରେ ରାସ୍ତାରୋକ ହଟିଥିଲା । ତେବେ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଚିହ୍ନଟ କରାଯାଇଛି ବୋଲି ସଦର ଥାନା ଅଧିକାରୀ ଅମିତ କୁମାର ଭୂୟାଁ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଏହି ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ଶ୍ରୀ ମାଝୀ ଘୋଷଣା କରିଛନ୍ତି।

# ଏବିପିଏମ୍‌ଜେଏୱାଇ-ଜିଜେଏୱାଇ କାର୍ଡ ବଣ୍ଟନ ୧ କୋଟି ଟପିଲା

**ଭୁବନେଶ୍ୱର,୧୩।୬/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ ହୋଇଛି। ଚଳିତ ବର୍ଷ ଏପ୍ରିଲ ୧୧ ତାରିଖ ଦିନ ଶୁଭାରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ- ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଏବିପିଏମ୍‌ଜେଏୱାଇ-ଜିଜେଏୱାଇ)ରେ ଯୁଗ୍ମ କାର୍ଡ ବଣ୍ଟନ ୧ କୋଟି ଟପିଛି। ଏହାଛଡ଼ା ଆର୍ଥିକ ଓ ସାମାଜିକ ବର୍ଗ ନିର୍ବିଶେଷରେ ସମସ୍ତ ୭୦ ବର୍ଷ ବା ତଦୁର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ସାମିଲ କରାଯାଇଛି। ସେମାନଙ୍କ କାର୍ଡ ପାଇଁ ବିକାଶ-ବାହନ ଯାତ୍ରା କାଳରେ ଶତ ପ୍ରତିଶତ ଇକେୱାଇସି ଶେଷ କରିବାକୁ ବିଭାଗ ତରଫରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନକୁ ପୂର୍ଣ୍ଣ ମାତ୍ରାରେ ସଫଳ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ତଥା ରାଜ୍ୟ ସ୍ୱାସ୍ଥ୍ୟ ଭରସା ସମିତି(ସାସ୍) ଅଧ୍ୟକ୍ଷ ଅଶ୍ୱତୀ ଏସ୍ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ କାଲି ରାଜ୍ୟର ସମସ୍ତ ଜିଲ୍ଲାରେ ସମୁଦାୟ ୧ କୋଟି ୪୧ ହଜାର ୮୬୩ ଟି ଏବିପିଏମ୍‌ଜେଏୱାଇ-ଜିଜେଏୱାଇ ଯୁଗ୍ମ କାର୍ଡ କାର୍ଡ ବଣ୍ଟାଯାଇଛି। କାର୍ଡ ବଣ୍ଟନରେ ଗଞ୍ଜାମ, ମୟୂରଭଞ୍ଜ, କଟକ ଓ ବଲାଙ୍ଗୀର ଆଦି ଜିଲ୍ଲା ଆଗୁଆ ଅଛନ୍ତି। ଗଞ୍ଜାମ ଜିଲ୍ଲାରେ ୭.୯୬ ଲକ୍ଷ କାର୍ଡ ବଣ୍ଟା ହୋଇଥିବା ବେଳେ ମୟୂରଭଞ୍ଜରେ ୭.୩୩ ଲକ୍ଷ, କଟକରେ ୬.୮୮ ଲକ୍ଷ ଏବଂ ବଲାଙ୍ଗୀରରେ ୫.୩୪ ଲକ୍ଷରୁ ଅଧିକ କାର୍ଡ ବଣ୍ଟାଯାଇଛି। ସମସ୍ତ ୩୦ ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଡ ବଣ୍ଟନ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ମୌସୁମୀ ବାୟୁ ପ୍ରଭାବରେ ସାତ ଦିନ ବର୍ଷା

**ଭୁବନେଶ୍ୱର,୧୩।୬/ଏନ୍‌ଏନ୍‌ଏସ୍:** ରାଜ୍ୟରେ ମୌସୁମୀ ବାୟୁ ପ୍ରଭାବରେ ଆଗାମୀ ସାତ ଦିନ ପାଇଁ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ମଧ୍ୟ ଓଡ଼ିଶାର କିଛି ଅଂଶକୁ ମୌସୁମୀ ଆଗକୁ ବଢ଼ିବ ବୋଲି ପୂର୍ବାନୁମାନ କରାଯାଇଛି। ସେହିପରି ଦକ୍ଷିଣ ଉପକୂଳ ଆନ୍ଧ୍ରପ୍ରଦେଶ ଓ ଉତ୍ତର ଉପକୂଳ ଓଡ଼ିଶାର ଉପରି ଭାଗରେ ଏକ ଘୂର୍ଣ୍ଣିଝଡ଼ ଥିବାରୁ ଆଗାମୀ ସାତ ଦିନ ପାଇଁ ବର୍ଷା ରହିବ। କେତକ ସ୍ଥାନରେ ରଜରେ ପ୍ରବଳ ବର୍ଷା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଏପରିକି କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହିତ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସହ ବଜ୍ରପାତ ମଧ୍ୟ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ପବନ ଘଣ୍ଟା ପ୍ରତି ୩୦ରୁ ୪୦କିମି ବେଗରେ ବହିବାର ପୂର୍ବାନୁମାନ ହୋଇଛି। ୧୪ ତାରିଖ ଅର୍ଥାତ ପହିଲି ରଜରେ ମଧ୍ୟ କେତେକ ସ୍ଥାନରେ ହାଲୁକା ଓ ମଧ୍ୟମ ଧରଣର ବର୍ଷା ସହ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ହେବ। ସେହିପରି ୧୫ ତାରିଖରେ ବିଜୁଳି ଘଡ଼ଘଡ଼ିର ଚେତାବନୀ ନାହିଁ କିନ୍ତୁ ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଜାରି ରହିବ। କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ନବରଙ୍ଗପୁର, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିବ। ଶେଷ ରଜ ଅର୍ଥାତ ୧୬ ତାରିଖରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଜାରି ରହିବ। ବିଶେଷ କରି ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ସୁନ୍ଦରଗଡ଼, ଗଞ୍ଜାମ, ଗଜପତି ଓ ରାୟଗଡ଼ାରେ ପ୍ରବଳ ବର୍ଷା ଜାରି ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।ମୌସୁମୀ ବର୍ଷା ଯୋଗୁଁ ରାଜ୍ୟରେ ତାପମାତ୍ରା ଦୁଇରୁ ତିନି ଡିଗ୍ରି ପର୍ଯ୍ୟନ୍ତ ହ୍ରାସ ପାଇବ। ବିଗତ କିଛି ଦିନ ଧରି ଯେଉଁ ତାପମାତ୍ରା ବୃଦ୍ଧି ଓ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଦେଖିବାକୁ ମିଳିଥିଲା ସେଥିରୁ କ୍ଷାନ୍ତ ମିଳିବ। ଗତ ୨୪ଘଣ୍ଟାରେ ଝାରସୁଗୁଡାରେ ୩୭.୬ ଡିଗ୍ରି ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ସବୁଠୁ କମ ତାପମାତ୍ରା ସର୍ବନିମ୍ନ ଅନୁଗୁଳରେ ୨୨ଡିଗ୍ରି ସେଲସିୟସ ରେକର୍ଡ କରାଯାଇଛି। ୨୪ ଘଣ୍ଟାରେ ମୟୂରଭଞ୍ଜରେ ସର୍ବାଧିକ ୩୨.୨ ମିମି ବର୍ଷା ରେକର୍ଡ କରାଯାଇ ଥିବାବେଳେ ରାୟଗଡାରେ ସର୍ବନିମ୍ନ ୧୬.୫ ମିମି ବର୍ଷା ରେକର୍ଡ କରାଯାଇଛି।

## ଦୁଇ ମାଓବାଦୀ ଗିରଫ

**ମାଲକାନଗିରି,୧୩।୬/ଏନ୍‌ଏନ୍‌ଏସ୍:** ମାଲକାନଗିରି ଜିଲ୍ଲା ପୁଲିସ ଦୁଇ ଜଣ ହାର୍ଡକୋର ମାଓବାଦୀଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିବାରେ ସଫଳ ହୋଇଛି। ଗିରଫ ଦୁଇ ମାଓବାଦୀ ଛତିଶଗଡ଼ ବସ୍ତର ଜିଲ୍ଲାର କେସା କବାସୀ ଓ ବିଜାପୁର ଜିଲ୍ଲା ତାମୋଡ ଗ୍ରାମର ରାକେଶ ଓରଫ ସାନୁ କୁମା ବୋଲି ଜଣାପଡିଛି । ସେମାନେ ସିପିଆଇ ମାଓବାଦୀ ସଂଗଠନରେ ଏସିଏମ୍ ଭାବେ କାର୍ଯ୍ୟ କରୁଥିଲେ। ଏପରିକି ସେମାନେ ଛତିଶଗଡର ବିଭିନ୍ନ ହିଂସାକାଣ୍ଡରେ ସଂପୃକ୍ତ ଥିଲେ। ଏ ସମ୍ପର୍କରେ ମାଲକାନଗିରି ଜିଲ୍ଲା ଏସପି ବିନୋଦ ପାଟିଲଙ୍କ ସୂଚନା ଅନୁଯାୟୀ ଗୁରୁବାର ରାତିରେ ଜିଲ୍ଲା ପୁଲିସ ମାଥିଲି ଥାନା ଅନ୍ତର୍ଗତ ସୋଡିଗୁଡ଼ା ଓ ତେନ୍ତୁଳିଗୁଡା ଗ୍ରାମ ମଧ୍ୟରେ ଥିବା ଜଙ୍ଗଲରେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଭୋର ସକାଳ ସମୟରେ କିଛି ମାଓବାଦୀ ଜଙ୍ଗଲ ମଧ୍ୟରେ ଯାଉଥିବା ଦେଖି ପୁଲିସ ତାଙ୍କର ପିଛା କରିବା ସହ ଆତ୍ମସମର୍ପଣ କରିବାକୁ କହିଥିଲେ। କିନ୍ତୁ ମାଓବାଦୀମାନେ କର୍ଣ୍ଣପାତ ନକରି ଓଲଟା ଗୁଳି ଚଲାଇ ଥିଲେ। ଫଳରେ ପୁଲିସ ଏହାର ପାଲଟା ଜବାବ ଦେଇଥିଲା। ଏଥିରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ହେଲେ ପୁଲିସ ଦୁଇଜଣ ମାଓବାଦୀଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ପୁଲିସ ଘଟଣାସ୍ଥଳରୁ ଅସ୍ତ୍ରଶସ୍ତ୍ର ଓ ମାଓବାଦୀ ସାମଗ୍ରୀ ଜବତ କରିଥିଲା।

# ପ୍ରତି ପଞ୍ଚାୟତରେ ଖୋଲିବ ଜନ ପୋଷଣ କେନ୍ଦ୍ର: ମନ୍ତ୍ରୀ

**ଭୁବନେଶ୍ୱର,୧୩।୬/ଏନ୍‌ଏନ୍‌ଏସ୍:** ପ୍ରତି ପଞ୍ଚାୟତରେଜନ ପୋଷଣ କେନ୍ଦ୍ର ଖୋଲିବ ବୋଲି ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଏହି କେନ୍ଦ୍ରରେ ରିହାତି ଦରରେ ରାସନ ସାମଗ୍ରୀ ଯୋଗାଇ ଦେବେ ସରକାର। ସବସିଡି ଦରରେ ମିଳିବ ଚାଉଳ, ଅଟା, ଚିନି, ଲୁଣ, ଡାଲି ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ। ପାଇଲଟ ପ୍ରକଳ୍ପ ଭାବେ ପ୍ରାଥମିକ ଭାବେ ୫ଟି ପୋଷଣ କେନ୍ଦ୍ର ଖୋଲିବାକୁ ଯୋଜନା କରିଛି ବିଭାଗ। ମଧ୍ୟବିତ୍ତ ବର୍ଗ ଲୋକଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି ମୋହନ ସରକାର। ଯୋଗ୍ୟତା ମାପଦଣ୍ଡ କଣ ରହିବ ସେ ନେଇ ବିଭାଗ ଗାଇଡଲାଇନ ପ୍ରସ୍ତୁତ ହେଉଛି।

### ରିହାତି ଦରରେ ମିଳିବ ରାସନ ସାମଗ୍ରୀ

ଏନେଇ ଶ୍ରୀ ପାତ୍ର କହିଛନ୍ତି ଯେ ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ଜନ ପୋଷଣ କେନ୍ଦ୍ର ଖୋଲିବା ପାଇଁ ଯୋଜନା ରହିଛି। ଜନ ପୋଷଣ କେନ୍ଦ୍ର ଖୋଲିବା ପାଇଁ ପ୍ରକ୍ରିୟା ଚାଲିଛି। ଜନ ପୋଷଣ କେନ୍ଦ୍ରରେ ଚାଉଳ, ଅଟା, ତେଲ, ଚିନି, ଲୁଣ, ଡାଲି ପରି ଅତ୍ୟାବଶ୍ୟକୀୟ ସାମଗ୍ରୀ ମିଳିବ। ରିହାତି ଦରରେ ଏହାକୁ ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଉଛି। କେବଳ ବିପିଏଲ ନୁହଁନ୍ତି ଏପିଏଲ ବର୍ଗର ଲୋକ ମଧ୍ୟ ଏହା ପାଇ ପାରିବେ। ଏହାର ଯୋଜନା ଚାଲିଛି। ବିଭାଗ ଏନେଇ କାର୍ଯ୍ୟ ଆରମ୍ଭ କରିଛି। ବାରମ୍ବାର ଏ ଯୋଜନାକୁ ନେଇ ବୈଠକ ମଧ୍ୟ ବସିଛି। ଏଥିପାଇଁ ଗୋଟେ ଟିମ ଗଠନ ହୋଇଛି। ଏହି ଟିମ ଏ ଦିଗରେ କାର୍ଯ୍ୟ କରୁଛି। ଯୋଜନାକୁ ଲାଗୁ କରିବା ସହ ସଫଳ କରିବା ପାଇଁ ଚେଷ୍ଟା କରୁଛୁ। ଉକ୍ତ ଜନ ପୋଷଣ କେନ୍ଦ୍ରରେ ରାସନ କାର୍ଡ ଧାରୀଙ୍କ ସାମଗ୍ରୀ ମଧ୍ୟ ମିଳିବ। ରାସନ କାର୍ଡ ଧାରୀଙ୍କୁ ମାଗଣା ଚାଉଳ ଓ ରିହାତି ଦରରେ ଚାଉଳ ମଧ୍ୟ ମିଳିବ।ଯୋଗାଣ ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଉଚ୍ଚା ଦରମା ଯୁକ୍ତ ବ୍ୟକ୍ତି ଏହି ଯୋଜନାର ଲାଭ ପାଇବେ ନାହିଁ। ମଧ୍ୟବିତ୍ତ ବର୍ଗ ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଯାହାଙ୍କ ଦରମା ୫୦ ହଜାରରୁ କମ ଥିବ ସେମାନେ ଏଥିରେ ସାମିଲ ହୋଇ ସବସିଡି ଯୁକ୍ତ ସାମଗ୍ରୀ ପାଇବେ। ମାସକ ମଧ୍ୟରେ ଏହା ଆରମ୍ଭ କରିବା ଲାଗି ଯୋଜନା ରହିଛି। ପୁରୁଣା ଡିଲର, ସ୍ୱୟଂ ସହାୟକ ଗୋଷୀ ମାନେ ଏହାର ପରିଚାଳନା ଦାଇତ୍ୱରେ ରହିବେ। ଯୋଗ୍ୟତା ମାପଦଣ୍ଡ କଣ ରହିବ ସେ ନେଇ ବିଭାଗ ଗାଇଡଲାଇନ ପ୍ରସ୍ତୁତ କରୁଛି ବୋଲି ମନ୍ତ୍ରୀ କହିଛନ୍ତି।

## ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

# ଜଳ ଓ ଭେକ୍ଟର ବାହିତ ରୋଗ ନିରାକରଣ କାର୍ଯ୍ୟକ୍ରମକୁ ବ୍ୟାପକ କର

**ଭୁବନେଶ୍ୱର,୧୩।୬/ଏନ୍‌ଏନ୍‌ଏସ୍:** ବର୍ଷାଋତୁର ପ୍ରାରମ୍ଭରେ ଜଳ ଓ ଭେକ୍ଟର ବାହିତ ରୋଗ ଗୁଡିକର ନିରାକରଣ, ପ୍ରତିଷେଧ ଓ ପରିଚାଳନା ନିମନ୍ତେ ସମସ୍ତ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ଲକ୍ଷ୍ୟଭେଦୀ କରିବା ପାଇଁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ଆଜି ଲୋକସେବା ଭବନ ସଭାଗୃହଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏ ଦିଗରେ ବର୍ତ୍ତମାନ ପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପ ଗୁଡିକର ସମୀକ୍ଷା କରି ଶ୍ରୀ ଆହୁଜା ଏହି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍ ସଦ୍ୟତନ ତଥ୍ୟ ଓ ତତ୍ ସମ୍ବନ୍ଧୀୟ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ବୈଠକରେ ମୁଖ୍ୟତଃ ବର୍ଷା ଦିନିଆ ରୋଗ ଯଥା ଡାଇରିଆ, ଜଣ୍ଡିସ୍, ମ୍ୟାଲେରିଆ, ଡେଙ୍ଗୁ ଆଦି ରୋଗର ପ୍ରତିରୋଧ ଓ ଚିକିତ୍ସା ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ଜିଲ୍ଲାୱାରୀ ସ୍ଥିତିର ସମୀକ୍ଷା କରି କ୍ଷେତ୍ରସ୍ତରରେ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବୀ କରିବା, ଘରକୁ ଘର ସର୍ବେକ୍ଷଣ କରି ଆରମ୍ଭରୁ ରୋଗର ଚିହ୍ନଟ କରିବା, ସରକାରୀ ଡାକ୍ତରଖାନା ମାନଙ୍କରେ ଶଯ୍ୟା ସଂଖ୍ୟା ବୃଦ୍ଧି କରିବା, ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା, ସ୍ୱାସ୍ଥ୍ୟ କେନ୍ଦ୍ର ଓ ହସ୍ପିଟାଲ ମାନଙ୍କରେ ଆବଶ୍ୟକୀୟ ଔଷଧ ଓ ସାଲାଇନ୍ ଆଦି ମହଜୁଦ ରଖିବା ଆଦି ନିଶ୍ଚିତ କରାଇବା ପାଇଁ ଶ୍ରୀ ଆହୁଜା ନିର୍ଦ୍ଦେଶ ଦେଇଥିଲେ।

ଆଶାକର୍ମୀ, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି କର୍ମୀ, କମ୍ୟୁନିଟି ହେଲ୍ଥ ୱାର୍କର ଆଦି କ୍ଷେତ୍ରସ୍ତରୀୟ କର୍ମୀମାନଙ୍କୁ ସଠିକଭାବେ ଅନୁପ୍ରେରିତ କରି ଗ୍ରାମ ଓ ୱାର୍ଡ ସ୍ତରରେ ସମସ୍ତ ରୋଗ ପ୍ରତିରୋଧ କାର୍ଯ୍ୟକ୍ରମ ଦୃଢ଼ୀଭୁତ କରିବାକୁ ବୈଠକରେ ସ୍ଥିର ହୋଇଥିଲା। ଗ୍ରାମ ଓ ସହରାଞ୍ଚଳରେ ଥିବା ସମସ୍ତ ନଳକୂପ ଓ ପାନୀୟ ଜଳସ୍ରୋତକୁ ନିୟମିତ ଭାବେ ବିଶୋଧିତ କରିବା ପାଇଁ ଜଳଯୋଗାଣ ବିଭାଗ ଯନ୍ତ୍ରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଶିକ୍ଷାନୁଷ୍ଠାନ ପରିସରରେ ଥିବା ନଳକୂପ, କୂପ ଓ ପାଣିଟାଙ୍କି ଆଦିକୁ ବୈଜ୍ଞାନିକ ପଦ୍ଧତିରେ ସଠିକ ଭାବେ ବିଶୋଧିତ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଦୂରଦୂରାନ୍ତ ଅଞ୍ଚଳରେ ମୋବାଇଲ୍ ହେଲ୍ଥ ୟୁନିଟ୍ ଗୁଡିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବଙ୍କୁ ପରାମର୍ଶ ଦିଆଯାଇଥିଲା। ମ୍ୟାଲେରିଆ ଓ ଡେଙ୍ଗୁ ପ୍ରବଣ ଅଞ୍ଚଳମାନଙ୍କରେ "ଦମନ" କାର୍ଯ୍ୟକ୍ରମକୁ ସଘନ ଓ ବ୍ୟାପକ କରିବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ବର୍ଷାଋତୁଜନିତ ରୋଗର ସର୍ବେକ୍ଷଣ, ଚିକିତ୍ସା ଓ ପରିଚାଳନା ନିମନ୍ତେ ଜିଲ୍ଲାସ୍ତରରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବା ପାଇଁ ମଧ୍ୟ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଯାଜପୁର ଓ ଭଦ୍ରକ ଜିଲ୍ଲାର କେତେକ ଯାଗାରେ ଦେଖାଦେଇଥିବା ଡାଇରିଆ ରୋଗ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ହାଇବ୍ରିଡ୍ ମୋଡ୍ରେ ଅନୁଷ୍ଠିତ ଏହି ବୈଠକରେ ସବୁ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯାଜପୁର ଜିଲ୍ଲା ନିରୀକ୍ଷଣ ଦାୟିତ୍ୱରେ ଥିବା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଗିରୀଶ ଏସ୍.ଏନ୍ ଏବଂ ବିଭାଗର ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ଯାଜପୁରରୁ କ୍ଷେତ୍ରୀୟ ସ୍ଥିତି ଓ ଜାରି ରହିଥିବା ପ୍ରତିକାରାତ୍ମକ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ।



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ରକ୍ତଦାତା ଦିବସ
୧୪ ଜୁନ୍ ୨୦୨୫

"ରକ୍ତ ଦାନ କରନ୍ତୁ, ଅମୂଲ୍ୟ ଜୀବନ ବଞ୍ଚାନ୍ତୁ"



ରକ୍ତ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଛି

ଆପଣ ବି ଜଣେ ସ୍ୱେଚ୍ଛାକୃତ ରକ୍ତଦାତା ହୋଇପାରିବେ ଯଦି ଆପଣଙ୍କର:
- ବୟସ ୧୮ ରୁ ୬୫ ବର୍ଷ ମଧ୍ୟରେ
- ଶରୀରର ଓଜନ ୪୫ କି.ଗ୍ରା.ରୁ ଅଧିକ
- ନାଡିର ଗତି ପ୍ରତି ମିନିଟ୍ ୬୦ ରୁ ୧୦୦ ମଧ୍ୟରେ ଓ ନିୟମିତ ଅଛି
- ରକ୍ତଚାପ ସିଷ୍ଟୋଲିକ୍ ୧୦୦ ରୁ ୧୪୦ ମି.ମି. ଓ ଡାଇଷ୍ଟୋଲିକ୍ ୬୦ରୁ ୯୦ ମି.ମି. ମଧ୍ୟରେ ଅଛି
- ହିମୋଗ୍ଲୋବିନ୍‌ର ସ୍ତର ୧୨.୫ ଗ୍ରା. ବା ତା'ଠାରୁ ଅଧିକ
- ଶରୀରର ତାପମାତ୍ରା ୩୭ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ନଥିବ

ଅଧିକ ସୂଚନା ପାଇଁ ଜିଲ୍ଲା/ଉପଖଣ୍ଡ ସ୍ତରୀୟ ରକ୍ତ କେନ୍ଦ୍ର କିମ୍ବା ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ, ଭୁବନେଶ୍ୱର ସହ ପରାମର୍ଶ କରନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10003/13/0200/2526 DSPL-118

# ସର୍ଜରୀ ବିଶେଷଜ୍ଞଙ୍କୁ ନେଇ ଏସ୍‌ଫିକନ୍ ଓ ୱେସ୍‌କନ୍

**ଭୁବନେଶ୍ୱର,୧୩।୬/ଏନ୍‌ଏନ୍‌ଏସ୍:** ଏଣ୍ଡୋସ୍କୋପିକ ସ୍ପାଇନ୍ ଫାଉଣ୍ଡେଶନ୍ (ଇଣ୍ଡିଆ) ପକ୍ଷରୁ ଭୁବନେଶ୍ୱରରେ ଏଣ୍ଡୋସ୍କୋପିକ୍ ସ୍ପାଇନ ସର୍ଜରୀ ବିଷୟବସ୍ତୁ ଉପରେ ୬ଷ୍ଠ ଏସ୍‌ଫିକନ୍ ଓ ୱେସ୍‌କନ୍ ଅନୁଷ୍ଠିତ ହେଉଛି। ଏଣ୍ଡୋସ୍କୋପିକ ରିଡିଫାଇନିଂ ସ୍ପାଇନ ବାଉଣ୍ଡ୍ରିଜ' ବିଷୟବସ୍ତୁ ଅଧିନରେ ଏହି ସମ୍ମିଳନୀରେ ଉଦ୍ଭାବନ, ଶିକ୍ଷା ଓ ପ୍ରଶିକ୍ଷଣ ମାଧ୍ୟମରେ ମିନିମାଲି ଇନଭାସିଭ ସ୍ପାଇନ କେୟାର୍‌ର ଅଗ୍ରଗତି ପାଇଁ ୨୫୦ରୁ ଅଧିକ ଆନ୍ତର୍ଜାତୀୟ ବିଶେଷଜ୍ଞ ଏକତ୍ରିତ ହେବେ। ଏହି କାର୍ଯ୍ୟକ୍ରମରେ ଲାଇଭ୍ ସର୍ଜିକାଲ ପ୍ରଦର୍ଶନୀ ଅନ୍ତର୍ଭୁକ୍ତ ରହିଛି ଯେଉଁଠାରେ ଡିଷ୍ଟାଣ୍ଡାଉ୍, ୟୁବିଇ ଓ ଟ୍ରାନ୍ସଫରାମିନାଲ ଏଣ୍ଡୋସ୍କୋପିକ ଆପ୍ରୋଚେସ ଭଳି ୫ଟି ଆଡ୍‌ଭାନ୍ସଡ ଟେକ୍‌ନିକକୁ ବାସ୍ତବ ସମୟରେ ପ୍ରଦର୍ଶିତ କରାଯାଉଛି। ଏସିଆ, ୟୁରୋପ, ଆଫ୍ରିକା ଓ ମିଡିଲ ଇଷ୍ଟର ପ୍ରତିଷ୍ଠିତ ବକ୍ତାମାନେ ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି। ଆୟୋଜକ ଅଧ୍ୟକ୍ଷ ଡକ୍ଟର ଶଙ୍କର ଆଚାର୍ଯ୍ୟ କହିଛନ୍ତି, ଏହି ସମ୍ମିଳନୀ ଆନ୍ତର୍ଜାତୀୟ ବିଶେଷଜ୍ଞତାକୁ ସୁଲଭ, ଅତ୍ୟଧିକ ଉଚ୍ଚମାନର ସ୍ପାଇନ ଚିକିତ୍ସା ପାଇଁ ଭାରତର ବଢୁଥିବା ଚାହିଦା ସହିତ ଏକତ୍ରିତ କରିଛି। ସେହିପରି ଡକ୍ଟର ଆତ୍ମରଞ୍ଜନ ଦାସ କହିଛନ୍ତି ଯେ ଭୁବନେଶ୍ୱରର ଐତିହ୍ୟ ଓ ଆଧୁନିକତାର ମିଶ୍ରଣ ଏହାକୁ ଏକ ଆଦର୍ଶ ଆୟୋଜକରେ ପରିଣତ କରୁଛି। ଆୟୋଜକ ସମ୍ପାଦକ ଡକ୍ଟର ପରେଶ ସି. ଦେ' କାଡାଭରିକ ୱର୍କସପର ମହତ୍ତ୍ୱକୁ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଓଡ଼ିଶାର ଡାକ୍ତରମାନେ ଆନ୍ତର୍ଜାତୀୟ ଓ ଜାତୀୟ ବିଶେଷଜ୍ଞମାନଙ୍କ ତାଲିମରୁ ବହୁମାତ୍ରାରେ ଉପକୃତ ହେବେ। ଏଥିରେ ରାଜ୍ୟ, ଦେଶ ଏବଂ ବିଦେଶର ବହୁ ପ୍ରତିଷ୍ଠିତ ବିଶେଷଜ୍ଞମାନେ ସାମିଲ ହୋଇଛନ୍ତି।

# ଅନିଲ ମହାପାତ୍ର 'ଭାରତୀୟ ଚେୟାର୍' ରୂପେ ମନୋନୀତ

**ଭୁବନେଶ୍ୱର,୧୩।୬/ଏନ୍‌ଏନ୍‌ଏସ୍:** ଭାରତର ବୈଦେଶିକ ମନ୍ତ୍ରଣାଳୟ ଅନ୍ତର୍ଗତ ଭାରତୀୟ ସାଂସ୍କୃତିକ ସମ୍ପର୍କ ପରିଷଦ ତରଫରୁ ପ୍ରଫେସର ଅନିଲ କୁମାର ମହାପାତ୍ର ସମ୍ମାନଜନକ 'ଭାରତୀୟ ଚେୟାର' ରୂପେ ଚୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଭାରତ ସରକାର ବତିଶ ଗୋଟି ଦେଶ ସହ ବୁଝାମଣାପତ୍ର ସ୍ୱାକ୍ଷର କରି ୪୭ଟି ଚେୟାର ପ୍ରତିଷ୍ଠା କରିଛନ୍ତି। ଏହି ଚୟନ ପ୍ରକ୍ରିୟା ବହୁତ ପ୍ରତିଯୋଗିତାପୂର୍ଣ୍ଣ। କାରଣ ଏହା ବିଭିନ୍ନ



ବିଭାଗକୁ ବିଚାରକୁ ନେଇଥାଏ। ଯେଉଁମାନଙ୍କ ଚୟନ ହୋଇଥାଏ ସେମାନେ ବର୍ଷେ ବା ଦୁଇବର୍ଷ ବୁଝାମଣା ସ୍ୱାକ୍ଷରିତ ହୋଇଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରେ ଆବାସିକ ଭାବେ ରହି ଭାରତର ସଂସ୍କୃତି, ରାଜନୈତିକ ବ୍ୟବସ୍ଥା ଇତ୍ୟାଦି ଉପରେ ସନ୍ଦର୍ଭ ଲେଖିବା, ଗବେଷଣାରେ ସହାୟତା କରିବା, ସମ୍ମାନରେ ବକ୍ତବ୍ୟ ରଖିବା ଏସବୁ କାର୍ଯ୍ୟ କରିଥାନ୍ତି। ଭାରତର ସାଂସ୍କୃତିକ ରାଜଦୂତ ଭାବରେ ସେମାନଙ୍କୁ ଗ୍ରହଣ କରାଯାଏ। ସେହି କ୍ରମରେ ପ୍ରଫେସର ଅନିଲ ମହାପାତ୍ର କାଠମାଣ୍ଡୁର ତ୍ରିଭୁବନ ବିଶ୍ୱବିଦ୍ୟାଳୟରେ ସେହି ଭାରତୀୟ ଶିକ୍ଷା ଚେୟାର ମଣ୍ଡନ କରିବେ। ଆଗରୁ ପ୍ରଫେସର ମହାପାତ୍ର ଅକ୍ସଫୋର୍ଡ ଓ ହାଇଡେଲବର୍ଗ ବିଶ୍ୱବିଦ୍ୟାଳୟରେ ଫେଲୋସିପ୍ ପାଇ ଗବେଷଣା କରିବାର କୃତିତ୍ୱ ଅର୍ଜନ କରିଛନ୍ତି। ଫକୀର ମୋହନ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ପ୍ରଫେସର ମହାପାତ୍ର ଏହି ସମ୍ମାନ ପାଇବାରେ ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟରୁ ବୋଧହୁଏ ପ୍ରଥମ ବ୍ୟକ୍ତି।




ଅହମ୍ମଦାବାଦ ନିକଟରେ ଘଟିଯାଇଥିବା ମର୍ମନ୍ତୁଦ ବିମାନ ଦୁର୍ଘଟଣାରେ ମୃତାହତଙ୍କ ଉଦ୍ଦେଶ୍ୟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଭୁବନେଶ୍ୱର ମଣ୍ଡଳ ତରଫରୁ ବାଲୁକା କଳା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି

## ରାକ୍ଷୀ ପୂର୍ଣ୍ଣିମାରେ କୋଟିଏ ମହିଳାଙ୍କୁ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୧୩।୬/ଏନ୍‌ଏନ୍‌ଏସ୍:** କୋଟିଏ ମହିଳା ସୁଭଦ୍ରା ଯୋଜନାରେ ସାମିଲ ହୋଇଛନ୍ତି। ଆସନ୍ତା ରାକ୍ଷୀ ପୂର୍ଣ୍ଣିମା ଅବସରରେ ପୁଣି କୋଟିଏ ମହିଳାଙ୍କ ଆକାଉଣ୍ଟକୁ ଯିବ ୫ ହଜାର ଟଙ୍କା। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ସୂଚନା ଦେଇଛନ୍ତି। ଆଜି ଗାଁ ଗାଁରେ ମହିଳା ଲକ୍ଷପତି ଦିଦି ହେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମହିଳା କଲ୍ୟାଣ ଯୋଜନା ଓ ମହିଳାଙ୍କୁ ଆଗକୁ ବଢ଼େଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ହିଁ ମହିଳା ବିକାଶର ବିକାଶଧାରା। ଆଗରୁ ମହିଳାଙ୍କୁ ଭୁଆଁ ବୁଲାଉଥିଲେ। ହେଲେ ଆମ ସରକାର ମହିଳାଙ୍କୁ ସଶକ୍ତ କରୁଛି। ବିରୋଧୀ କହୁଛନ୍ତି, ମିଶନ୍ ଶକ୍ତିକୁ ଦୁର୍ବଳ କରାଯାଇଛି। ହେଲେ ଆଜି ପ୍ରତ୍ୟେକ ମହିଳାଙ୍କୁ ଆର୍ଥିକ ମଜଭୁତ୍ କରୁଛି ଆମ ସରକାର। ରାଜ୍ୟରେ ଆସନ୍ତା ୪ ବର୍ଷ ମହିଳାଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ଆମ ରାଜ୍ୟର ମହିଳାଙ୍କ ପିଠା ଓ ମିଠା ବିଦେଶକୁ ଯାଉଛି। ଆସନ୍ତା ସମୟରେ ମା' ଦୁର୍ଗାଙ୍କ ପ୍ରତିଛବି ହେବେ ଆମ ରାଜ୍ୟର ମା' ଓ ଭଉଣୀ। ମହିଳାଙ୍କୁ ମୁଣ୍ଡ ଉଠେଇ ବଞ୍ଚିବା ପାଇଁ ସୁଯୋଗ ସୃଷ୍ଟି କରୁଛି ଆମ ସରକାର ବୋଲି ପ୍ରଭାତି ପରିଡ଼ା କହିଛନ୍ତି।

# ଅଣଅନୁସୂଚିତଙ୍କୁ ଅନୁସୂଚିତ ଜାତିରୁ ହଟାଇବାକୁ ଦାବି

**ଭୁବନେଶ୍ୱର,୧୩।୬/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଅନୁସୂଚିତ ଜାତିର ସଂଖ୍ୟା ସମୁଦାୟ ଜନସଂଖ୍ୟାର ୧୭.୧%। କିନ୍ତୁ ସଂରକ୍ଷଣର ସୁବିଧା ସରକାରୀ ହିସାବରେ ୧୬.୨୫%। ଏହି ସଂରକ୍ଷଣ ସୁବିଧାରୁ ବର୍ତ୍ତମାନ ଅଣଅନୁସୂଚିତ ଗୋଷ୍ଠୀ ଚଞ୍ଚକତା କରି ପ୍ରାୟ ୮% ରାଜନୈତିକ, ଶିକ୍ଷା, ଚାକିରି ଓ ଅନ୍ୟାନ୍ୟ ସାମ୍ବିଧାନିକ ସୁବିଧା ସୁଯୋଗ ହାତେଇବାରେ ଲାଗିଛନ୍ତି। ଏଥି ମଧ୍ୟରେ କେଉଟ, କୈବର୍ତ୍ତ ରହିଥିବା ଅଲ୍ ଓଡ଼ିଶା କେଉଟ କୈବର୍ତ୍ତ, ଧୀବର ହଟାଅ କ୍ରିୟାନୁଷ୍ଠାନ କମିଟି ଆବାହକ ଡିଙ୍ଗର କମ୍ପାର ପ୍ରକାଶ କରିଛନ୍ତି।

ଶ୍ରୀ କମ୍ପାର ଏକ ପ୍ରେସ୍ ବିବୃତ୍ତିରେ ଉଲ୍ଲେଖ କରିଛନ୍ତି ଯେ ସେମାନେ ୨୦୦୨ ମସିହାରେ ସାମ୍ବିଧାନିକ ମାନ୍ୟତା ଯୋଗାଡ କରିଥିଲେ ସୁଦ୍ଧା ୧୯୮୧ ମସିହାରୁ ଅନୁସୂଚିତ ଜାତି ପ୍ରମାଣପତ୍ର ନେଇ ସମସ୍ତ ସୁବିଧା ସୁଯୋଗ ହଡ଼ପ କରି ଚାଲିଛନ୍ତି। ୧୯୮୧ ରୁ ୧୯୯୧ ମସିହାରେ ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ କେଉଟ କୈବର୍ତ୍ତ ଅନୁସୂଚିତ ଜାତି ପ୍ରମାଣପତ୍ର ହାତେଇ ଥିଲାବେଳେ ୧୯୯୧ ରୁ ୨୦୦୧ ଭିତରେ ପ୍ରାୟ ୪ ଲକ୍ଷ ଅନୁସୂଚିତ ଜାତି ପ୍ରମାଣପତ୍ର ହାତେଇ ନେଇ ସାରିଛନ୍ତି। କିନ୍ତୁ ସେତେବେଳେ ସେମାନେ ଅନୁସୂଚିତ ଜାତି ବର୍ଗରେ ନଥିଲେ। ତାହା 'ସେବତୀ ବେହେରା ଭର୍ସେସ୍ ସୁବାସି ନାୟକ' କେସ ହେଉ ଅବା 'କସ୍ତୁରୀ ସାହୁ କେସ'। ଉଚ୍ଚନ୍ୟାୟଳୟ ଓଡ଼ିଶା ୨୦୦୨ ମସିହା ପୂର୍ବରୁ 'କେଉଟ, କୈବର୍ତ୍ତ' ସମୂହ ନେଇଥିବା ଜାତି ପ୍ରମାଣପତ୍ରକୁ ଅବୈଧ ଘୋଷଣା କରିଛନ୍ତି। କିନ୍ତୁ ରାଜ୍ୟର ଅନୁସୂଚିତ ଜାତିର ନେତା, ମନ୍ତ୍ରୀ, ବିଧାୟକ, ସାଂସଦ ଓ ପ୍ରଶାସନିକ ଅଧିକାରୀମାନେ ସମାଜର ବୃହତ୍ତମ ସ୍ୱାର୍ଥକୁ କେଉଟ, କୈବର୍ତ୍ତମାନଙ୍କ ହାତରେ ସାମୟିକ ସ୍ୱାର୍ଥପାଇଁ ଟେକି ଦେବାରେ ପଛାଇ ନାହାନ୍ତି। ସେମାନେ କେଉଟ, କୈବର୍ତ୍ତଙ୍କୁ ପ୍ରୋତ୍ସାହନ ଦେଇ ପ୍ରାୟ ଅଧାଭାଗ ଅର୍ଥାତ ୮.୨୫% ସଂରକ୍ଷଣ ସୁବିଧାରେ ସନ୍ତୁଷ୍ଟ ହେବାକୁ ବାଧ କରିଛନ୍ତି। କେବଳ ରାଜନୈତକ ପୃଷ୍ଠପୋଷକତା ଯୋଗୁଁ ଏମାନେ ଆଜି ଯାଏ ଅନୁସୂଚିତ ଜାତି ବର୍ଗରେ ରହି ଆସିଛନ୍ତି। ତେଣୁ ଆଗାମି ଦିନରେ ଏହାର ଘୋର ବିରୋଧ କରାଯିବ ବୋଲି ଅଲ୍ ଓଡ଼ିଶା କେଉଟ କୈବର୍ତ୍ତ, ଧୀବର ହଟାଅ କ୍ରିୟାନୁଷ୍ଠାନ କମିଟି ଆବାହକ ଡିଙ୍ଗର କମ୍ପାର ଚେତାବନୀ ଦେଇଛନ୍ତି।

# ଗ୍ରାହକଙ୍କ ଆବଶ୍ୟକତାକୁ ପ୍ରାଧାନ୍ୟ ଦିଆଯିବା ଉଚିତ୍

**ଭୁବନେଶ୍ୱର,୧୩।୬/ଏନ୍‌ଏନ୍‌ଏସ୍:** ଗ୍ରାହକଙ୍କ ଆବଶ୍ୟକତାକୁ ପ୍ରାଧାନ୍ୟ ଦିଆଯିବା ଉଚିତ। ଯେପରି ସବୁ ବର୍ଗର ଲୋକମାନେ ବେଶ ଉପକୃତ ହୋଇପାରିବେ ସେଥିଲାଗି ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ସିଇଓ ଅସିତ ରଥ କହିଛନ୍ତି। ସେ କହିଛନ୍ତି ଯେ ଅଭିଭା ଇଣ୍ଡିଆ (ଏଆଇ )ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏହାର ଫଳାଫଳ ଘୋଷଣା କରାଯାଇଛି। ଏକ ବିତରଣ-ଆଧାରିତ ମଡେଲରୁ ଏକ ଅଧିକ ଉତ୍ପାଦ-ପରିଚାଳିତ ଓ ଗ୍ରାହକ-କୈନ୍ଦ୍ରିକ ଆଭିମୁଖ୍ୟକୁ ସ୍ଥାନାନ୍ତରିତ ହୋଇଛି। ଏହି ରୂପାନ୍ତରଣ ଉନ୍ନତ କ୍ଲେମ ସେଟେଲମେଣ୍ଟ ଏକ୍ସପେରିଏନ୍ସ, ସ୍ୱାସ୍ଥ୍ୟ ଓ ସୁସ୍ଥତା ପଦକ୍ଷେପର ବର୍ଦ୍ଧିତ ପ୍ରଭାବରେ ପ୍ରତିଫଳିତ ହେଉଛି ବୋଲି ଶ୍ରୀ ରଥ କହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ସେ କହିଥିଲେ ଯେ ଲୋକଙ୍କ ସୁବିଧା ଲାଗି ୩୦ ଦିନ ମଧ୍ୟରେ ଶତପ୍ରତିଶତ କ୍ଲେମ ସେଟେଲମେଣ୍ଟ ସହିତ ଅନ୍ୟତମ ସର୍ବୋତ୍ତମ ଟର୍ଣ୍ଣଆରାଉଣ୍ଡ ଟାଇମ ହାସଲ କରିଛି। ଗ୍ରାହକ ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ହିତାଧିକାରୀଙ୍କୁ ନିରନ୍ତର ମୂଲ୍ୟ ପ୍ରଦାନ କରାଯାଇଥିଲା ବୋଲି ସେ କହିଛନ୍ତି।

## ଗଣପର୍ବ ରଜ ମହୋତ୍ସବ ଶୁଭାରମ୍ଭ

**ଭୁବନେଶ୍ୱର,୧୩।୬/ଏନ୍‌ଏନ୍‌ଏସ୍:** ସହିଦ୍‌ନଗର ସ୍ଥିତ ସହିଦନଗର ଦୁର୍ଗା ପୂଜା ସମିତି ପକ୍ଷରୁ ଗଣପର୍ବ ରଜ ମହୋତ୍ସବର ଶୁଭାରମ୍ଭ ହୋଇଛି। ଏହି ମହୋତ୍ସବରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମର ମେୟର୍ ସୁଲୋଚନା ଦାସ ଓ ରାଜ୍ୟ ବିଜେପିର ବରିଷ୍ଠ ନେତା ତଥା ଦଳର ଉପସଭାପତି ଗୋଲଖ ପ୍ରସାଦ ମହାପାତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ପ୍ରତିଦିନ ସନ୍ଧ୍ୟା ୬ଟାରୁ ଆରମ୍ଭ ହେବ ଓ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ସମିତିର ସମ୍ପାଦକ ସଚି ନନ୍ଦନ ନାୟକ, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପାତ୍ର, ସ୍ଥାନୀୟ କର୍ପୋରେଟର ରାଜକିଶୋର ଦାସ, ଉପଦେଷ୍ଟା ସୁଧୀର କୁମାର ଶତପଥୀ, ଦିଲ୍ଲୀପ କୁମାର ଦାସ, ଯୁଗ୍ମସମ୍ପାଦକ ବିଶ୍ୱ ମହାନ୍ତି, ମହେନ୍ଦ୍ର ତ୍ରିପାଠୀ, ହରିଶ ପ୍ରସାଦ ରଥ, କୋଷାଧ୍ୟକ୍ଷ ସ୍ମୃତି ରଞ୍ଜନ ଜେନା, ଯୁଗ୍ମ କୋଷାଧ୍ୟକ୍ଷ ଗୋପଲ ମହାନ୍ତି ଓ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ରାଓ ପ୍ରମୁଖ ଯୋଗଦେଇଥିଲେ।

# ଅରୁନ୍ଧତୀ ଜୁଏଲର୍ସର ଖୁଲ୍‌ଜା ସିମ୍ ସିମ୍ ୭୯୯ ମେକିଙ୍ଗ୍ ଚାର୍ଜ ଅଫର୍ ଘୋଷଣା

**ଭୁବନେଶ୍ୱର,୧୩।୬/ଏନ୍‌ଏନ୍‌ଏସ୍:** ଓଡ଼ିଶାର ସର୍ବବୃହତ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଆଗାମୀ ରଜପର୍ବ ଓ ରଥଯାତ୍ରାକୁ ଆଖି ଆଗରେ ରଖି ଗ୍ରାହକଙ୍କ ଚାହିଦା ମୁତାବକ ନୂତନ ଖୁଲ୍‌ଜା ସିମ୍ ସିମ୍ ଅଫର୍ ଘୋଷଣା କରାଯାଇଛି। ଏହି ଅଫର୍ ମାଧ୍ୟମରେ ଚେନ୍ ଓ ବେଙ୍ଗଲ୍ ଫେଷ୍ଟିଭାଲରେ୍ ନୂଆ ଡିଜାଇନ୍ ପ୍ରଦର୍ଶନୀ ସହ ସୁନାଗହଣାର ଗଢ଼ା ମଜୁରୀ କେବଳ ୭୯୯ ଟଙ୍କା, ହୀରାଗହଣାର ପ୍ରତି କ୍ୟାରେଟ୍ ହୀରାମୂଲ୍ୟରେ ୨୦୦୦୦ ଟଙ୍କା ଡିସ୍‌କାଉଣ୍ଟ, ରୁପା ଗହଣାର ଗଢ଼ା ମଜୁରୀରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଏବଂ ଜିରୋ ମେକିଂ ଚାର୍ଜର ସ୍ପେସିଆଲ୍ ଅଫର୍ ପ୍ରଦାନ କରାଯାଉଛି । ଏହି ଅଫର୍ ଓଡ଼ିଶା ବ୍ୟାପି ଅରୁନ୍ଧତୀର ସମସ୍ତ ଶାଖାମାନଙ୍କରେ ସୀମିତ ସମୟ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ଗ୍ରାହକମାନେ ନିକଟସ୍ଥ ଅରୁନ୍ଧତୀ ଶାଖାକୁ ଯାଇ ଏହିଅଫର୍‌ର ସୁବିଧା ନେଇପାରିବେ । ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ କୁହାଯାଇଛି ଯେ, ଅରୁନ୍ଧତୀ ପକ୍ଷରୁ ସର୍ବଦା ସବୁ ବର୍ଗର ଗ୍ରାହକ ବନ୍ଧୁଙ୍କ ସୁହାଇଲା ଭଳି ଅଫର୍ ପ୍ରଦାନ କରାଯାଇଥାଏ। ଗ୍ରାହକଙ୍କ ଆବଶ୍ୟକତା ମୁତାବକ ଏହି ଖୁଲ୍‌ଜା ସିମ୍ ସିମ୍ ଅଫର୍‌ରେ ଏଥରକ ବେଙ୍ଗଲ୍ ଓ ଚେନ୍‌ର ନୂଆ ଡିଜାଇନ୍‌ର ବେଷ୍ଟ କଲେକ୍ସନ୍ ଲଞ୍ଚ୍ କରାଯାଇଛି।

# ଆରମ୍ଭ ହେଲା +୩ ନାମଲେଖା

**ଭୁବନେଶ୍ୱର,୧୩।୬/ଏନ୍‌ଏନ୍‌ଏସ୍:** +୩ ଅର୍ଥାତ ୟୁଜି ପାଠ୍ୟକ୍ରମରେ ନାମଲେଖା ଆଜିଠାରୁ ଆରମ୍ଭ ହୋଇଛି। ତେବେ ପ୍ରଥମ ପର୍ଯ୍ୟାୟରେ ମନୋନୀତ ଛାତ୍ରଛାତ୍ରୀ ୧୬ ଏବଂ ୧୭ତାରିଖ ଦିନ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ନାମ ଲେଖାଇପାରିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ଜୁନ୍ ୨୨ ପୂର୍ବାହ୍ନରେ ୧୧ଟାରେ ପକାଶ ପାଇବ। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଜୁନ୍ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ଶେଷ ପର୍ଯ୍ୟାୟ ମେଧାତାଲିକା ଜୁଲାଇ ୧ତାରିଖରେ ପ୍ରକାଶ ପାଇବ। ଏହାର ନାମଲେଖା ଜୁଲାଇ ୨ରୁ ୪ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ଜୁଲାଇ ୧୦ରୁ +୩ ପ୍ରଥମ ପର୍ଯ୍ୟାୟ ପାଠପଢ଼ା ଆରମ୍ଭ ହେବ। ଅପରପକ୍ଷେ ଆଜି ଅପରାହ୍ଣ ୪ଟାରେ ବିଇଡି, ବିଏଚ୍‌ଇଡି, ଏମ୍‌ଇଡି ପାଠ୍ୟକ୍ରମରେ ନାମଲେଖା ଲାଗି ଏଣ୍ଟ୍ରାନ୍ସ ଟେଷ୍ଟ ରେଜଲ୍ଟ ପ୍ରକାଶ ପାଇଛି। ରାଜ୍ୟରେ ମୋଟ ୨୭୫୦ ସିଟ୍ ରହିଥିବା ବେଳେ ଚଳିତ ବର୍ଷ ୧ଲକ୍ଷ ୨୯ହଜାର ୭୧୨ଜଣ ଏଣ୍ଟ୍ରାନ୍ସ ପରୀକ୍ଷା ଲାଗି ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୧ଲକ୍ଷ ୧୭ହଜାର ୯୩୩ ଜଣ ପ୍ରବେଶିକା ପରୀକ୍ଷା ଦେଇଥିଲେ। ମନୋନୀତ ଛାତ୍ରଛାତ୍ରୀମାନେ ୧୯ତାରିଖ ରାତି ୧୧ଟା ୪୫ ସୁଦ୍ଧା ଚଏସ୍ ଲକିଂ କରିପାରିବେ। ତେବେ ୨୫ତାରିଖ ଅପରାହ୍ଣ ୨ଟାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ସେହିପରି ଆଜି ପିଜି ମେଧାତାଲିକା ମଧ୍ୟ ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟ ନାମଲେଖା ଜୁନ୍ ୧୬ରୁ ୧୮ତାରିଖ ପର୍ଯ୍ୟନ୍ତ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ନାମଲେଖା ହେବ। ଜୁନ୍ ୨୩ ଅପରାହ୍ଣ ୪ଟାରେ ୨ୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ଏହାର ନାମଲେଖା ଜୁନ୍ ୨୪ରୁ ୨୬ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ତୃତୀୟ ପର୍ଯ୍ୟାୟ ତଥା ଶେଷ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୩ ତାରିଖ ଅପରାହ୍ଣ ୪ଟାରେ ପ୍ରକାଶ ପାଇବ। ଏହାର ନାମଲେଖା ପ୍ରକ୍ରିୟା ଜୁଲାଇ ୪ରୁ ୮ ତାରିଖ ପର୍ଯ୍ୟନ୍ତ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଛୁଟି ଦିନ ବ୍ୟତୀତ ଚାଲିବ। ଜୁଲାଇ ୧୦ରୁ ପିଜି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି।

# ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସହ ଗଣଶିକ୍ଷା ବିଭାଗ ସଚିବଙ୍କ ଆଲୋଚନା

**ଭୁବନେଶ୍ୱର,୧୩।୬/ଏନ୍‌ଏନ୍‌ଏସ୍:** ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଶିକ୍ଷକମାନଙ୍କ ବିଭିନ୍ନ ଦାବି ପୂରଣ ନିମନ୍ତେ ଆସନ୍ତା ସପ୍ତାହରେ ଆନ୍ଦୋଳନ ଡାକରାକୁ ଦୃଷ୍ଟିରେ ରଖି ଗଣଶିକ୍ଷା ବିଭାଗ ସଚିବ ଶାଲିନ ପଣ୍ଡିତ ସଂଘକୁ ଆଲୋଚନାକୁ ଡାକି ବିଭିନ୍ନ ଦାବି ଉପରେ ଆଲୋଚନା କରିଛନ୍ତି। ୨୦୧୧ ମସିହା ପୂର୍ବରୁ ନିଯୁକ୍ତି ପାଇଥିବା ପ୍ରାଥମିକ ଶିକ୍ଷକମାନଙ୍କ ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତାମୂଳକ କରା ନ କରିବା, ସମସ୍ତ ଲେବୁଲ ଏ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା, ଅନ୍ୟ ବିଭାଗ ଭଳି ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ ନିଯୁକ୍ତି ଉଚ୍ଛେଦ ସହ ସ୍କିମାଟିକ୍ ଶିକ୍ଷକମାନଙ୍କୁ ତୁରନ୍ତ ନିୟମିତ ଶିକ୍ଷକର ମାନ୍ୟତା, ୮ ଓ ୬ ବର୍ଷର ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ କାର୍ଯ୍ୟକାଳକୁ ୬ଟି



ନାସ୍‌ନାଲ୍ ଇନ୍‌କ୍ରିମେଣ୍ଟ୍ ଦେଇ ମୂଳ ଚାକିରିରେ ଗଣନା କରିବା, ଅନ୍ୟ ଜିଲ୍ଲାରେ ଚାକିରି କରିଥିବା ଶିକ୍ଷକମାନଙ୍କୁ ନିଜ ଜିଲ୍ଲାକୁ ବଦଳି କରିବା, ଖାଲିଥିବା ଶିକ୍ଷକ ପଦବୀ ପୂରଣ ପ୍ରଭୃତି ଦାବିଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ତୁରନ୍ତ ଦାବି ପୂରଣ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ତେବେ ଏହି ଦାବିଗୁଡ଼ିକ ପୂରଣ ନିମନ୍ତେ ଗଣଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇ ଖୁବ୍ ଶୀଘ୍ର ପୂରଣ କରିବାକୁ ଚେଷ୍ଟା କରିବାକୁ ସଚିବ ପ୍ରତିଶ୍ରୁତି ଦେଇଥିଲେ। ସମସ୍ତ ଦାବି ପୂରଣ ନିମନ୍ତେ କିଛି ସମୟ ଲାଗିବ ବୋଲି କହିଥିଲେ। ଏବେ ଆନ୍ଦୋଳନ ନ କରିବାକୁ ସଂଘର ନେତୃତ୍ୱଙ୍କୁ ଅନୁରୋଧ କରିଥିଲେ। ସଚିବ ଓ ଅନ୍ୟ ଅଧିକାରୀଙ୍କ ଅନୁରୋଧ ରକ୍ଷାକରି ଆସନ୍ତା ସପ୍ତାହରେ ହେବାକୁ ଥିବା ଆନ୍ଦୋଳନକୁ ସ୍ଥଗିତ ରଖାଗଲା। ଆସନ୍ତା ବିଧାନସଭା ଅଧିବେଶନ ପୂର୍ବରୁ ଦାବି ପୂରଣ ନହେଲେ ସଂଘ ସବୁ ବର୍ଗର ଶିକ୍ଷକଙ୍କୁ ଏକାଠି କରି ଆନ୍ଦୋଳନକୁ ଓହ୍ଲାଇବ ବୋଲି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଓଡ଼ିଶା ତରଫରୁ ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି। ଆଜିର ବୈଠକରେ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ, ଉପସଭାପତି ଅଗାଧୁ ସେଠୀ, ଗଞ୍ଜାମ ଜିଲ୍ଲା ସଭାପତି ହେମନ୍ତ ସେଠୀ ଓ ବାଲୁରି ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାଧୀନତା ସଂଗ୍ରାମୀ ନୀଳକଣ୍ଠ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ



**ଭୁବନେଶ୍ୱର,୧୩।୬/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ବୁଦ୍ଧ ମନ୍ଦିରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୀଳକଣ୍ଠ ମିଶ୍ରଙ୍କ ବିଂଶତମ ଶ୍ରାଦ୍ଧ ବାର୍ଷିକୀ ଶୁକ୍ରବାର ପାଳିତ ହୋଇଯାଇଛି। ଭାରତୀୟ ଜନତା ପାର୍ଟିର, ଓଡ଼ିଶା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ଖୋର୍ଦ୍ଧାର ପୂର୍ବତନ ବିଧାୟକ ଦିଲ୍ଲୀପ ହରିଚନ୍ଦନ, ପ୍ରଗତିବାଦୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ତଥା ଶିବ ନାରାୟଣ ମିଶ୍ରଙ୍କ ଉପସ୍ଥିତିରେ ଖ୍ୟାତନାମା ଐତିହାସିକ ଓ ଶିକ୍ଷାବିତ୍ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକଙ୍କୁ ତାଙ୍କର ସାମଗ୍ରିକ କୃତି ପାଇଁ ନୀଳକଣ୍ଠ ଶିକ୍ଷା ସମ୍ମାନ -୨୦୨୫ରେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଉଛି।

# ୨୨ରେ ଗୋଦାବରୀଶ ମହାବିଦ୍ୟାଳୟ ୨୦୦୪ ବ୍ୟାଚ୍‌ର ବନ୍ଧୁମିଳନ

**ଭୁବନେଶ୍ୱର,୧୩।୬/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଗୋଦାବରୀଶ ମହାବିଦ୍ୟାଳୟର ୨୦୦୪ ବ୍ୟାଚ୍‌ର ବନ୍ଧୁ ମିଳନ ପର୍ବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୨ ତାରିଖ ରବିବାର ଦିନ ଏହି ବନ୍ଧୁମିଳନ ପର୍ବ ଲଗାତର ଭାବେ ଦ୍ୱିତୀୟ ଥର ପାଇଁ ପାଳନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ସକାଳ ୯ଟାରୁ ପଞ୍ଜିକରଣ କାର୍ଯ୍ୟ ଆରମ୍ଭ ହେବ। ବୃକ୍ଷରୋପଣ, ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବାର ଯୋଜନା ରହିଛି। ପୂର୍ବାହ୍ନ ୧୧ଟାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ଉକ୍ତ ବନ୍ଧୁ ମିଳନ ପର୍ବ ପାଇଁ ଦିଲ୍ଲୀପ ସ୍ୱାଇଁଙ୍କୁ ମୁଖ୍ୟ ସଂଯୋଜକ ଭାବେ ଚୟନ କରାଯାଇଥିଲା। ରଞ୍ଜନ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଭାସୀ ବୈଠକରେ ସିଦ୍ଧାର୍ଥ ଶଙ୍କର ଶ୍ୟାମପଦ ଦାସ, ରଞ୍ଜୟ କୁମାର ସାହୁ, ସନ୍ତୋଷ କୁମାର ବଳିୟାରସିଂହ, ଅଶୋକ କୁମାର ଘଡ଼େଇ, ସୁମିତ ପ୍ରଜ୍ଞ ଷଡ଼ଙ୍ଗୀ, ସୁଧୀର କୁମାର ମିଶ୍ର, ଶକ୍ତିମାନ ପାତ୍ର, ଶକ୍ତି ପ୍ରସାଦ ଦାଶ, ଅନୀଲ ପାତ୍ର, ଅଶୋକ କୁମାର ତରାଇ, ସଞ୍ଜୟ ବେହେରା, ରାଜୀବ କୁମାର ଜେନା, ଅରୁଣ କୁମାର ନାୟକ, ଅରୁଣ କୁମାର ବାରିକ, ବିକାଶ କୁମାର ବରାଳ, ଶୁଭଶ୍ରୀ ଭୋଳ, ଧନେଶ୍ୱର ଭୋଳ, ସଞ୍ଜୟ ଗୁରୁ, ବିରଞ୍ଚି ନାରାୟଣ ପାତ୍ର, ସୀମାଞ୍ଚଳ ନାୟକ, ରୀନା ରାଉତ, ସୌଭାଗିନୀ ପଣ୍ଡା, ସର୍ବେଶ୍ୱର ନାୟକ, ସ୍ୱାଗତ ପ୍ରଧାନ, ପୂଜାଫୁଲ ମହାରଥୀ ଓ ହିମାଂଶୁ ଶେଖର ପ୍ରଧାନଙ୍କ




ସମେତ ୧୦୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଦୂର ଦୂରାନ୍ତରେ ଥିବା ୨୦୦୪ ମସିହାରେ ଗୋଦାବରୀଶ ମହାବିଦ୍ୟାଳୟରେ ବିଜ୍ଞାନ ଓ କଳା ଡିଗ୍ରୀ ବିଭାଗରୁ ପଢ଼ା ଶେଷ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଉକ୍ତ ବନ୍ଧୁ ମିଳନ ପର୍ବରେ ନିଜକୁ ସାମିଲ କରିବା ପାଇଁ ମୁଖ୍ୟ ସଂଯୋଜକ ଦିଲ୍ଲୀପ କୁମାର ସ୍ୱାଇଁ ନିବେଦନ କରିଛନ୍ତି।

# ପର୍ବପର୍ବାଣୀରେ କରୋନା ଚିନ୍ତା

**ଭୁବନେଶ୍ୱର,୧୩।୬/ଏନ୍‌ଏନ୍‌ଏସ୍:** ସପ୍ତାହକ ଭିତରେ ମହାମାରୀ କରୋନା ପୁଣି ତାହାର କରାଳ କାୟା ଓଡ଼ିଶା ସମେତ ସମଗ୍ର ଦେଶରେ ବିସ୍ତାର କରି ଚାଲିଥିବାବେଳେ ପବିତ୍ର ରଥଯାତ୍ରା, ରଜ ମହୋତ୍ସବ ଓ ଅନ୍ୟାନ୍ୟ ପର୍ବପର୍ବାଣିରେ ବିପୁଳ ଜନସମାଗମ ହେବାର ସମ୍ଭାବନା ଥିବାରୁ ସ୍ୱାସ୍ଥ୍ୟ ବିଶାରଦମାନେ ଚିନ୍ତିତ।

ଅବଶ୍ୟ ଏଯାବତ୍ ଓଡିଶାରେ କରୋନା ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରିତ ରହିଛି। କିଛିଦିନ ଭିତରେ ରାଜ୍ୟରେ ୪୨ଜଣ କରୋନା ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଥିବାବେଳେ ସାରା ଦେଶରେ ୭ହଜାରରୁ ଉର୍ଦ୍ଧ୍ୱ କୋଭିଡ ସଂକ୍ରମିତ ବ୍ୟକ୍ତି ଚିହ୍ନିତ ହୋଇଛନ୍ତି। ଏମିତିକି ଇତି ମଧ୍ୟରେ କରୋନା ଦେଶରେ ତିନିଜଣଙ୍କ ଜୀବନ ନେଇସାରିଥିବା ସରକାରୀ ଭାବେ କୁହାଯାଉଛି। ତେବେ ଗତ ଥର ଭଳି କୋଭିଡ୍ ଭୂତାଣୁ ପରୀକ୍ଷା ଏ ପର୍ଯ୍ୟନ୍ତ ବ୍ୟାପକ ଭାବେ ହୋଇନଥିବାରୁ ଚିହ୍ନଟ ହୋଇନଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ହୋଇପାରେ। ଇତି ମଧ୍ୟରେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଭାରପ୍ରାପ୍ତ ଅଧିକାରୀମାନେ ଗଣମାଧ୍ୟମରେ ସାଧାରଣ ଲୋକଙ୍କୁ ବାରମ୍ବାର ସଚେତନ କରୁଛନ୍ତି। ସମସ୍ତେ ମାସ୍କ ପିନ୍ଧିବା ଓ ଗହଳି ସ୍ଥାନକୁ ନଯିବା ଲାଗି କୁହାଯାଉଛି। ଗତଥର ଭଳି ମଧ୍ୟ ହାତ ଧୋଇବାପାଇଁ କେହି କେହି ପରାମର୍ଶ ଦେଉଛନ୍ତି। ଏମିତିକି ଗଣମାଧ୍ୟମରେ ପ୍ରକାଶିତ ଖବର ମୁତାବକ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ହେଲେ



କେନ୍ଦ୍ରମନ୍ତ୍ରୀମାନଙ୍କର ବି କରୋନା ପରୀକ୍ଷା କରିବାକୁ ପଡୁଛି। ନିକଟରେ ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜୀଉମାନଙ୍କ ସ୍ନାନଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏବେ ଜ୍ୱରାକ୍ରାନ୍ତ ଶ୍ରୀଜିଉମାନଙ୍କ ବିଗ୍ରହ ସବୁ ଶ୍ରୀମନ୍ଦିରର ଅଣସର ଘର ଭିତରେ ପରମ୍ପରା ଅନୁଯାୟୀ ଚିକିତ୍ସିତ ହେଉଛନ୍ତି। ସ୍ନାନପୂର୍ଣ୍ଣିମାରେ ଭିଡ ନଜମାଇବାପାଇଁ ପ୍ରଶାସନର ବାରମ୍ବାର ତାଗିଦ ସତ୍ତ୍ୱେ ରାଜନେତା, ପ୍ରଶାସକଙ୍କ ସମେତ ଲକ୍ଷାଧିକ ଶ୍ରଦ୍ଧାଳୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସି ପୁରୀରେ ସମବେତ ହୋଇଥିଲେ। ଏମାନଙ୍କ ଭିତରୁ ଏହି ପର୍ବ ପୂର୍ବରୁ ଓ ପରେ କାହାର କରୋନା ପରୀକ୍ଷା ପୁରୀରେ କରାଯାଇନାହିଁ। ଏବେ କରୋନା ଯେଭଳି ସାରା ଦେଶରେ ବଢିବାରେ ଲାଗିଛି ସେଥିରୁ ରଥଯାତ୍ରା ବେଳକୁ ପ୍ରତିଷେଧାତ୍ମକ ପଦକ୍ଷେପ ନିଆନଗଲେ ଅବସ୍ଥା ବିଗିଡ଼ିପାରେ। ଏହାକୁ ଆଖି ଆଗରେ ରଖି ଜନସାଧାରଣଙ୍କ ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ ଭିଡ଼ କମାଇବାପ ।ଇଁ କୁହାଯାଉଛି। ଅଥଚ ଏହି ସରକାରୀ ଉପଦେଶକୁ ସାଧାରଣ ଲୋକେ ତ ଦୂରରକଥା ସରକାରୀ ବାବୁମାନେ ବି ଖାତିର କରୁନାହାନ୍ତି। କେବଳ ଶ୍ରୀକ୍ଷେତ୍ର ପୁରୀରେ ନୁହେଁ, ଓଡ଼ିଶାର କୋଣ ଅନୁକୋଣ ସମେତ ଦେଶବିଦେଶରେ ମଧ ରଥଯାତ୍ରା ଉତ୍ସବ ପାଳନ କରାଯାଏ। ଏହା ଯେଭଳି ଶାନ୍ତିଶୃଙ୍ଖଳାର ସହିତ କୋଭିଡ୍‌ମୁକ୍ତ ହୋଇପାରିବ ତାହା ଉପରେ ସମସ୍ତଙ୍କ ନଜର।

ବିଶେଷକରି ଲୋକେ କିଭଳି ନିଜ ନିଜର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇ କରୋନାଠାରୁ ଦୂରରେ ରହିବେ, ଅନ୍ତତଃ ପକ୍ଷେ ବିଗତ ବର୍ଷର ଭୟଙ୍କର କରେନା ମହାମାରୀରୁ ଶିକ୍ଷା କରିବା ଉଚିତ୍ ବୋଲି ସ୍ୱାସ୍ଥ୍ୟ ବିଜ୍ଞାନୀମାନେ କହୁଛନ୍ତି।

### କୋଣାର୍କରେ ଚାଲିଛି ୪ ପ୍ରକଳ୍ପ ବିନା ଜମି ଅଧିଗ୍ରହଣରେ

# ୱାଟ୍‌କୋ ନିର୍ମାଣ କରୁଛି ୧୦ଲକ୍ଷ ଜଳ କ୍ଷମତା ବିଶିଷ୍ଟ ପାନୀୟଜଳ ପ୍ରକଳ୍ପ



**କୋଣାର୍କ,୧୩।୬/ଏନ୍‌ଏନ୍‌ଏସ୍:** କୋଣାର୍କ ଏନ୍‌ଏସିର ୱାଟ୍‌କୋ ଦ୍ୱାରା ୪ଟି ଚିହ୍ନଟ ସ୍ଥାନରେ ରାଜସ୍ୱ ବିଭାଗ ପକ୍ଷରୁ ଜମି ଅଧିଗ୍ରହଣ ନ କରି କୋଟି କୋଟି ଟଙ୍କା ମୂଲ୍ୟ ଜମି ପୁରୀ ଜିଲ୍ଲା ୱାଟ୍‌କୋ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବେଆଇନ ଭାବେ ୧୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୪ଟି ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ କରିଚାଲିଥିବା ଦେଖାଯାଇଛି। ସରକାରୀ ନୀତି ଓ ଆଇନକୁ ଖୋଲା ଉଲ୍ଲଂଘନ କରି ଚାଲୁଥିବା କାର୍ଯ୍ୟ ଉପରେ ସ୍ଥାନୀୟ ରାଜସ୍ୱ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ନିରବ ଦ୍ରଷ୍ଟା ସାଜିବା ଘଟଣାକୁ ନେଇ କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ମଧ୍ୟରେ ସରକାରୀ ଜମିର ରକ୍ଷକ ରାଜସ୍ୱ ବିଭାଗର ସ୍ୱଚ୍ଛତା ଓ କାର୍ଯ୍ୟଶୈଳୀ ପ୍ରତି ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟିକରିଛି। ସୂଚନା ମୁତାବକ ପୁରୀ ଜିଲ୍ଲା ୱାଟ୍‌କୋ ଡିଭିଜନ ପକ୍ଷରୁ କୋଣାର୍କ ଏନ୍‌ଏସି ଅଧିନସ୍ଥ ମାଧିପୁର ମୌଜାର ପ୍ଲଟ୍ ନଂ-୩୩୨ରେ ୨୦ ଡିସିମିଲି, କୋଣାର୍କ ମୌଜାର ପ୍ଲଟନଂ-୧୩୨୧ରେ ୨୦ ଡିସିମିଲି, ପ୍ଲଟନଂ-୧୯୨୯ରେ ୧.୮୭ ଡିସିମିଲି, ପ୍ଲଟନଂ-୧୯୦୩ରେ ୧୩ ଡିସିମିଲି ଓ ପ୍ଲଟନଂ-୧୬୦୪/୧୭୨୧ରେ ୧.୮୦ ଡିସିମିଲି ଜାଗାରେ କୋଣାର୍କ ଏନ୍‌ଏସିର ବିଭିନ୍ନ ୱାର୍ଡକୁ ନିରବଚ୍ଛିନ୍ନ ଭାବେ ପାନୀୟ ଜଳ ଲୋକମାନଙ୍କୁ ଯୋଗାଇ ଦେବା ପାଇଁ ୱାଟ୍‌କୋ ପକ୍ଷରୁ ୪ଟି ସ୍ଥାନ ଚିହ୍ନଟ କରାଯାଇ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ଗତ ଗତବର୍ଷ ଅକ୍ଟୋବର ୧୯ ତାରିଖରେ ଚିଠିନଂ-୩୧୦୩ ଯୋଗେ ପତ୍ର ମାଧମରେ ଜାଗା ପ୍ରଦାନ ପାଇଁ ଗୋପ ତହସିଲଦାରଙ୍କୁ ଅନୁରୋଧ କରିଥିଲେ। ମାତ୍ର ସରକାରୀ ନୀତିନିୟମ ଅନୁଯାୟୀ ଏ ପର୍ଯ୍ୟନ୍ତ ରାଜସ୍ୱବିଭାଗ ପକ୍ଷରୁ କୌଣସି ଜମି ଅଧିଗ୍ରହଣ ନିମନ୍ତେ ଅନୁମତି ଦିଆ ଯାଇନଥିବା ବେଳେ ୱାଟକୋ ପକ୍ଷରୁ ଆଇନର ଖୋଲା ଉଲ୍ଲଙ୍ଘନ କରି ବେଆଇନ ଭାବେ କୋଣାର୍କ ଏନଏସିର ନାଗାମଠ ଗ୍ରାମର ବାଡିଆ ବନ୍ତ, ମଙ୍ଗୁଳିଶ୍ୱର ମହାବୀର ମଠ ସମ୍ମୁଖ ସ୍ଥାନ, କୋଣାର୍କ ବସଷ୍ଟାଣ୍ଡ ଓ କୋଣାର୍କ ପଶୁ ଡାକ୍ତରଖାନା ପରିସରରେ ୧୦ ଲକ୍ଷ ଜଳ କ୍ଷମତା ବିଶିଷ୍ଟ ୪ ଗୋଟି ୧୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପାନୀୟ ଜଳଯୋଗାଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତରବରିଆ ଭାବେ ଆରମ୍ଭ କରିଛି। ୱାଟ୍‌କୋ କର୍ତ୍ତୃପକ୍ଷଙ୍କ ଏଭଳି ମନମୁଖୀ କାର୍ଯ୍ୟ ଉପରେ ରୋକ ଲଗାଇବା ପାଇଁ ଗୋପ ତହସିଲଦାରଙ୍କୁ ଅବଗତ କରାଯାଇଥିଲା ବେଳେ ରାଜସ୍ୱ ବିଭାଗ ଉଦାସୀନତା ଓ ଖାମଖିଆଲି ମନୋଭାବ ଯୋଗୁଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ନୀରବ ଦ୍ରଷ୍ଟା ସାଜି ବସିରହିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସାଧାରଣରେ ଚିନ୍ତା ପ୍ରକାଶ ପାଇଛି। ୱାଟକୋ କର୍ତ୍ତୃପକ୍ଷ ଜମିଅଧିଗ୍ରହଣ ଓ ଜମିର କିସମ ପରିବର୍ତ୍ତନ ନ କରି ଏଭଳି ବେଆଇନ କାର୍ଯ୍ୟ କରୁଥିବା କୁ ନେଇ ପୁରୀ ଉପଜିଲ୍ଲାପାଳ ରାଜ କିଶୋର ଜେନାଙ୍କୁ ପଚାରିବାରେ ସେ କୁହନ୍ତି ଜମି ଅଧିଗ୍ରହଣ ନ ହୋଇ ପ୍ରକଳ୍ପ କାର୍ଯ୍ୟ କରିବା ଆଇନ ସମ୍ମତ ନୁହେଁ। ଏହି ଘଟଣା ସମ୍ପର୍କରେ ଅନୁଧ୍ୟାନ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ଶ୍ରୀ ଜେନା ପ୍ରକାଶ କରିଥିଲେ। ଏ ନେଇ ଗୋପ ତହସିଲଦାର ଅନିଲ କୁମାର ମହାନ୍ତିଙ୍କୁ ପଚାରିବାରେ ସେ କୁହନ୍ତି ଘଟଣା ସମ୍ପର୍କରେ କୋଣାର୍କ ରାଜସ୍ୱ ନିରୀକ୍ଷକଙ୍କ ସହ ଆଲୋଚନା କରି ଆଇନଗତ ପ୍ରକ୍ରିୟାରେ ୱାଟକୋ କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରାଯାଇ ସରକାରୀ ନିୟମ ଅନୁଯାୟୀ ଜମି ଅଧିଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଆହାର କେନ୍ଦ୍ରରେ ଖାଦ୍ୟର ମାନ ଯାଞ୍ଚକଲେ ପ୍ରଶାସନିକ ଅଧିକାରୀ



**ଓଡ଼ଗାଁ,୧୩।୬/ଏନ୍‌ଏନ୍‌ଏସ୍:** ସାଧାରଣ ମଣିଷଭଳି ଜୀବନ ଯାପନ କରିବା ହେଉଛି ଲକ୍ଷ୍ୟ। ଆହାର କେନ୍ଦ୍ରକୁ ଆହାର ମାନଯାଞ୍ଚ କରିବାକୁ ଆସିଥିବା ପ୍ରଶାସନିକ ଅଧିକାରୀ ଆହାରଖାଇ ଏହା ପ୍ରମାଣିତ କରି ଦେଇଛନ୍ତି। ଓଡ଼ଗାଁ ଆହାର କେନ୍ଦ୍ରରେ ଏନ୍‌ଏସି କର୍ମଚାରୀ, ତହସିଲଦାର ଓ ଥାନା ଏସଆଇ ମାନ ଯାଞ୍ଚ କରିବା ସମୟରେ ସମସ୍ତ ଗରିବ ଶ୍ରେଣୀର ଲୋକଙ୍କୁ ଠିକ୍ ରେ ଆହାର ଦିଆଯାଉଛି କିନାହିଁ ତାହା ପରଖିଥିଲେ। ଆହାର କେନ୍ଦ୍ର ସଫାସୁତୁରା ଦେଖିବା ସହିତ ପିଇବା ପାଣିର ସୁବିଧା ଅଛିକି ନାହିଁ ତାହା ପଚାରି ବୁଝିଥିଲେ। ତା' ସହିତ ୫ଟଙ୍କାରେ ମିଳୁଥିବା ଭାତ, ଡାଲମା, ଆଚାର ଲୋକଙ୍କୁ ଠିକ୍ ରେ ଦିଆଯାଉଛି କି ବାଟମାରଣା କରାଯାଉଛି ତାଉପରେ ନଜର ରଖିବାକୁ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଆହାର ଉପରୁ ଯେପରି ଲୋକଙ୍କ ଭରଷା ନତୁଟେ କିମ୍ବା ବହୁ ଦୂରରୁ ଆଶାନେଇ ଆସିଥିବା ବ୍ୟକ୍ତି ଆହାର ନପାଇ ନିରାଶରେ ଫେରେ ତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଏନ୍‌ଏସି ଅଧିକାରୀ ନିହାର ରଞ୍ଜନ ବେହେରା, ତହସିଲଦାର ଡ଼.ମାନସ ରଞ୍ଜନ ଭୋଇ, ଆଦର୍ଶ ଥାନା ସବଇନ୍ସପେକ୍ଟର ଚକ୍ରଧର ସିଂହ ଓ ଏନ୍‌ଏସି ଯନ୍ତ୍ରୀ ସତ୍ୟନାରାୟଣ ସାହୁଙ୍କ ସମେତ ଏନଏସି କର୍ମଚାରୀ ସାମିଲ ଥିବା ଜଣାପଡ଼ିଛି

## ବର୍ଷୀୟାନ କଂଗ୍ରେସ ନେତା ରବି ସ୍ୱାଇଁଙ୍କ ଦେହାନ୍ତ

**ସାକ୍ଷୀଗୋପାଳ,୧୩।୬/ଏନ୍‌ଏନ୍‌ଏସ୍:** ମଧୁବନ ଗ୍ରାମ ପଞ୍ଚାୟତର ବର୍ଷୀୟାନ କଂଗ୍ରେସ ନେତା ରବିନ୍ଦ୍ରନାଥ ସ୍ୱାଇଁଙ୍କ ୮୧ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ସେ ମଧୁବନ ପଞ୍ଚାୟତ ସମେତ ପଶ୍ଚିମ ସତ୍ୟବାଦୀର ଜଣେ ଜଣାଶୁଣା ଟାଣୁଆ କଂଗ୍ରେସ ନେତା ଥିଲେ। ପ୍ରାୟ ୧୫ ବର୍ଷ କାଳ ମଧୁବନ ପଞ୍ଚାୟତର କଂଗ୍ରେସ ଦଳର ସଭାପତି ରହିବା ସହିତ ଥରେ ସରପଞ୍ଚ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ଏହା ପୂର୍ବରୁ ସେ ଅଭୟମୁଖି ପଞ୍ଚାୟତର ନାଏବ ସରପଞ୍ଚ ଥିଲେ। ସେ ଟାଟା ନଗରରେ ଜନ୍ମ ହୋଇଥିଲେ ମଧ ନିଜ ଜନ୍ମସ୍ଥାନ ଡାହାଣ କୁମ୍ଭାରପଡ଼ା ରେ ରହି ଜନସେବାରେ ବ୍ରତୀ ହୋଇଗଲେ। ସେ ଜଣେ ସିନେମା ଅପରେଟର୍, ଗାଡ଼ି ଚାଳକ ଓ ରେଡ଼ିଓ ମେକାନିକ୍ ଭାବରେ ଅଞ୍ଚଳରେ ଖ୍ୟାତି ଅର୍ଜନ କରିଥିଲେ। ରବିନ୍ଦ୍ରଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳର ଲୋକେ ତାଙ୍କ ସରଳ ଜୀବନ, ଲୋକଙ୍କୁ ଭଲପାଇବା, ନିରଳସ ସେବା ଆଦି ଗୁଣକୁ ମନେପକାଇ ମର୍ମାହତ ହୋଇଛନ୍ତି। ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ ଅଛନ୍ତି।

## ଖଣ୍ଡପଡ଼ା ବ୍ଲକ୍‌ର ୩ ପଞ୍ଚାୟତ ପରିକ୍ରମା କଲା ବିକାଶ ବାହନ



**ଖଣ୍ଡପଡ଼ା,୧୩।୬/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବାର ଲକ୍ଷ୍ୟ ନେଇ ଖଣ୍ଡପଡ଼ା ବ୍ଲକ ପରିକ୍ରମା ଆରମ୍ଭ କରିଛି ବିକାଶ ବାହନ। ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ପୂର୍ବାହ୍ନରେ ବିଡିଓ ଅଙ୍କୁର ଅଭିଳାଷ ଓ ଏବିଡ଼ିଓ ଝାଡ଼େଶ୍ୱର ଦାସ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ଅବସରରେ ବ୍ଲକର ସମସ୍ତ କର୍ମଚାରୀ ସେଠାରେ ଉପସ୍ଥିତ ଥିଲେ। ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରୁ ବିକାଶ ବାହନ ଯାତ୍ରା ଆରମ୍ଭ କରିବା ସହ ପ୍ରଥମ ଦିବସରେ ଖଣ୍ଡପଡ଼ା ବ୍ଲକ ଅଧିନ ରାଣୀପଡ଼ା, ଯୋଗିଆପଲ୍ଲୀ ଓ ଶିଖରପୁର ପ୍ରଭୃତି ୩ ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କୁ ବିକାଶର ବାର୍ତ୍ତା ପ୍ରଦାନ କରିଛି। ପର୍ଯ୍ୟାୟକ୍ରମେ ବିଭିନ୍ନ ଦିନରେ ଖଣ୍ଡପଡ଼ା ବ୍ଲକ ଅଧିନ ବାକି ୧୯ ଟି ପଞ୍ଚାୟତ ବିକାଶ ବାହନ ପରିକ୍ରମା କରିବା ସହ ଆସନ୍ତା ୨୧ ତାରିଖରେ ଏହି କାର୍ଯ୍ୟକ୍ରମ ଖଳିସାହି ପଞ୍ଚାୟତରେ ଶେଷ ହେବ ବୋଲି ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ କୁମାର ବଡ଼ସେଠଙ୍କଠାରୁ ପ୍ରକାଶ।

## କୃଷି ଋଣ ସଚେତନତା ଶିବିର



**ବଳଙ୍ଗା,୧୩।୬/ଏନ୍‌ଏନ୍‌ଏସ୍:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଶାଖା ପକ୍ଷରୁ ବଳଙ୍ଗା ପଞ୍ଚାୟତ ଗୃହରେ ଏକ କୃଷି ଋଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ବଳଙ୍ଗା ଶାଖା ପରିଚାଳକ ତୁଷାର କାନ୍ତ ଦାଶ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବଳଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ ଯୋଗଦାନ କରିଥିଲେ। ଚାଷୀମାନେ କିପରି ବ୍ୟାଙ୍କରୁ କୃଷି ଋଣ ନେଇ ଠିକ୍ ସମୟରେ ପୈଠ କଲେ ସୁଧ ପଡ଼ିନଥାଏ। ଋଣରେ ଥିବା ସବ୍‌ସିଡି ମଧ ନିଜ ଆକାଉଣ୍ଟ୍‌କୁ ଆସିଥାଏ। ବନ୍ୟା ,ବାତ୍ୟା ବା କୌଣସି ଦୈବୀ ଦୁର୍ବିପାକ ହେଲେ ଚାଷୀମାନେ ଋଣ ଛାଡ଼ ପାଇଥାନ୍ତି। ଏହିପରି ବିଭିନ୍ନ କାର୍ଯ୍ୟ ଉପରେ ଆଲୋକପାତ କରାଯାଇଥିଲା। ଶିବିର ପରିଚାଳନା କରିଥିଲେ ସାର୍ଥକ ବିଶ୍ୱାଳ ଓ ରାକେଶ ଗୁରୁ। ଶିବିରରେ ୪୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦାନ କରିଥିଲେ।

# ପିକକ୍ ଦ୍ୱାରା ବିଶ୍ୱ ଶିଶୁ ଶ୍ରମ ବିରୋଧୀ ଦିବସ





**ବାଲିଅନ୍ତା,୧୩।୬/ଏନ୍‌ଏନ୍‌ଏସ୍:** ପ୍ରତି ଜୁନ୍ ୧୨ ତାରିଖରେ ବିଶ୍ୱ ଶିଶୁ ଶ୍ରମ ବିରୋଧୀ ଦିବସ ପାଳନ ପାଳନ କରାଯାଏ। ଏହି ବର୍ଷର ବିଷୟବସ୍ତୁ 'ଅଗ୍ରଗତି ସ୍ପଷ୍ଟ, କିନ୍ତୁ ଆହୁରି ଅନେକ କିଛି କରିବାକୁ ଅଛି; ଆସନ୍ତୁ ପ୍ରୟାସକୁ ତ୍ୱରାନ୍ୱିତ କରିବା!' ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ୟୁନିସେଫ୍ ଦ୍ୱାରା ଆଜି ପ୍ରକାଶିତ ନୂତନ ଆକଳନ ଅନୁଯାୟୀ, ୨୦୨୪ ମସିହାରେ ପ୍ରାୟ ୧୩୮ ନିୟୁତ ଶିଶୁ ଶିଶୁ ଶ୍ରମରେ ନିୟୋଜିତ ଅଛନ୍ତି। ଯେଉଁଥିରେ ପ୍ରାୟ ୫୪ ନିୟୁତ ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ ଅଛନ୍ତି ଯାହା ସେମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା କିମ୍ବା ବିକାଶକୁ ବିପଦରେ ପକାଇପାରେ। ବିଶ୍ୱ ଶିଶୁ ଶ୍ରମ ବିରୋଧୀ ଦିବସ ସମସ୍ତ ପ୍ରକାରର ଶିଶୁ ଶ୍ରମକୁ ଦୂର କରିବା ଏବଂ ପ୍ରତ୍ୟେକ ଶିଶୁ ପାଇଁ ଶିକ୍ଷା, ସୁରକ୍ଷା ଏବଂ ଶୋଷଣ ମୁକ୍ତି ଜୀବନର ଅଧିକାର ଉପଭୋଗ କରିବା ତଥା ନିଶ୍ଚିତ କରିବା ପାଇଁ ଏକ ବିଶ୍ୱବ୍ୟାପୀ ଆହ୍ୱାନ ଦିଆଯାଇଛି।

ଏହି ଦିନକୁ ପାଳନ କରିବା ପାଇଁ ସ୍ୱେଚ୍ଛାସେବୀ ସଂଗଠନପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ଖୋର୍ଦ୍ଧା, ବାଲେଶ୍ୱର, କେଉଁଝର, କଟକ ଏବଂ କେନ୍ଦ୍ରାପଡା ସମେତ ଓଡିଶାର ବିଭିନ୍ନ ଜିଲ୍ଲା ତଥା ଜାତୀୟ ସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ତୃଣମୂଳ ସ୍ତରରେ ଲୋକଙ୍କୁ ଜଡିତ କରିବା ଏବଂ ଏହି ସମସ୍ୟା ବିଷୟରେ ସଚେତନତା ପ୍ରସାର କରିବା ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକଳାପ କରାଯାଇଥିଲା। ସଭା, ରାଲି, କାନ୍ଥ ଚିତ୍ର ସଚେତନତା ବାର୍ତ୍ତା, ପୋଷ୍ଟର୍ ତିଆରି, ମାନବ ଶୃଙ୍ଖଳ, ସାମାଜିକ ଗଣମାଧ୍ୟମ ଅଭିଯାନ, ରେଡିଓ ସମ୍ପର୍କ ୮୯.୬ ମାଧ୍ୟମରେ ସଚେତନତାମୂଳକ କାର୍ଯ୍ୟକ୍ରମ ପ୍ରସାର କରାଯାଇଥିଲା। ଏହି ଦିନଟି ପିକକ୍ ଦ୍ୱାରା ଏପ୍ରିଲ ୩୦ରୁ ଆରମ୍ଭ ହୋଇଥିବା ୪୪ ଦିନିଆ ଶିଶୁ ଶ୍ରମ ବିରୋଧୀ ଅଭିଯାନର ଶେଷ ଦିନ ଥିଲା।

ଏହି ଦିବସ ଅବସରରେ ପିକକ୍ ଦ୍ୱାରା ଗଠିତ କେଳାସାହି ବସ୍ତିର କିଶୋର କିଶୋରୀ ଗୋଷ୍ଠୀର ନେତ୍ରୀ ତଥା ଦଶମ ଶ୍ରେଣୀ ଛାତ୍ରୀ ଦୀୟା ଦାସ କହିଥିଲେ ଯେ ସମସ୍ତ ପିଲା ସ୍କୁଲ ଯିବା ଉଚିତ୍। ସେମାନଙ୍କୁ ଏକ ଉନ୍ନତ ଭବିଷ୍ୟତ ଗଠନ କରିବାର ସୁଯୋଗ ଦିଆଯିବା ଉଚିତ। କୌଣସି ପିଲାକୁ ଜୀବିକା ନିର୍ବାହ ପାଇଁ ନିଜ ଶୈଶବକୁ ବଳିଦାନ ଦେବାକୁ ପଡ଼ିବ ନାହିଁ। କେନ୍ଦୁଝରର ଇକୋସେଭର୍ସ ଯୁବ ଗୋଷ୍ଠୀର ସଦସ୍ୟ ସଂଗ୍ରାମ ଦେହୁରୀ କହିଥିଲେ ଯେ ପ୍ରତ୍ୟେକ ଶିଶୁ ଶ୍ରମ ନୁହେଁ, ଏକ ସୁନ୍ଦର ଶୈଶବ ପାଇବା ଉଚିତ। ଆସନ୍ତୁ ସମସ୍ତେ ମିଶି ଶିଶୁ ଶ୍ରମକୁ ସମାପ୍ତ କରିବା। ଶିକ୍ଷା, ସ୍ୱପ୍ନ ଏବଂ ସ୍ୱାଧୀନତାକୁ ଗୁରୁତ୍ୱଦେଇ ଏକ ସୁନ୍ଦର ଭବିଷ୍ୟତ ନିର୍ମାଣ କରିବା। ଏହି ଦିବସ ପାଳନର ଲକ୍ଷ୍ୟ ଉପରେ ଗୁରୁତ୍ୱଦେଇ ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି କହିଥିଲେ ଯେ ଶିଶୁଶ୍ରମ ବନ୍ଦ କରିବା ପାଇଁ ଆମେ ସମସ୍ତେ ହାତ ମିଳାଇବା ଉଚିତ୍। ଆସନ୍ତୁ ଆମେ ଏପରି ଏକ ବିଶ୍ୱ ପାଇଁ କାମ କରିବା ଯେଉଁଠାରେ କୌଣସି ଶିଶୁକୁ ଶ୍ରମରେ ନିୟୋଜିତ କରିବାକୁ ବାଧ୍ୟ କରାଯିବ ନାହିଁ, ଯେଉଁଠାରେ ପ୍ରତ୍ୟେକ ଶିଶୁ ସ୍କୁଲରେ ରହିବେ, ସୁରକ୍ଷିତ ରହିବେ ଏବଂ ସ୍ୱପ୍ନ ଦେଖିବା ପାଇଁ ମୁକ୍ତ ରହିବେ।

## ଅଣସର ଘରେ ଶ୍ରୀଜିଉ, ପୂଜା ପାଇଲେ ପଟିଦିଅଁ



**କଣ୍ଟିଲୋ,୧୩।୬/ଏନ୍‌ଏନ୍‌ଏସ୍:** ପବିତ୍ର ଦେବସ୍ନାନ ପୂର୍ଣ୍ଣିମୀ ପରେ ଗୁରୁବାର ବିଳମ୍ବିତ ରାତିରେ ବିଗ୍ରହମାନେ ଅଣସର ଘରକୁ ବିଜେ କରିଛନ୍ତି। ସମସ୍ତ ଦେବ ନୀତି ସମ୍ପନ୍ନ କରାଯାଇ ବିଗ୍ରହମାନେ ଅଣସର ଘରେ ରହିବା ପରେ ପାରମ୍ପରିକ ପ୍ରଥାନୁଯାୟୀ ମନ୍ଦିରରେ ପଟିଦିଅଁକୁ ଶୁକ୍ରବାରଠାରୁ ପୂଜା କରାଯାଉଛି। ସେବାସୀମାନେ ନୀତିକାନ୍ତି ଶେଷ କରି ପଟି ଦିଅଁକୁ ପୂଜା କରିବା ପରେ ଭକ୍ତମାନେ ମନ୍ଦିରରେ ଉପସ୍ଥିତ ରହି ଦର୍ଶନ କରିଥିଲେ। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ବିଗ୍ରହମାନେ ଅଣସର ଘରେ ରହିବା ପରେ ୨୬ ତାରିଖରେ ନେତ୍ରୋତ୍ସବ ଅନୁଷ୍ଠିତ ହେବ ବୋଲି ମନ୍ଦିର କର୍ତ୍ତୃପକ୍ଷଙ୍କ ସୂତ୍ରରୁ ପ୍ରକାଶ।

# କବି ନନ୍ଦକିଶୋର ସାମଲଙ୍କ ଶତବାର୍ଷିକ ଜୟନ୍ତୀ ସମାରୋହ



**ମାହାଙ୍ଗା,୧୩।୬/ଏନ୍‌ଏନ୍‌ଏସ୍:** ଖ୍ୟାତାନାମା ସାହିତ୍ୟ ସ୍ରଷ୍ଟା, ବିଶିଷ୍ଟ ଶିଶୁ ସାହିତ୍ୟିକ, କବି ଓ ଲେଖକ ନନ୍ଦ କିଶୋର ସାମଲଙ୍କ ଶତ ବାର୍ଷିକ ଜୟନ୍ତୀ ସମାରୋହ କୁଆଁପାଳ ଠାରେ ସେକ ମତଲୁବ ଅଲ୍ଲୀ ସ୍ମୃତି ସଂସଦ ମାହାଙ୍ଗା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଶତାବ୍ଦୀ ପତ୍ରିକାର ସମ୍ପାଦକ ଯୁବ ସଂଗଠକ ସେକ ମସୁଦ ଅଲିଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମରେ ଓଡିଶାର ଜଣେ ବିଶିଷ୍ଟ ସାହିତ୍ୟିକ, କଳା ବିକାଶ କେନ୍ଦ୍ରର ସଭାପତି ପ୍ରଫେସର ଡଃ ବିଜୟାନନ୍ଦ ସିଂହ ମୁଖ୍ୟଅତିଥିଭାବେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ଶିଶୁ ସାହିତ୍ୟିକ ନନ୍ଦ କିଶୋର ସାମଲଙ୍କ କର୍ମମୟ ଜୀବନ, ତାଙ୍କର ଲେଖନୀ ଓ ତାଙ୍କ ଦ୍ୱାରା ରଚିତ କବିତା ଓ ଗଳ୍ପ ଆଗାମୀ ପିଢି ପାଇଁ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଯାଇଛନ୍ତି ବୋଲି କହିଥିଲେ। ଆଇନଜୀବୀ ଦୀପ କୁମାର ମହାନ୍ତି, ସଂଗ୍ରାମ କେଶରୀ ସାମଲ ଓ ସମାଜସେବୀ ଶ୍ୟାମସୁନ୍ଦର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କବିଙ୍କ ବହୁମୁଖି ପ୍ରତିଭା ଉପରେ ଆଲୋଚନା କରିଥିଲେ। ଯୁବ ସଂଗଠକ ସୌକତ ଅଲି ଧନ୍ୟବାଦ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବି ନାରାୟଣ ସାହୁ, ନଳିନୀକାନ୍ତ ନାୟକ, ଭାନୁଚରଣ ପରିଡ଼ା, କୈବଲ୍ୟ ମହାନ୍ତି, ଭ୍ରମରବର ଦାସ, ପ୍ରତାପ ନାୟକ, ଜ୍ଞାନେନ୍ଦ୍ର ପ୍ରସାଦ ତ୍ରିପାଠୀ, ବଟକୃଷ୍ଣ ସାମଲ, ପଦ୍ମଚରଣ ଲେଙ୍କା, କେଶବ ବିଶ୍ୱାଳ, ସୁରେନ୍ଦ୍ର ମହାନ୍ତି, ବଳରାମ ସ୍ୱାଇଁ, ବିଦ୍ୟାଧା ବେହେରା, ବିଦ୍ୟାଧର ପରିଡ଼ା ଓ ଶ୍ୟାମ ସୁନ୍ଦର ସେଠୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବୋଧପୁର ଗ୍ରାମରେ ବିଶ୍ୱ ଶାନ୍ତି ମହାଯଜ୍ଞ



**କିଶୋରନଗର,୧୩।୬/ଏନ୍‌ଏନ୍‌ଏସ୍:** କଟକ ସଦର ବ୍ଲକ ବୋଧପୁର ଗ୍ରାମରେ ଗ୍ରାମ ଦେବତୀ ଆରାଧ ଦେବୀ ମାଆ କୋଟିଲେଇଙ୍କ ପୀଠରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଏକ ଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞରେ କର୍ତ୍ତା ଓ କର୍ତ୍ତ୍ରୀ ଭାବରେ ପ୍ରଭଞ୍ଜନ ଦାସ ଓ ସନ୍ଧ୍ୟା ରାଣୀ ଦାସ ଦାୟିତ୍ୱ ନିର୍ବାହ କରିଥିବା ବେଳେ ପଣ୍ଡିତ ଦେବ ପ୍ରସାଦ ମିଶ୍ରଙ୍କର ତତ୍ତ୍ୱାବଧାନରେ ପଣ୍ଡିତ ମଣ୍ଡଳୀଙ୍କ ଦ୍ୱାରା ପୂର୍ବାହ୍ନରେ ସୂର୍ଯ୍ୟ ପୂଜା, ଗୋପୂଜା ସହିତ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମାଆଙ୍କର ସନ୍ଧ୍ୟା ଆଳତୀ ଓ ଯଜ୍ଞର ପୂର୍ଣ୍ଣାହୁତିରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ଥିଲେ। ପୂର୍ଣ୍ଣାହୁତି ପରେ ମାଆଙ୍କ ପୀଠ ରେ ଆନନ୍ଦ ବଜାର ଖୋଲି ଥିଲା। ଆଖପାଖ ଅଞ୍ଚଳର ବହୁ ଭକ୍ତ ଆନନ୍ଦ ବଜାରରେ ପ୍ରସାଦ ସେବନ କରି ମାଆ ଙ୍କର କୃପା ଲାଭ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ନରହରି ବେହେରା, ଜିତେନ୍ଦ୍ର ନାୟକ, ଅବନୀ ବେହେରା, ରାଜକିଶୋର ସାହୁ, ସୁରେନ୍ଦ୍ର ପଣ୍ଡା, ଅରବିନ୍ଦ ମହାନ୍ତି, ବିଧୁ ରଞ୍ଜନ ମହାନ୍ତି, ଖୀର ବେହେରା, ଗିରିଜା ଶଙ୍କର ଦାସ ଓ ଶିଶିର ଦାସଙ୍କ ସହିତ ଗ୍ରାମର ସମସ୍ତ ଗ୍ରାମବାସୀ ସାହାଯ୍ୟ ସହଯୋଗ କରିଥିଲେ।

# ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଛତୁଚାଷ ପ୍ରଶିକ୍ଷଣ



**ଚାରିଛକ,୧୩।୬/ଏନ୍‌ଏନ୍‌ଏସ୍:** ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ଡକ୍ଟର ମିତ୍ରା ମହାପାତ୍ରଙ୍କ ଅଧକ୍ଷତାରେ କଲେଜ ପରିସର ମଧ୍ୟରେ ଏକ ଛତୁ ଚାଷ ଉପରେ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଓ ୟୁ ଏ ଟି ଅବସରପ୍ରାପ୍ତ ପ୍ରଫେସର ଅଦ୍ୱୈତ କୁମାର ପାତ୍ର ଯୋଗଦେଇ ଛତୁ ଚାଷ ବିଷୟରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ମହିଳା ଗୋଷ୍ଠୀ ସଦସ୍ୟ ଏବଂ ଉକ୍ତ ମହାବିଦ୍ୟାଳୟର ଛାତ୍ରୀ ମାନଙ୍କୁ ଛତୁ ଚାଷ ଉପରେ ବୁଝାଇଥିଲେ। ଛାତ୍ରୀମାନେ କିଭଳି ଭାବେ ପାଠ ପଢା ସହିତ ନିଜେ ଛତୁ ଚାଷ କରି ନିଜେ ରୋଜଗାର କରି ନିଜେ ଆତ୍ମନିର୍ଭରଶୀଳ ହୋଇ ପାରିବେ ଏହି ତାଲିମି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟ ଅତିଥି କହିଥିଲେ । କାର୍ଯ୍ୟକ୍ରମ ଶେଷରେ ଚାରିଛକ ଅଞ୍ଚଳର ଜଣେ ସଫଳ ଚାଷୀ ଲକ୍ଷ୍ମୀକାନ୍ତ ଦାସଙ୍କୁ ଉତରୀୟ ସହିତ ମାନପତ୍ର ଦେଇ ଅତିଥି ଦ୍ୱାରା ସମ୍ମାନିତ କରିଥିବା ବେଳେ ବିଭିନ୍ନ ଅଞ୍ଚଳରୁ ଆସିଥିବା ରାଧାକୃଷ୍ଣ ମହିଳା ଗ୍ରୁପ୍, ମା' ଆଲାମଚଣ୍ଡୀ ମହିଳା ଗ୍ରୁପ୍, ମା' ସରସ୍ୱତୀ ମହିଳା ଗ୍ରୁପ୍, ମା' ଗଜଲକ୍ଷ୍ମୀ ମହିଳା ଗ୍ରୁପ୍ ସହିତ ଗାଦିବ୍ରହ୍ମ ମହିଳା ଗ୍ରୁପ୍‌କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉକ୍ତ ମହାବିଦ୍ୟାଳୟର ଆଇ କିୟୁ ଏ ସି ସଂଯୋଜକ ଡକ୍ଟର ପୂର୍ଣ୍ଣିମା ମହାନ୍ତି, ଏଚ୍‌ଓଡି ମଧୁସ୍ମିତା ମହାପାତ୍ର, ଅଧାପିକା ମେନେକା ନାୟକ, ଡେମୋନ୍‌ଷ୍ଟ୍ରେଟର ସବ୍ୟସାଚୀ ନାୟକ, ସୁଶାନ୍ତ କୁମାର ନାୟକଙ୍କ ସହିତ ଛାତ୍ରୀମାନେ ଉପସ୍ଥିତ ଥିଲେ।


**ନିତି ଭାରତୀ**

ପ୍ରେମ ହେଉଛି ଏକମାତ୍ର ବାସ୍ତବତା ଏବଂ ଏହା କେବଳ ଭାବପ୍ରବଣତା ନୁହେଁ । ପ୍ରତ୍ୟେକ ସୃଷ୍ଟିର ମୂଳରେ ଏଇ ନିରାଟ ସତ୍ୟଟି ହିଁ ନିହିତ ଥାଏ ।
- ରବୀନ୍ଦ୍ରନାଥ ଠାକୁର

NITIDIN
ନିତିଦିନ
ଶନିବାର, ୧୪ ଜୁନ୍ ,୨୦୨୫

# ଓଡ଼ିଆଙ୍କ ଗଣପର୍ବ ରଜ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ । ବିଶ୍ୱର କୋଣ ଅନୁକୋଣରେ ପଶ୍ଚିମ ଓଡ଼ିଶାର ଯିଏ ଯେଉଁଠି ଥିଲେ ମଧ୍ୟ ନୂଆଖାଇ ଅବସରରେ ନିଶ୍ଚୟ ଘରକୁ ଆସନ୍ତି । ସେମିତି ସମଗ୍ର ଓଡ଼ିଶାର ଗଣପର୍ବ ହେଉଛି ରଜ । କିଛି ଅଞ୍ଚଳ (ଦକ୍ଷିଣ ଓଡ଼ିଶା)ରେ ସେତେଟା ପ୍ରଭାବ ନଥିଲେ ମଧ୍ୟ ରଜରେ ପ୍ରାୟ ସମସ୍ତ ଓଡ଼ିଶାବାସୀ ଘରମୁହାଁ ହୋଇଥାନ୍ତି, ଏକାଠି ରଜ ପାଳିବା ପାଇଁ । ଆଷାଢ଼ କୃଷ୍ଣ ସଂକ୍ରାନ୍ତିକୁ ମିଥୁନ/ ରଜ ସଂକ୍ରାନ୍ତି କୁହାଯାଏ । ରଜ ଚାରି ଦିନ ପାଳନ କରାଯାଏ- ସଂକ୍ରାନ୍ତି ପୂର୍ବ ଦିନ ପହିଲି ରଜ, ତା' ପୂର୍ବ ଦିନ ସଜବାଜ, ଅର୍ଥାତ୍ ରଜ ପାଳିବା ନିମନ୍ତେ ସବୁ ସାଇତା ସଜଡ଼ା କରି ରଖାଯାଏ, ସଂକ୍ରାନ୍ତି ପର ଦିନ ଶେଷ ରଜ ଓ ତତ୍‌ପରଦିନ ବସୁମତୀ ସ୍ନାନ । ରଜ ଏକ କୃଷିଭିତ୍ତିକ ପର୍ବ । ଆଜିକାଲି ଚାଷରେ ସେମିତି ଲାଭ ହେଉ ନଥିଲେ ମଧ୍ୟ ଆଜି ବି ଓଡ଼ିଶାର ପ୍ରାୟ ୭୦% କୃଷିଜୀବୀ । ବର୍ଷସାରା ନିଜର ରକ୍ତ (ଝାଳ) ନିଗାଡ଼ି ସର୍ବସାଧାରଣଙ୍କୁ ଖାଦ୍ୟ



ଜୟନ୍ତ ପଟ୍ଟନାୟକ

ଯୋଗାଇ ଦେଉଥିବା ଚାଷୀମାନଙ୍କୁ ବିଶ୍ରାମ/ ଅବସର ଦେବା ପାଇଁ ଏହି ପର୍ବ ଉଦ୍ଦିଷ୍ଟ । ମନୁଷ୍ୟ ତଥା ସମଗ୍ର ଜୀବ ଜଗତକୁ ଧାରଣ କରିଥିବା, ଆମକୁ ବିଭିନ୍ନ ପ୍ରକାର ଶସ୍ୟ ଖାଦ୍ୟ ଆକାରରେ ଦେଉଥିବା ଧରିତ୍ରୀ ମାତା, ବସୁନ୍ଧରାଙ୍କୁ ମଧ୍ୟ ସାମୟିକ କିଞ୍ଚିତ ବିଶ୍ରାମ ଦେବା ସକାଶେ ଏହି ରଜ ପର୍ବର ପରିକଳ୍ପନା ।

ସମଗ୍ର ନାରୀ ଜାତିର ପ୍ରତୀକ ହେଉଛନ୍ତି ଧରଣୀ ବା ବସୁଧା ବା ମାଟି ମା' । ଧରିତ୍ରୀ ଏବଂ ନାରୀ ଜାତିକୁ ମଧ୍ୟ ଶ୍ରଦ୍ଧା, ସମ୍ମାନ ତଥା ବିଶ୍ରାମ ଦେବା ଏହି ରଜ ପର୍ବର ଉଦ୍ଦେଶ୍ୟ । ନାରୀ ଯେପରି ରଜସ୍ୱଳା ହେବା ସମୟରେ ବିଶ୍ରାମ ନେଇଥାନ୍ତି, ସେହିପରି ଆଗାମୀ ବର୍ଷା ହେତୁରୁ (ରଜ ପରେ ପରେ ବର୍ଷା ହୁଏ) ସନ୍ତାନ ସମ୍ଭବା ବା ଶସ୍ୟ ଉତ୍ପାଦନ ସକାଶେ ଯୋଗ୍ୟ ହେଉଥିବାରୁ ଧରଣୀ ରାଣୀଙ୍କୁ ଏହି ରଜ ସମୟରେ ସମ୍ପୂର୍ଣ୍ଣ ବିଶ୍ରାମ ଦିଆଯାଏ । କାରଣ, ଆଷାଢ଼ ମାସରେ ବର୍ଷାର ଆଗମନରେ ମେଘ ଓ ମାଟିର ମିଳନ ହୁଏ; ଧରଣୀ ରଜସ୍ୱଳା ହୁଏ । କୌଣସି ପ୍ରକାର ଚାଷବାସ, ଭୂମି କର୍ଷଣ ସମ୍ପୂର୍ଣ୍ଣ ନିଷେଧ ଥାଏ ଏଇ ସମୟରେ । ଏମିତିକି ଝିଅମାନେ ଏଇତକ ଦିନ ଖାଲି ପାଦରେ ଭୂଇଁ ଉପରେ ଚାଲିବା ମନା । ସେଥିପାଇଁ ପର୍ବରେ କଦଳୀ ପତ୍ର/ ପଟୁକାରେ ପ୍ରସ୍ତୁତ କଠଉ ପିନ୍ଧି (ଆଜିକାଲି ସମସ୍ତେ ସାଧାରଣ ଚପଲ ପିନ୍ଧୁଛନ୍ତି) ଭୂଇଁରେ ଚାଲନ୍ତି । ମାତୃ ଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା, ଉଦ୍ଦୀପନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜ ପର୍ବ । ରଜ ପୂର୍ବରୁ ରଜ ସଜବାଜ ଦିନଠାରୁ ସବୁ ପ୍ରକାର କଟା, ବଟା ଇତ୍ୟାଦି ସରିଥାଏ, ଅର୍ଥାତ୍ ରଜ ଭିତରେ ଝିଅମାନେ କୌଣସି କାମ ନ କରିବା ନିମିତ୍ତ ପରିବା କଟା, ମସଲା ବଟା ଇତ୍ୟାଦି ସବୁ ପୂର୍ବରୁ ସରିଥାଏ । କାରଣ- ବିଶ୍ରାମ, ପୁଣି ମାଟି ମା' ଉପରେ କୌଣସି ପ୍ରକାର ଆଘାତ ନ ପହଞ୍ଚେଇବାର ମହତ୍ତ୍ୱାକାଂକ୍ଷା । ସେତେବେଳ ସମୟରେ ମସଲା ଶିଳରେ ବଟା ଯାଉଥିଲା ବା ଢିଙ୍କିରେ କୁଟା ଯାଉଥିଲା । ଧରଣୀ ଉପରେ ମାଡ଼ ପଡୁଥିଲା । ଅବଶ୍ୟ ଆଜିକାଲି ଗ୍ରାଇଣ୍ଡର ସୌଜନ୍ୟରୁ ସେ ଅସୁବିଧା ଆଉ ନାହିଁ ଏବଂ ଆଜିକାଲି ଏସବୁ ଚଳଣି ବା ପରମ୍ପରାକୁ କେହି ଏତେ ଗୁରୁତ୍ୱ ଦେଉ ନାହାନ୍ତି, କେବଳ ପର୍ବ ପାଳନର ମଉଜ ନେବା ସାର ।

ଆଷାଢ଼ ମାସ ଚତୁର୍ମାସ୍ୟା ବ୍ରତ ପାଳନର ପ୍ରଥମ ମାସ । ଏ ସମୟରେ ମୁନି ଋଷିମାନେ ଓ ସାଧବମାନେ ସେମାନଙ୍କର ପରିଭ୍ରମଣ ତ୍ୟାଗ କରି ଏକାନ୍ତ ଭାବେ ବିଶ୍ରାମ/ ସାଧନାରେ ବ୍ରତୀ ଥାଆନ୍ତି । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସୂର୍ଯ୍ୟ ବୃଷ ରାଶିକୁ ତ୍ୟାଗ କରି ଯେଉଁ ଦିନ ମିଥୁନ ରାଶିରେ ପ୍ରବେଶ କରନ୍ତି, ତା'ପୂର୍ବ ଦିନଠୁ ତିନିଦିନ ଧରି ରଜ ପାଳନ କରାଯାଏ । ସେଥିପାଇଁ କେହି କେହି ଏହାକୁ ମିଥୁନ ସଂକ୍ରାନ୍ତି ମଧ୍ୟ କୁହନ୍ତି । ରଜ ଚାଷୀ ଘରେ ତଥା ସାଧାରଣ ଓଡ଼ିଆ ଘରେ ଏକ ମଉଜ ମଜଲିସର ପର୍ବ ହୋଇଥିବା ବେଳେ ଆମର ଧର୍ମୀୟ ଭାବଧାରାରେ ମଧ୍ୟ ଯୋଡ଼ି ହୋଇ ଯାଇଛି କୋଉ କାଳରୁ । ଶ୍ରୀମନ୍ଦିରରେ ସପ୍ତାବରଣ ମୂର୍ତ୍ତି ମଧ୍ୟରେ 'ଭୂଦେବୀ' ଥିବାରୁ ସେଠାରେ ମଧ୍ୟ ଖୁବ୍ ରୀତିନୀତି ସହିତ ରଜ ପର୍ବ ପାଳନ କରାଯାଏ ।

ରଜରେ ମୁଖ୍ୟତଃ ସ୍ୱାଦିଷ୍ଟ ଖାଦ୍ୟ, ବିଶେଷକରି ପୋଡ଼ପିଠା, ରଜ ପାନ, ରଜ ଦୋଳି ଓ ରଜ ଗୀତର ପ୍ରାଧାନ୍ୟ ବେଶୀ । ଏସବୁ ବିନା ରଜ ପାଳନ ଫିକା, ଝିଅମାନେ ବୟସ ନିର୍ବିଶେଷରେ ନୂଆ ଲୁଗାପଟା/ ଡ୍ରେସ୍ ପିନ୍ଧି ବେଶବାସ ହୋଇ ପରସ୍ପର ଘରେ ବିଭିନ୍ନ ସ୍ୱାଦିଷ୍ଟ ଭୋଜନ ସାରି ଦୋଳି ଖେଳରେ ମାତି ଯାଆନ୍ତି । ବୃଷ ମାସର ଶେଷ ଦିନ ପହିଲି ରଜ । ପଲ୍ଲୀ ଜୀବନ ସହିତ ସହର ମଧ୍ୟ ମୁଖରିତ ହୋଇଉଠେ ଏହି ସମୟରେ । ଘରେ ଘରେ ବିଭିନ୍ନ ପ୍ରକାର ମିଠା, ପିଠା, ଜଳଖିଆ, ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ, ବିଶେଷକରି ପୋଡ଼ପିଠା (ବିରି/ ଚାଉଳ ଚୂନା) । ଏହା ବ୍ୟତୀତ ପିଠାରେ ଆରିସା, କାକରା, ମଣ୍ଡା, ଗଇଁଠା, ଚକୁଳି ଇତ୍ୟାଦି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପୋଡ଼ପିଠା ଅତି ପ୍ରିୟ । ଲକ୍ଷ୍ମୀ ପୁରାଣରେ ବର୍ଣ୍ଣିତ । ବର୍ଷକ ଭିତରେ କେବେ ହେଉ ନହେଉ, ରଜରେ ପୋଡ଼ପିଠା ବାଧ୍ୟତାମୂଳକ, କାରଣ ଏହା ୩/୪ ଦିନ ପର୍ଯ୍ୟନ୍ତ ଭଲ ରୁହେ । ରଜରେ ଯେତେବେଳେ କଟାବଟା ହୁଏନାହିଁ, ପୋଡ଼ପିଠା ବେଶ୍ କାମ ଦିଏ ।

ପୁଣି ଏହି ସମୟରେ ଭାତରେ ଅଧିକ ଅମ୍ଳ ରସ ସୃଷ୍ଟି ହେଉଥିବାରୁ ବଦଳରେ ପୋଡ଼ପିଠା ଓ ଫଳମୂଳ ଖାଇଥାନ୍ତି । ରଜ ସମୟରେ ପ୍ରଚୁର ଆମ୍ବ ଓ ପଣସ ମିଳେ । ପାଚିଲା ଆମ୍ବ,

ପଣସ ବାସ୍ନାରେ ସର୍ବତ୍ର ମହକି ଯାଏ । ସେଥିପାଇଁ କେହି କେହି ଏହି ପର୍ବକୁ 'ଆମ୍ବ/ ପଣସ ସଂକ୍ରାନ୍ତି ବା ଆମ୍ବ/ ପଣସ ପର୍ବ/ ଯାତ୍ରା' କୁହନ୍ତି । ଅନେକ ସ୍ଥାନରେ ରଜ ଉପଲକ୍ଷେ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହି ପର୍ବରେ ବନ୍ଧୁବାନ୍ଧବ, ଚିହ୍ନାଜଣା, ସାଙ୍ଗସୁଖ ପରସ୍ପର ଡକାଡକି ହୋଇ ଖାଇବା ଏକ ବିଧି କହିଲେ ଚଳେ । କୁଣିଆ ମଇତ୍ରରେ ସମସ୍ତଙ୍କ ଘର ପୂରିଉଠେ ।

ତା' ପରେ ରଜ ପାନ । ରଜରେ ରଜ ପାନର ଗୁରୁତ୍ୱ ଅନେକ । ଏ ସମୟରେ ପାନ ନ ଖାଇଲେ ଯେମିତି ନ ଚଳେ ! ପ୍ରାୟ ସମସ୍ତେ ପାନ ଖାଇ ପାଟି ଲାଲ୍ କରିଥାନ୍ତି । ରଜରେ ପାନଖିଆ ଏକ ପୁରୁଣା ଓଡ଼ିଆ ପରମ୍ପରା । ପ୍ରୀତିର ବନ୍ଧନ ହେଉଛି ପାନ । ପ୍ରୀତି, ପ୍ରେମ, ବନ୍ଧୁତାର ଛଅ ଲକ୍ଷଣ ଏ ଦେଶରେ ନିର୍ଦ୍ଧାରିତ କରାଯାଇଛି । ଦିଏ, ନିଏ, ଖାଏ, ଖୁଆଏ, ଗୋପନ କଥା କହେ ଓ ପଚାରେ- ଏ ଛଅଟି ଆନ୍ତରିକତା ଓ ନିବିଡ଼ତାର କଥା । ଭୋଜନ ଶେଷରେ ତାମ୍ବୁଳ ସେବା ଏକ ପ୍ରାଣମୟ ବ୍ୟବସ୍ଥା । କୋଟି ଓଡ଼ିଆର ଠାକୁର ବଡ଼ଠାକୁର ଜଗନ୍ନାଥ ପ୍ରତିଦିନ ଭୋଜନାନ୍ତେ ତାମ୍ବୁଳ ସେବା କରି ନିଦ୍ରା ଯାଆନ୍ତି । ପାନ ହେଉଛି ମୁଖବାସ, ପରିତୋଷ । ରଜ ସହିତ ପାନ ଯୋଡ଼ି ହେବା ପଛରେ କଥା ଅଛି- ଏହା ବନ୍ଧୁତାର ଡୋରକୁ ସୁଦୃଢ଼ କରିବ ।

ପାନ ଭାଙ୍ଗିବା ଏକ ନିଆରା କଳା । ପାନ ଭାଙ୍ଗିବା ସମୟରେ ମଝି ଶିରାକୁ କାଟି ଦିଆଯାଏ, କାରଣ ଏହା ବୁଦ୍ଧି ନାଶିନୀ । ପାନରେ ବ୍ୟବହାର କରା ଯାଉଥିବା ଚୂନ ଲୌହଶକ୍ତିସମ୍ପନ୍ନ (କ୍ୟାଲ୍‌ସିୟମ୍) ଓ ଖଇର ଦାନ୍ତକୁ ମଜଭୁତ କରିଥାଏ । ଆୟୁର୍ବେଦାନୁଯାୟୀ, ପାନ ଜୀର୍ଣ୍ଣକାରକ ଏବଂ କୃମିନାଶକ । ରଜ ପାନର ମହକ ଓ ଚମକ ସାରା ବର୍ଷର ପାନକୁ ବଳିଯାଏ । ବିଭିନ୍ନ ପ୍ରକାରର ସ୍ୱତନ୍ତ୍ର ପାନ ଏ ସମୟରେ ପ୍ରସ୍ତୁତ କରାଯାଏ । ବିଭିନ୍ନ ପ୍ରକାର ପାନ ମସଲା ଏ ପର୍ବ ନିମନ୍ତେ ଆଗୁଆ ଯୋଗାଡ଼ କରି ରଖା ଯାଇଥାଏ, ଯଥା ଗୁଆ, ଖଇର, ଅଳେଇଚ, ଗୁଜୁରାତି, ଭଜା ଧନିଆ, ଚାଉଳ ଓ ନଡ଼ିଆ ଖଣ୍ଡ, ଚେରି, ଲବଙ୍ଗ, କବାବ ଚିନି, ଚୁଆ, ପାନମଧୁରୀ, ସୁବାସିତ ଜାଫ୍ରାନ କେଶର, ପାନ ପାଇଁ ବିଭିନ୍ନ ଚଟଣି । ବିଭିନ୍ନ ସହରରେ ଏ ସକାଶେ ସ୍ୱତନ୍ତ୍ର ଦୋକାନ ଖୋଲିଥାଏ ଖାସ୍ କରି ସ୍ୱତନ୍ତ୍ର/ ବିଚିତ୍ର ରଜପାନ ନିମନ୍ତେ । ଏବେ ପ୍ରତି ବର୍ଷ ନୂଆ ନୂଆ ପାନ, ଯେମିତି ଦିଲଖୁସ୍, ଦିଲବାହାର, ଦିଲଦିବାନା, ରାଜୱାଡ଼ି, ଫାୟାର ପାନ, ବର୍ଣ୍ଣି ବବ୍‌ଲି, ଡାଏଟ୍ ପାନ, ଦବଙ୍ଗ ପାନ, ଆଇସ୍ ପାନ, ରକେଟ ପାନ, ସେଲଫି ପାନ ପ୍ରଭୃତି । ସେଥିରେ ପୁଣି ବିଭିନ୍ନ ଫ୍ଲେଭରର ଯଥା: ଅରେଞ୍ଜ, କେଶର, ଲିଚି,ଷ୍ଟ୍ରବେରୀ, ମ୍ୟାଙ୍ଗୋ, ଚକୋଲେଟ, ବଟର ସ୍କଚ୍ ଇତ୍ୟାଦି । ଏହାର ମୂଲ୍ୟ ମଧ୍ୟ ୨୦ ଟଙ୍କାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ, ମାତ୍ର ରଜରେ ଦର ବଢ଼ିବାଟା ସାଧାରଣ କଥା । ରଜ ପାଇଁ ବିଭିନ୍ନ ଢଙ୍ଗର/ ରଙ୍ଗର/ ସ୍ୱାଦର ଗିଫ୍ଟ ପ୍ୟାକ୍ ପାନ ମଧ୍ୟ ମିଳୁଛି ଆଜିକାଲି । ଢଗରେ ଅଛି, 'ପାନଖିଆ ରସିକ ପାଟି/ ଖୋଜି ବୁଲୁଥିଲା ରାଜାଙ୍କ ହାତୀ/ ଢାଳି ଦେଇ ଗଲା ଶିରରେ/ ରାଜା ହୋଇଗଲା ରଜରେ ।'

ଶରୀରକୁ ବିଶ୍ରାମ ଦେବା ସହିତ ମନ ପାଇଁ ଆନନ୍ଦର ଅବସର ଆଣିଥାଏ ଏଇ ରଜ ପର୍ବ । ଏ ସମୟରେ ସମସ୍ତେ ଲୁଡୁ, ତାସ୍, ବାଗୁଡ଼ି, ପୁଚି ଆଦି ଖେଳିଥାନ୍ତି । ମାତ୍ର ସର୍ବାଧିକ ଆକର୍ଷଣ ଥାଏ ରଜ ଦୋଳିରେ । ବହୁ ପୂର୍ବରୁ କୋଉଠି ଦୋଳି ବନ୍ଧା ହେବ, ତାହା ନିର୍ଣ୍ଣୟ ସରିଥାଏ । ରଜରେ ଦୋଳିକୁ ଫୁଲ, ଜରି, ଝାଲର ଆଦି ଦ୍ୱାରା ସଜା ଯାଇଥାଏ ମଧ୍ୟ । ଦଉଡ଼ି ଦୋଳି, ବାଉଁଶ ଦୋଳି, ପଟା ଦୋଳି, ଟାୟାର ଦୋଳି ଓ ଚକ୍ରି ଦୋଳି ପ୍ରଭୃତି ବିଭିନ୍ନ ପ୍ରକାର ଦୋଳି ଦେଖାଯାଏ । ଦୋଳିରେ କିଏ କେତେ ଉପରକୁ ଯାଇ ପାରୁଛି, ପ୍ରତିଯୋଗିତା ହୁଏ । ଝିଅ, ସ୍ତ୍ରୀଲୋକମାନେ ଦୋଳି ଖେଳିବା କଥା, ହେଲେ ପୁଅ/ ଝିଅ ସମସ୍ତେ ଦୋଳିର ମଜା ଉଠାନ୍ତି । ସହରୀ ସଭ୍ୟତାରେ ଦୋଳି ବାନ୍ଧିବାକୁ ଉପଯୁକ୍ତ ଗଛଟିଏ ମିଳେନାହିଁ ବା ଆମ୍ବ ତୋଟା ନଥାଏ । ସେଥି ପାଇଁ ସହରର ପାର୍କମାନଙ୍କରେ ଥିବା ଦୋଳି ହିଁ ଏକମାତ୍ର ଭରସା । ଆଜିକାଲି ଭୁବନେଶ୍ୱର/ କଟକ ଆଦି ସହରରେ ଥିବା ପାନ୍ଥ ନିବାସରେ ଦୋଳି ବ୍ୟବସ୍ଥା କରାଯାଉଛି ଏବଂ ରଜ ପର୍ବ ପାଳନର ସମସ୍ତ ଆନୁଷଙ୍ଗିକ ସୁବିଧା କରାଯାଉଛି । ଏମିତିକି ପାନ୍ଥ ନିବାସରେ ରଜ ପାଇଁ ସମସ୍ତ ପ୍ରକାର ପିଠାପଣା ପ୍ରସ୍ତୁତ କରି ବିକ୍ରି ହେଉଛି, ବିଶେଷକରି ବିଭିନ୍ନ ପ୍ରକାରର ପୋଡ଼ପିଠା ।

ତତ୍କାଳୀନ ସମୟରେ ଅବିବାହିତା କନ୍ୟା ସନ୍ତାନ ଜନ୍ମ ଦେବା ଅତି ଅବାସ୍ତବ/ ଅସୁନ୍ଦର ଓ ଅସଙ୍ଗତ କଥା ଥିଲା । ବଦନାମ ଓ ଲୋକଲଜ୍ଜାରୁ ବର୍ଞ୍ଚିବା ସକାଶେ ମୟ ଦାନବ ଗଭୀର ରାତିରେ ଶିଶୁକନ୍ୟାକୁ ଏକ ପେଟିକାରେ ନେଇ ଏକ ସୁଦୂର ରାଜ୍ୟ ମିଥିଳାରେ ଭୂମିରେ ପୋତିଦେଇ ଆସିଲେ । ଏଣେ ମିଥିଳାରେ ଗୋଟିଏ ଶିଶୁକନ୍ୟା ଭୂମିରେ ପୋତା ଯାଇ ଥିବାରୁ ଅକାଳ ଦୁର୍ଭିକ୍ଷ ପଡ଼ିଲା । ଲୋକେ ତ୍ରାହି ତ୍ରାହି ଡାକିଲେ । ମିଥିଳାର ରାଜା ରାଜର୍ଷି ଜନକ ଜ୍ୟୋତିଷମାନଙ୍କ ପରାମର୍ଶ ନେଲେ । ଜ୍ୟୋତିଷମାନଙ୍କ ପରାମର୍ଶାନୁଯାୟୀ ରାଜର୍ଷି ଜନକ ନିଜେ ହଳ ଯୋଚି ଚାଷ କଲେ । 'ର' ଅର୍ଥ ସଂସାର, 'ଜ' ଅର୍ଥ ଯୋଚିବା, ଅର୍ଥାତ୍ ସଂସାରର ସାର ଅର୍ଥ ରାଜା ସ୍ୱୟଂ ହଳ ଯୋଚିବା, ଯାହା ଜନକ କରିଥିଲେ । ରାଜର୍ଷି ଜନକ ସ୍ୱୟଂ ହଳ ଯୋଚି ଚାଷ କରିବା ଫଳରେ ସ୍ୱର୍ଗ/ ବର୍ଷାର ରାଜା ଇନ୍ଦ୍ରଦେବ ପ୍ରୀତ ହୋଇ ମୂଷଳ ଧାରାରେ ବର୍ଷା କରାଇଲେ । ଫଳତଃ ପୁଣି ଜନକ ରାଜ୍ୟ ମିଥିଳା ସୁଜଳା, ସୁଫଳା, ଶସ୍ୟ ଶ୍ୟାମଳା ହୋଇ ଉଠିଲା । ମିଥିଳାବାସୀ ଆନନ୍ଦ ଉଲ୍ଲାସରେ ଗୀତ ଗାଇ ନାଚିବାକୁ ଲାଗିଲେ । ସାରା ମିଥିଳା ରାଜ୍ୟରେ ହର୍ଷ ଉଲ୍ଲାସର ପର୍ବ ଖେଳିଗଲା । ସେହି ଦିନଠୁ ରଜ ପର୍ବର ଆରମ୍ଭ ବୋଲି ବିଶ୍ୱାସ କରାଯାଏ । ରାଜା ଜନକ ହଳ କଲା ବେଳେ ଭୂମିରୁ ଏକ ଶିଶୁକନ୍ୟା, ମାତା ସୀତା-ଜାନକୀଙ୍କୁ ପାଇଥିବାରୁ ମିଥିଳାବାସୀ ଏହି ପର୍ବକୁ ନାରୀମାନଙ୍କ ପର୍ବ ରୂପେ ସ୍ୱୀକୃତି ଦେଇଥିଲେ ବୋଲି ଅନୁମାନ କରାଯାଏ ।

ପହିଲି ରଜ, ସଂକ୍ରାନ୍ତି ଓ ଶେଷ ରଜ ବା ଭୂଇଁ ଦଳନ/ ଦହନ- ଏମିତି ତିନି ଦିନ ରଜ ପାଳନର ପର ଦିନ ହୁଏ ବସୁମତୀ ସ୍ନାନ/ ବାସି ରଜ/ ଠାକୁରାଣୀ ଗାଧୁଆ/ ବସୁଧା ସ୍ନାନ/ ଲକ୍ଷ୍ମୀ ଗାଧୁଆ । ପ୍ରତ୍ୟୁଷରେ ନିତ୍ୟକର୍ମ ସାରି ଗୃହିଣୀମାନେ ଲିପାପୋଛା କରି ଝୋଟି ପକାଇ ଗୋଟିଏ ପିଢ଼ା ଉପରେ କୃଷି କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ଲଙ୍ଗଳ



ଲୁହା, ଲଙ୍ଗଳ ଦଉଡ଼ି, ପାଞ୍ଚଣ, କଟୁରୀ, କଜଳପାତି, ଶିଳପୁଆ ଆଦି ରଖି ହଳଦୀ ପାଣିରେ ସ୍ନାନ କରାନ୍ତି । ଏହା ପରେ ଚୁଆ, ଚନ୍ଦନ, ଧୂପ, ଦୀପ, ନୈବେଦ୍ୟ ଦେଇ ବସୁମାତା ଧରିତ୍ରୀଙ୍କୁ ପୂଜା କରାଯାଏ । ଏହି ଦିନ ଗ୍ରାମ ଦେବତୀଙ୍କ ନିକଟକୁ ପ୍ରତ୍ୟେକ ଘରୁ ମାଜଣା ପାଇଁ କଳା ଶାଢ଼ି, ସିନ୍ଦୂର, ଚୁଆ ଆଦି ପଠାଯାଏ । ଦେବୀଙ୍କ ମାଜଣା ପରେ ସେଠାରେ ଖେଚୁଡ଼ି ଭୋଗ ଅର୍ପଣ କରାଯାଏ ।

ଏହା ପରେ ହଳ, ଲଙ୍ଗଳ, ଯୁଆଳି ଓ ବଳଦଙ୍କୁ ପୂଜା କରାଯାଏ । ଭୂମି ମାତାଙ୍କଠାରୁ ଅନୁମତି ନେଇ ଏବଂ କ୍ଷମା ପ୍ରାର୍ଥନା କରି ଚାଷୀ ଲାଗିପଡ଼େ ପୁଣି ତା'ର କୃଷି କାର୍ଯ୍ୟରେ ଓ ଏହିଠାରେ ଶେଷ ହୁଏ ଚାରିଦିନ ବ୍ୟାପି ଲାଗିଥିବା ଓଡ଼ିଶାର ଗଣପର୍ବ ରଜ । ଏହି ପର୍ବ ମାତୃଶକ୍ତିର ଉପାସନା ପାଇଁ ଉଦ୍ଦିଷ୍ଟ । ଆମ ରାଜ୍ୟରେ ବହୁ ପ୍ରାଚୀନ କାଳରୁ ଝଙ୍କଡ଼ରେ ଦେବୀ ଶାରଳା, ଯାଜପୁରରେ ଦେବୀ ବିରଜା, ବାଙ୍କୀରେ ଦେବୀ ଚର୍ଚ୍ଚିକା, ଚୌଷଠୀ ଯୋଗିନୀଙ୍କୁ ଏହି ଅବସରରେ ବିଶେଷ ପୂଜା କରାଯାଏ ।

ଅତ୍ୟନ୍ତ ଦୁଃଖ ଓ ପରିତାପର ସହିତ ସ୍ୱୀକାର କରିବାକୁ ହେବ ଯେ ସହରରେ ବରଂ କିଛିଟା ବଞ୍ଚିଛି, ଗାଁମାନଙ୍କରେ ଆମର ମହାର୍ଘ ଉତ୍କଳୀୟ ସଂସ୍କୃତିର ପ୍ରତୀକ ଏଇ ଭଳି ପର୍ବପର୍ବାଣିର ପରମ୍ପରା ସବୁ ଧୀରେ ଧୀରେ ହଜିଯିବାକୁ ବସିଲାଣି । ଆଜି ରଜ ଭଳି ଗଣପର୍ବ ବଞ୍ଚିଛି ଡିଜିଟାଲରେ/ ଭର୍ଚୁଆଲରେ । ଏସବୁର ପୁନରୁଦ୍ଧାର ପାଇଁ ଆମକୁ ଏକ ମନ, ଏକ ପ୍ରାଣ ହେବାକୁ ପଡ଼ିବ, ସଙ୍କଳ୍ପବଦ୍ଧ ହେବାକୁ ହେବ ।❒

ତା'ପରେ ଆସେ ରଜ ଦୋଳି ଗୀତ, ଯାହା ବିନା ରଜ ଅଧୁରା ବା ଅସମ୍ପୂର୍ଣ୍ଣ । ଏହି ଗୀତ ମାଧ୍ୟମରେ ଫୁଟିଉଠେ ପରସ୍ପର ମଧ୍ୟରେ ଥିବା ସ୍ନେହ ଶ୍ରଦ୍ଧା, ଟାହି ଟାପରା, ମାନ ଅଭିମାନ, ଭାବ ପୀରତି ସବୁକିଛି । ରଜ ଦୋଳି ଗୀତ ମଧ୍ୟରେ ଲୋକପ୍ରିୟ କେତୋଟି ହେଲା- 'ବନସ୍ତେ ଡାକିଲା ଗଜ/ ବରଷକେ ଥରେ ଆସିଛି ରଜ ଲୋ ଘେନି ନୂଆ ସଜବାଜ । ରାଶିରୁ ଛାଡ଼ିଲା ଚୋପା/ ଗୋଡ଼ରେ ନାଇଛୁ ସରୁ ଅଳତା/ ସରୁ ଅଳତା ଲୋ ମଥାରେ ସିନ୍ଦୂର ଟୋପା' ଇତ୍ୟାଦି । ରଜ ଦୋଳି ଖେଳ ଅବସରରେ କୁଆଁର ପୁନେଇଁ ଗୀତ ପରି ରଜ ଦୋଳି ଗୀତ ମଧ୍ୟ ଝିଅମାନଙ୍କ ମୁଖରେ ପ୍ରସାରିତ ହୋଇ ପରିବେଶକୁ ଆନମନା କରିଦିଏ । ଏଇ ତ ଓଡ଼ିଆର ସାଂସ୍କୃତିକ ପରମ୍ପରା ଓ ଐତିହ୍ୟର ଉତ୍କର୍ଷ । ଗାଁ ଗହଳି, ସହର ବଜାରରେ ଓଡ଼ିଆ ସାମାଜିକ ଜୀବନର ଏତେ ସୁନ୍ଦର ଜୀବନ୍ତ/ ମାର୍ମିକ ଚିତ୍ର ଏଇ ଗଣପର୍ବ 'ରଜ' ଛଡ଼ା ଆଉ କୋଉଠି ମିଳିବ ?

ରଜ ପର୍ବର ଉତ୍ପତ୍ତିର ସେମିତି କିଛି ଧରାବନ୍ଧା ଇତିହାସ ନଥିଲେ ମଧ୍ୟ ପୁରାଣରେ ଏକ ଉଲ୍ଲେଖ ରହିଛି । ଆଜିକୁ ୭,୦୦୦ ବର୍ଷ ତଳେ ତ୍ରେତୟା ଯୁଗରେ, ରାମାୟଣ କାଳରେ ଲଙ୍କା(ଅଧୁନା ଶ୍ରୀଲଙ୍କା)ରେ ପଣ୍ଡିତ, ଦୁର୍ଦ୍ଧର୍ଷ, ରାକ୍ଷସ ରାଜା ରାବଣ ରାଜୁତି କରୁଥିଲେ । ଅନ୍ୟ ଏକ ରାଜ୍ୟରେ ମୟ ଦାନବ ନାମକ ରାକ୍ଷସ ରାଜା ରାଜୁତି କରୁଥିଲେ । ରାବଣ ଓ ମୟ ମଧ୍ୟରେ ବନ୍ଧୁତା, ଯିବା ଆସିବା ଥିଲା । କ୍ରମେ ମୟଙ୍କର ସୁନ୍ଦରୀ କନ୍ୟା ମନ୍ଦୋଦରୀ ଓ ରାବଣ ମଧ୍ୟରେ ପ୍ରୀତି ଘନିଷ୍ଠ ହେଲା ଓ ମନ୍ଦୋଦରୀ ଏକ ଶିଶୁ କନ୍ୟାକୁ ଜନ୍ମ ଦେଲେ ।

ମୋ: ୯୦୯୦୧୯୦୦୬୯

# ନାରୀ ଶକ୍ତିର ବନ୍ଦନା


ଏକ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ପୁରୁଷମାନଙ୍କର ଯେତିକି ଅଧିକାର ରହିଛି, ମହିଳାମାନଙ୍କର ମଧ୍ୟ ସେତିକି, ଆଉ ଭାରତରେ ତ ମହିଳାମାନଙ୍କ ସଂଖ୍ୟା ଦେଶର ମୋଟ ଜନସଂଖ୍ୟାର ପ୍ରାୟ ଅଧା । ତେଣୁ ଶାସନ ବ୍ୟବସ୍ଥାରେ ସେମାନଙ୍କର ସମାନ ପ୍ରତିନିଧିତ୍ୱ ରହିବା ଆଇନତଃ ସମୀଚୀନ । ତେବେ ବିଭିନ୍ନ କାରଣରୁ ଏହା ଅଦ୍ୟାବଧି ହୋଇ ପାରିନାହିଁ ଏବଂ ସମ୍ପ୍ରତି ଏହି କାର୍ଯ୍ୟ ନିମନ୍ତେ ସରକାର ପଦକ୍ଷେପ ନେବା ଅବଶ୍ୟ ସ୍ୱାଗତଯୋଗ୍ୟ । ସେପ୍ଟେମ୍ବର ୨୦୨୩ରେ ସଂସଦରେ ପାରିତ ହୋଇଥିଲା ନାରୀ ଶକ୍ତି ବନ୍ଦନ ଅଧିନିୟମ ନାମରେ ଏକ ଆଇନ ଯାହା ମହିଳାମାନଙ୍କ ପାଇଁ ଲୋକସଭା ଏବଂ ରାଜ୍ୟମାନଙ୍କର ବିଧାନସଭାଗୁଡ଼ିକରେ ମୋଟ ସଦସ୍ୟ ସଂଖ୍ୟାର ଏକ-ତୃତୀୟାଂଶ, ଅର୍ଥାତ୍ ୩୩ ପ୍ରତିଶତ ଆସନ ବାଧ୍ୟତାମୂଳକ ଭାବରେ ସଂରକ୍ଷିତ କରିବାକୁ ଧାର୍ଯ୍ୟ କରିଛି । ଏହି ଆଇନ ଆହୁରି ମଧ୍ୟ ଉଲ୍ଲେଖ କରେ ଯେ ମହିଳାମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଲୋକସଭା ନିର୍ବାଚନ ମଣ୍ଡଳୀଗୁଡ଼ିକର ନୂଆ ସୀମା ନିର୍ଦ୍ଧାରଣ କରାଯିବା ପରେ କାର୍ଯ୍ୟକାରୀ କରାଯିବ, ଯାହା ପରୋକ୍ଷରେ ଜନଗଣନା କାର୍ଯ୍ୟ ଶେଷ ହେବା ପରେ କରାଯାଇ ପାରିବ ବୋଲି ବୁଝାଏ । ନିକଟରେ ସରକାର ଘୋଷଣା କରିଛନ୍ତି ଯେ ୨୦୨୧ ମସିହାରେ ସମ୍ପନ୍ନ ହେବାକୁ ଥିବା ଜନଗଣନା କାର୍ଯ୍ୟ ମାର୍ଚ୍ଚ ୧,୨୦୨୭ ସୁଦ୍ଧା ଶେଷ ହେବ । ତେଣୁ ସଦନଗୁଡ଼ିକରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଜନଗଣନା କାର୍ଯ୍ୟ ଏବଂ ନିର୍ବାଚନ ମଣ୍ଡଳୀଗୁଡ଼ିକର ସୀମା ନିର୍ଦ୍ଧାରଣ କରାଯାଇ ସାରିବା ପରେ ହିଁ କେବଳ କରାଯାଇ ପାରିବ । ଏହି ପ୍ରେକ୍ଷାପଟରେ ମହିଳାମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ସହିତ ୨୦୨୯ ସାଧାରଣ ନିର୍ବାଚନ ଅନୁଷ୍ଠିତ କରାଇବାର ଯୋଜନା ହୁଏତ ଏକ ବଡ଼ କାର୍ଯ୍ୟ ଭାବରେ ପ୍ରତୀୟମାନ ହୋଇପାରେ, କିନ୍ତୁ କରାଯାଇ ପାରିବା ମଧ୍ୟ ଅସମ୍ଭବ ନୁହେଁ । କହିବା ବାହୁଲ୍ୟ, ଏହି ପଦକ୍ଷେପ କେବଳ ଯେ ଲିଙ୍ଗଗତ ସମାନତାକୁ ଆଉ ପାଦେ ଆଗକୁ ନେଇଯିବ, ତାହା ନୁହେଁ, ବରଂ ଏହା ହେବ ବିଧି ସଂଗତ ଭାବରେ ସମାଜ ଆଗକୁ ଆଉ ପାଦେ ଆଗେଇବାର କାର୍ଯ୍ୟ ଯାହା ସ୍ଥାନୀୟ ସ୍ୱାୟତ୍ତ ସରକାରମାନଙ୍କର କ୍ଷମତାକୁ ସ୍ୱୀକାର କରି କ୍ଷମତାର ବିକେନ୍ଦ୍ରୀକରଣ କରିବା ସହିତ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାର ପ୍ରଚଳନ କରିବା ନିମନ୍ତେ ହୋଇଥିବା ସମ୍ବିଧାନ (୭୩ତମ ସଂଶୋଧନ) ନିୟମ,୧୯୯୨କୁ କାର୍ଯ୍ୟରେ ପରିଣତ କରିବା ନିମନ୍ତେ ଏକ ପଦକ୍ଷେପ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ମହିଳାମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ କରିବା ଏବଂ ଜନଗଣନା କାର୍ଯ୍ୟ ସମ୍ପନ୍ନ କରିବା ଆଗକୁ ବିନା କୌଣସି ବିବାଦରେ ସମ୍ପାଦିତ ହୋଇପାରେ, ୨୦୨୭ ଜନଗଣନା ରିପୋର୍ଟ ଆଧାରରେ ଲୋକସଭା ନିର୍ବାଚନ ମଣ୍ଡଳୀଗୁଡ଼ିକର ସୀମା ନିର୍ଦ୍ଧାରଣ କରାଯିବା ତୀବ୍ର ବିରୋଧର ସମ୍ମୁଖୀନ ହେବା ଅବଶ୍ୟ ସୁନିଶ୍ଚିତ । ଭାରତୀୟ ସାଧାରଣତନ୍ତ୍ର ସାବାଳକମାନଙ୍କ ଦ୍ୱାରା ମତଦାନ କରାଯିବାର ବ୍ୟବସ୍ଥାକୁ ଅନୁସରଣ କରୁଥିବା ବେଳେ, ଜନସଂଖ୍ୟା ନିୟନ୍ତ୍ରଣଜନିତ ନିୟମର ଅନୁପାଳନ କରି ସେହି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବା ସମ୍ପର୍କରେ ରାଜ୍ୟମାନେ ଅନୁସରଣ କରିଥିବା ବିଭିନ୍ନ ପ୍ରକାରର ପଦକ୍ଷେପଗୁଡ଼ିକ ଏମିତି ଏକ ପରିସ୍ଥିତି ସୃଷ୍ଟି କରିଛି ଯେ ତାକୁ ସମାଧାନ କରିବା ଯେତିକି ମନେ ହେଉଛି, ସେତିକି ଆଦୌ ସହଜସାଧ୍ୟ ହେବନାହିଁ । ଏହି କ୍ଷେତ୍ରରେ ଯେଉଁ ରାଜ୍ୟମାନେ ସଫଳତା ସହିତ ସେମାନଙ୍କ ଲକ୍ଷ୍ୟ ହାସଲ କରି ସାରିଛନ୍ତି, ସେମାନେ କେବଳ ଜନଗଣନା ତଥ୍ୟ ଅନୁସାରେ କ୍ଷତିର ସମ୍ମୁଖୀନ ହେବାକୁ ଯାଉଥିବା ବେଳେ ସେମାନଙ୍କର ଜନସଂଖ୍ୟା ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରହିବା 'ଗୋଟିଏ ଲୋକ, ଗୋଟିଏ ଭୋଟ୍' ସମେତ ଅନେକଗୁଡ଼ିଏ ମୌଳିକ ଗଣତାନ୍ତ୍ରିକ ନୀତିକୁ ଦୁର୍ବଳ କରିଦେବ । ଏହା ବ୍ୟତୀତ ସରକାର ସବୁ ରାଜ୍ୟର ବିଧାନସଭା ଏବଂ ଲୋକସଭା ନିର୍ବାଚନ ଏକାଠି କରିବାର ପ୍ରସ୍ତାବ ସମେତ ଆହୁରି ବେଶ୍ କେତେକ ନିର୍ବାଚନୀ ସଂସ୍କାରମୂଳକ ପଦକ୍ଷେପ ନେବା ସମ୍ପର୍କରେ କହି ଆସୁଛନ୍ତି । ଏହିସବୁ କେତେକ ପ୍ରମୁଖ ପ୍ରସଙ୍ଗ ରହିଛି, ଯାହା ଉପରେ ଜାତୀୟ ସ୍ତରରେ ସହମତି ସୃଷ୍ଟି ହେବା ନିହାତି ଜରୁରୀ ଏବଂ ଭାରତୀୟମାନେ ଯେଉଁଭଳି ଭାବରେ ସେମାନଙ୍କର ଶାସକମାନଙ୍କୁ ନିର୍ବାଚିତ କରୁଛନ୍ତି, ସେ ବାବଦରେ ସରକାର ଯେ କୌଣସି ବଡ଼ ଧରଣର ପରିବର୍ତ୍ତନ ଆଣିବାର ଯଥେଷ୍ଟ ପୂର୍ବରୁ ଏକ ସର୍ବସମ୍ମତ ପଦକ୍ଷେପ ଉପରେ ଉପନୀତ ହେବା ନିମନ୍ତେ ପଦକ୍ଷେପ ନେବା ନିତାନ୍ତ ଆବଶ୍ୟକ ।

ସମ୍ପ୍ରତି ସରକାରଙ୍କ ଦ୍ୱାରା ଘୋଷିତ ମହିଳାମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବା ପୂର୍ବରୁ ଦୁଇ ଗୋଟି ଅତ୍ୟାବଶ୍ୟକ ସର୍ତ୍ତ ରହୁଥିବା ବେଳେ ଏହାଙ୍କ ସମ୍ମୁଖରେ ସବୁଠୁ ବଡ଼ ଆହ୍ୱାନ ହେଉଛି ଲୋକସଭା ନିର୍ବାଚନ ମଣ୍ଡଳୀଗୁଡ଼ିକର ସୀମା ନିର୍ଦ୍ଧାରଣକୁ ନିର୍ବାଚନୀ ରାଜନୀତିଠାରୁ କିପରି ସମ୍ପୂର୍ଣ୍ଣ ଭାବରେ ଦୂରେଇ ରଖାଯିବ । ଏହି ପ୍ରସଙ୍ଗ ନିଶ୍ଚିତ ଭାବରେ ସରକାରଙ୍କର ପ୍ରବର୍ତ୍ତାଇବା ଶକ୍ତି ଏବଂ କୌଶଳପୂର୍ଣ୍ଣ ପରିଚାଳନାର ଅଗ୍ନି ପରୀକ୍ଷା ନେବ । ମହିଳାମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣକୁ କାର୍ଯ୍ୟକାରୀ କରିବା ସପକ୍ଷରେ ଯାହା ସରକାରଙ୍କ ପାଇଁ ସହାୟତା ପ୍ରଦାନ କରିପାରେ, ତାହା ହେଉଛି ଏକ ବ୍ୟାପକ ସହମତି: ୨୦୨୪ ଲୋକସଭା ନିର୍ବାଚନରେ ମତଦାନ କ୍ଷେତ୍ରରେ ମହିଳାମାନେ ପୁରୁଷମାନଙ୍କ ତୁଳନାରେ ଅଧିକ ସଂଖ୍ୟାରେ ଅର୍ଥାତ୍ ଏହି ନିର୍ବାଚନରେ ପୁରୁଷ ମତଦାତାଙ୍କ ହାର ୬୫.୬ ପ୍ରତିଶତ ଥିବା ବେଳେ ମହିଳାମାନଙ୍କର ହାର ୬୫.୮ ପ୍ରତିଶତ ହେବା ଏବଂ ଏହା ସ୍ୱାଭାବିକ ଯେ ମହିଳାମାନଙ୍କ ଭିତରେ ଦେଖା ଦେଇଥିବା ଏହି ଉତ୍ସାହକୁ ସଂସଦରେ ସେମାନଙ୍କର ପ୍ରତିନିଧିତ୍ୱରେ ପରିଣତ କରାଯିବା ଉଚିତ । ଆଉ ଏହା ପରେ ଜଣେ ଅବଶ୍ୟ ଆଶା କରିପାରେ ଯେ ସଂସଦ ସମେତ ଆଇନ ପ୍ରଣୟନକାରୀ ସଂସ୍ଥାମାନଙ୍କରେ ମହିଳାମାନଙ୍କ ପ୍ରତିନିଧିତ୍ୱ ବର୍ତ୍ତମାନ ଦେଶରେ ରହିଥିବା ପରିସ୍ଥିତିକୁ ଏକ ଅର୍ଥପୂର୍ଣ୍ଣ ଢଙ୍ଗରେ ପରିବର୍ତ୍ତନ କରାଇ ପାରେ ।❒

# ରଜ ପର୍ବ ଆମର ଗୌରବ

ରଜ ଓଡ଼ିଶାର ଏକ ପାରମ୍ପରିକ ଗଣପର୍ବ । ରଜ ପର୍ବ ମୁଖ୍ୟତଃ ତିନି ଦିନ ଧରି ପାଳନ ହେଉଥିଲେ ମଧ୍ୟ ପ୍ରାୟ ଏହାର ପ୍ରଭାବ ଚାରି ଦିନ ଧରି ରହିଥାଏ । ରଜର ପୂର୍ବ ଦିନକୁ ସଜବାଜ ଓ ପ୍ରଥମ ଦିନକୁ ପହିଲି ରଜ, ମଝି ଦିନକୁ ରଜ ସଂକ୍ରାନ୍ତି ଓ ଶେଷ ଦିନକୁ ବାସି ରଜ କୁହାଯାଏ । ଏହାର ଦ୍ୱିତୀୟ ଦିନରେ ମିଥୁନ ମାସର ଆରମ୍ଭ ଓ ଏହା ପରେ ବର୍ଷା ଋତୁର ଆରମ୍ଭ ହୁଏ । ରଜର ଆକ୍ଷରିକ ଅର୍ଥ ରଜବତୀ ହେବା, ଯାହା ପୃଥିବୀକୁ



ଲଳିତ ମୋହନ ମିଶ୍ର

ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରଜସ୍ୱଳା ହେବାର ଓ ନୂଆ ଶସ୍ୟ ଜନ୍ମ ହେବାର ସାଂକେତିକ ଭାବ ବହନ କରିଥାଏ । ରଜ ତିନି ଦିନ ନାରୀମାନଙ୍କୁ ଖାଲି ପାଦରେ ଭୂମିକୁ ସ୍ପର୍ଶ କରିବା ପାଇଁ ମନା କ'ଣ ପାଇଁ କରାଯାଇଛି ? ଲୋକକଥାରୁ ଜଣାଯାଏ ଯେ ଚାରି ଦିନ କୌଣସି ନାରୀ ଧରିତ୍ରୀ ମାତାଙ୍କୁ ଖାଲି ପାଦରେ ସ୍ପର୍ଶ କରନ୍ତି ନାହିଁ କିମ୍ବା ଭୂମି ଉପରେ ଖାଲି ଶୁଅନ୍ତି ନାହିଁ । ରୌଦ୍ର ତାପରେ ଦଗ୍ଧ ହେଉଥିବା ଧରିତ୍ରୀ ମା' ପ୍ରାକ୍ ମୌସୁମୀର ପହିଲି ସ୍ପର୍ଶରେ ଲଜ୍ଜାଶୀଳ ବା ରଜସ୍ୱଳା ହୁଏ । ରଜସ୍ୱଳା ନାରୀ ଚାରି ଦିନ ଅଛୁଆଁ ରହିଲା ପରି ମାଟି ମା' ବହୁଧା ମାତାକୁ ଅକ୍ଷତ ଓ ଅସ୍ପୃଶ୍ୟ ରଖାଯାଏ । ସେଥିପାଇଁ ଏହି ଚାରି ଦିନରେ କୌଣସି କୃଷି କାର୍ଯ୍ୟ ବା ହଳ ଲଙ୍ଗଳ କାମ ହୁଏ ନାହିଁ କିମ୍ବା ଧରିତ୍ରୀ ମାତାଙ୍କୁ ଖାଲି ପାଦରେ ସ୍ପର୍ଶ କରାଯାଏ ନାହିଁ ।

ଧରିତ୍ରୀ ମାତାଙ୍କୁ ରଜସ୍ୱଳା ସ୍ତ୍ରୀ ସହିତ କ'ଣ ପାଇଁ ତୁଳନା କରାଯାଏ ? ଧରିତ୍ରୀ ମାତା ପହିଲି ବର୍ଷାର ପହିଲି ସ୍ପର୍ଶରେ ରଜସ୍ରାବିତ ହୋଇ ନିଜ ସନ୍ତାନ ପାଇଁ ଶସ୍ୟ ଉତ୍ପାଦନ କ୍ଷମତା ପ୍ରାପ୍ତ ହୁଏ । ଏହି କାରଣରୁ ଧରିତ୍ରୀ ମାତାକୁ ରଜସ୍ୱଳା ସ୍ତ୍ରୀ ସହିତ ତୁଳନା କରାଯାଏ । ସମାଜର ମୁଖ୍ୟ ଅର୍ଥନୀତି କୃଷି ହୋଇଥିବାରୁ ଚାଷ କାର୍ଯ୍ୟ ଭଲ ଓ ଫସଲ ଅତ୍ୟଧିକ ଅମଳ ହେବା ଲକ୍ଷ୍ୟରେ ପ୍ରତ୍ୟେକ ଚାଷୀ ଧରିତ୍ରୀ ମା'କୁ ପୂଜା କରନ୍ତି । ଏହି ମାସକୁ ଦାମ୍ପତ୍ୟ ଜୀବନର ସର୍ବଶ୍ରେଷ୍ଠ ସମ୍ଭୋଗର ମାସ ବୋଲି କୁହାଯାଏ । ମା' ଟିଏ ଯେମିତି ପ୍ରଜନନ ପୂର୍ବରୁ ବିଶ୍ରାମ ଆବଶ୍ୟକ କରେ, ସେମିତି ପ୍ରଜନନକ୍ଷମ ହେବାକୁ ଯାଉଥିବା ମାଟି ମା'କୁ ରଜ ଚାରି ଦିନ ବିଶ୍ରାମ ଦିଆଯାଏ ବୋଲି ବିଶ୍ୱାସ କରାଯାଏ । ଏହି ପର୍ବ ମାତୃଶକ୍ତି ଉପାସନା ପାଇଁ ଉଦ୍ଦିଷ୍ଟ । ଓଡ଼ିଶାର ବିଭିନ୍ନ ଶକ୍ତି ପୀଠରେ ପୂଜା ଅର୍ଚ୍ଚନା କରି ଦେବୀ ଆରାଧନା କରାଯାଏ । ବସୁମତୀ ସ୍ନାନ ହେଉଛି ରଜ ପର୍ବର ଅନ୍ତିମ ଦିବସ । ଏହା ବସୁଧା ମାତାଙ୍କ ଶୁଦ୍ଧସ୍ନାନ । ଏହା ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ , ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧସ୍ନାନ ରୂପେ ପ୍ରଖ୍ୟାତ । ବଡ଼ି ସକାଳୁ ଶିଳପୁଆରେ ହଳଦୀ କନା ଗୁଡ଼ାଇ ସିନ୍ଦୂର, କଜଳ ଦେଇ ଧରଣୀ ମାତାଙ୍କ ସ୍ୱରୂପ ସଜାଇ ପିଢ଼ା ଉପରେ ସ୍ଥାପନା କରି କଳସ, ଆମ୍ବଡାଳ ରଖି କ୍ଷୀର ଦେଇ ସ୍ନାନ କରାଯାଏ । ମାସିକ ଧର୍ମର ବିଧି ଅନୁଯାୟୀ ଧରଣୀ ମାତା ତିନି ଦିନ ବିଶ୍ରାମ ପରେ ସ୍ନାନ କରି ଶୁଦ୍ଧ ପୂତ ହୋଇ ଯାଆନ୍ତି । ରଜସ୍ୱଳା ନାରୀ ସଦୃଶ ତିନି ଦିନ ଅସ୍ପୃଶ୍ୟ ହୋଇ ରହିବା ପରେ ଚତୁର୍ଥ ଦିନ ପ୍ରାତଃକାଳରେ ଏହି ଶୁଦ୍ଧସ୍ନାନ ପର୍ବ ।

ଏହି ଦିନ ରଜ ପର୍ବର ଆନନ୍ଦ ଉଲ୍ଲାସ ମଉଳି ଯାଇ ଆଧାତ୍ମିକତା ସ୍ଥାନ ନେଇଥାଏ । ଏହି ବସୁମତୀ ସ୍ନାନ ଦିବସରେ ଧରଣୀ ମାତା ପ୍ରତି ଭକ୍ତିଭାବ ଜାଗ୍ରତ ହୋଇଥାଏ । ବସୁମାତା ରଜସ୍ୱଳା ହୋଇ ଶୁଦ୍ଧସ୍ନାନ ପରେ ସୃଜନ କ୍ଷମତାଶାଳୀ ଅର୍ଥାତ୍ ଶସ୍ୟ ବୀଜ ଧାରଣକାରିଣୀ ହୋଇ ପାରିଥାନ୍ତି । ଏହି ରଜ ମହୋତ୍ସବକୁ ଓଡ଼ିଆ ଜାତିର ଜାତୀୟ ମହୋତ୍ସବ କହିଲେ ଅତ୍ୟୁକ୍ତି ହେବନାହିଁ । ପୃଥିବୀ ରଜସ୍ୱଳା ହେବାର ପ୍ରମାଣ- 'ବୃଷାନ୍ତେ ମିଥୁନାଦୌ ଚ ତ୍ରୀଣ୍ୟହାନି ରଜସ୍ୱଳା/ ବୀଜଂ ନ ବାପୟେତତ୍ର ଜନଃ ପାପାଦା ବିନଶ୍ୟତି ।' ଏହି ଶ୍ଳୋକଟିର ଅର୍ଥ ହେଉଛି- ବୃଷ ମାସର ମାସାନ୍ତ ବା ପ୍ରଥମ ଦିନ ଓ ତହିଁର ପର ଦିନ ଏହିପରି ତିନି ଦିନକୁ 'ରଜ' ବୋଲାଯାଏ । ଏହି ତିନି ଦିନ ପୃଥିବୀ ରଜସ୍ୱଳା ହେବାର ଶାସ୍ତ୍ରରେ ବର୍ଣ୍ଣନା ଅଛି ।

ରଜ ପର୍ବ ନାରୀକୁ ମର୍ଯ୍ୟାଦା ଓ ସମ୍ମାନ ଦେଇଥାଏ । ରଜ ଓଡ଼ିଶାର ଗୋଟିଏ ସ୍ୱତନ୍ତ୍ର ଉତ୍ସବ । ଆମର ଖାଣ୍ଟି ଓଡ଼ିଆ ପର୍ବଗୁଡ଼ିକ ମଧ୍ୟରୁ ଗୋଟିଏ । ରଜ ହେଉଛି ସେହି ମାତୃକୈନ୍ଦ୍ରିକ ଜୀବନଧାରଣ ଶୈଳୀର ଗୋଟେ ଅବଶେଷ । କୃଷି ନାରୀର ପ୍ରଜନନ ପ୍ରକ୍ରିୟା ସହିତ ତୁଳନୀୟ । କିନ୍ତୁ ଗର୍ଭବତୀ ହେବା ପୂର୍ବରୁ ନାରୀ ରଜସ୍ୱଳା ହୁଏ । ଆମେ ସମସ୍ତେ ଜାଣିଛୁ କି ରଜ ପର୍ବ ଏକ ରଜସ୍ୱଳା ନାରୀର କଷ୍ଟ ଏବଂ ମହତ୍ତ୍ୱକୁ ପ୍ରତିଫଳିତ କରେ । ରଜ ପର୍ବର ଏହି ଚାରି ଦିନ ଭୂଦେବୀ (ଯିଏକି ନାରୀର ଏକ ରୂପ) ରଜସ୍ୱଳା ହୁଅନ୍ତି । ସେଥିପାଇଁ ଏହି ସମୟରେ କୃଷି କିମ୍ବା ଯେ କୌଣସି ଭୂମି ସମ୍ବନ୍ଧୀୟ କାର୍ଯ୍ୟ କରିବାକୁ ବାରଣ କରାଯାଏ । କାରଣ ତାହା ରଜସ୍ୱଳା ଭୂଦେବୀଙ୍କର କଷ୍ଟ ବୃଦ୍ଧି କରିବ । ଏପରିକି ଗଛରୁ ଫୁଲ ତୋଳିବା ଏବଂ ପାଦରେ ଚପଲ ପିନ୍ଧିବା ମଧ୍ୟ ମନା ହୋଇଥାଏ । ରଜ ଉତ୍ସବ ନାରୀମାନଙ୍କ ପାଇଁ ଖୁବ୍ ଆନନ୍ଦର ଅବସର ସମୟ । ଏହି ଚାରି ଦିନରେ ନାରୀମାନଙ୍କୁ ତାଙ୍କର ନିତିଦିନିଆ କାର୍ଯ୍ୟରୁ ବିରତି ଦିଆଯାଏ । ରଜ ଉତ୍ସବରେ ଚତୁର୍ଥ ଦିନ ସୁଦ୍ଧା ମୌସୁମୀ ବାୟୁ ଓଡ଼ିଶାରେ କୃଷି କାର୍ଯ୍ୟ ଆରମ୍ଭ ହୁଏ । ସେତେବେଳେ ଏହି ପ୍ରାଚୀନ ଉତ୍ସବ ଓଡ଼ିଶାବାସୀଙ୍କର ନାରୀର କଷ୍ଟ ପାଇଁ ସହାନୁଭୂତିକୁ ଦର୍ଶାଏ । ଏ ପ୍ରଥା ସେ ସମୟରେ ଆରମ୍ଭ ହୋଇଥିଲା, ଯେତେବେଳେ ରାଜସ୍ୱଳା ନାରୀର କଷ୍ଟ ନିବାରଣ ପାଇଁ କୌଣସି ଔଷଧ ନଥିଲା ।

ରଜସ୍ୱଳା ନାରୀର କଷ୍ଟକୁ ବୁଝିବା, ନୂତନ ବସ୍ତ୍ର କିଣି ଦେବା ଏବଂ ରଜର ଦୋଳି ଇତ୍ୟାଦିର ଆନନ୍ଦ ଉଲ୍ଲାସ ଚିତ୍ତ ବିନୋଦନ ପାଇଁ ଅବସର । ଆମ ରାଜ୍ୟ ଓଡ଼ିଶାରେ ହିଁ ରଜ ପାଳିତ ହୁଏ । ଯଦିଓ ଏହି ସମୟରେ ଆସାମର କାମାକ୍ଷା ଦେବୀ ମନ୍ଦିରରେ ମଧ୍ୟ (ଆମ୍ବୁବାଚି ମେଳା) ପାଳନ ହୁଏ । କିନ୍ତୁ ଏତେ ଭବ୍ୟ ଆକାରରେ ରଜ ପର୍ବକୁ କେବଳ ଓଡ଼ିଆମାନେ ହିଁ ପାଳନ୍ତି । କାହିଁ କେଉଁ କାଳରୁ ଓଡ଼ିଶାରେ ରଜ ଉତ୍ସବ ପାଳନ ହେଉଛି । ଅର୍ଥାତ୍ ନାରୀତ୍ୱକୁ ସମ୍ମାନ ଦେଇ ରଜକୁ ଗଣ ଉତ୍ସବର ମାନ୍ୟତା ମିଳିଛି । ରଜ ପର୍ବ ଆମର ଗୌରବ, ଆମ ନାରୀ ଜାତିର ଗୌରବ, ଆମ ଓଡ଼ିଶା ମାଟିର ଗୌରବ ।❒

ନୟାଗଡ଼, ମୋ: ୯୪୩୭୯୮୫୮୬୬

# ମଧୁର ବିଷ

ଆମ ଦୈନନ୍ଦିନ ଜୀବନରେ ଆମେ କେତେ ଶାନ୍ତି ବା ଅଶାନ୍ତିରେ ଅଛୁ, ତାହା ନିର୍ଭର କରେ ଆମ ମାନସିକ ସ୍ଥିତି ଉପରେ । ଯଦି ଆମେ ଅଶାନ୍ତିର ଚାରାଟିଏ ଲଗାଇବା, ତାହା ହେଲେ ଆମେ ଦୁଃଖରେ ରହିବା । ସେହିଭଳି ଯଦି ଆମେ ଶାନ୍ତିର ଚାରାଟିଏ ଲଗାଇବା, ତାହା ହେଲେ ଆମେ ସୁଖରେ ରହିବା । ଏହି ଚାରା ଲଗାଇବା ଆମ ଉପରେ ନିର୍ଭର କରେ । ବେଳେବେଳେ ଆମେ ସାମୟିକ ଘଟଣାକୁ ଗୁରୁତ୍ୱ ଦେଇ ନିଜ ଅଜାଣତରେ ଅଶାନ୍ତିର ଚାରାଟି ଲଗାଇ ଦେଇଥାଉ । ହେଲେ ଯେତେବେଳେ ଆମେ ଏହି ଅଶାନ୍ତିର ଚାରା ବିଷୟରେ ଜାଣୁ, ସେତେବେଳକୁ ତାହା ବିରାଟ ବୃକ୍ଷର ରୂପ ନେଇ ସାରିଥାଏ, ଯାହା ଫଳରେ ତାକୁ ଆଉ ଉପାଡ଼ିବା ସମ୍ଭବ ହୋଇ ନଥାଏ । ସେଥିପାଇଁ ଆମେ ଆମ କର୍ତ୍ତବ୍ୟ ପଥରେ ଆଗେଇ ଚାଲିବା । ସାମୟିକ ଘଟଣାକୁ ଏତେ ଗୁରୁତ୍ୱ ଦେବା ଉଚିତ୍ ନୁହେଁ । ଏ ନେଇ ଉଦାହରଣଟିଏ ।

ବ୍ରଜରାଜ ନଗରର ରାଜା ଥିଲେ ମହାଭୁଜ । ମହାଭୁଜ ରାଜ୍ୟଭାର ତ ସମ୍ଭାଳି ନେଉଥିଲେ, କିନ୍ତୁ ତାଙ୍କର ଦୁର୍ବଳତା ଥିଲା ଆତ୍ମପ୍ରଶଂସା । କେହି ତାଙ୍କୁ ପ୍ରଶଂସା କଲେ ତାଙ୍କ ଛାତି ଅଭିମାନରେ ଫୁଲି ଉଠୁଥିଲା । ଏତେ ଖୁସି ହେଉଥିଲେ ଯେ ପ୍ରଶଂସା କରୁଥିବା ବ୍ୟକ୍ତି ଯାହା ଚାହୁଁଥିଲେ, ତାହା ଦେଇ ଦେଉଥିଲେ । ଦିନକର ଘଟଣା । ରାଜ ଦରବାରରେ ଜଣେ ବ୍ୟକ୍ତି ପହଞ୍ଚିଲେ । ରାଜା ତାଙ୍କ ସହ କିଛି ସମୟ କଥା ହେଲେ । ଏହି ବ୍ୟକ୍ତି ଜଣକ ରାଜାଙ୍କର ଦୁର୍ବଳତା ଜାଣି ତାଙ୍କ ପ୍ରଶଂସା ଆରମ୍ଭ କରିଦେଲେ । ରାଜା ଖୁସିରେ ଆତ୍ମବିଭୋର ହୋଇଗଲେ । ସେହି ବ୍ୟକ୍ତିକୁ ଅତି ଆପଣାର ଲୋକ ବୋଲି ଭାବିଲେ । ପରେ ଦେଖାଗଲା ସେହି ବ୍ୟକ୍ତି ଯାହା ଯାହା କହୁଥିଲେ, ରାଜା ତା' କଥା ହିଁ ମାନୁଥିଲେ ଏବଂ କାର୍ଯ୍ୟକାରୀ କରୁଥିଲେ । ରାଜାଙ୍କର ଏହି କାର୍ଯ୍ୟକଳାପ ଦେଖି ରାଜ୍ୟବାସୀଙ୍କ ମନରେ ଅସନ୍ତୋଷ ବଢ଼ିବାକୁ ଲାଗିଲା । ଶେଷରେ ରାଜାଙ୍କ ଧର୍ମପତ୍ନୀ ଏବଂ ତାଙ୍କ ପୁତ୍ର ରାଜାଙ୍କ କାର୍ଯ୍ୟକଳାପକୁ ନିନ୍ଦା କଲେ । ରାଜା ଉକ୍ତ ଲୋକର ପ୍ରଶଂସାରେ ଏତେ ଉତ୍‌ଫୁଲ୍ଲିତ ଥିଲେ ଯେ କାହାରି କଥା ରାଜାଙ୍କୁ ପ୍ରଭାବିତ କରିପାରୁ ନଥିଲା । ଶେଷରେ ଲୋକମାନେ ଏକତ୍ର ହୋଇ ରାଜାଙ୍କୁ ଅସହଯୋଗ କଲେ । ଫଳରେ ରାଜାଙ୍କ ଶାସନ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଲା ।

ରାଜା ଅନନ୍ୟୋପାୟ ହୋଇ ଅନ୍ୟ ରାଜ୍ୟକୁ ଚାଲିଗଲେ । ସେହିଠାରେ ରାଜାଙ୍କୁ କେହି ପ୍ରଶଂସା କରିବାକୁ ନଥିଲେ । ରାଜା ଜଣେ ସାଧାରଣ ମଣିଷ ଭଳି ଦିନ କାଟିଲେ । ଆଉ ଜାଣିଲେ ପ୍ରଶଂସା କରୁଥିବା ଲୋକଟି ଅତି ସାଧାରଣ ଲୋକ । ପ୍ରଶଂସାପ୍ରିୟ ହୋଇ ରାଜା ନିଜ ଜୀବନରେ ଘଟାଇ ଥିବା ଅଶେଷ କ୍ଷତିକୁ ମନରେ ସମୀକ୍ଷା କରୁଥିଲେ । ହେଲେ ସାଉଣ୍ଟିଥିବା ପ୍ରଶଂସା ଏବେ ତାଙ୍କର କୌଣସି କାମରେ ଆସୁନାହିଁ । ବରଂ ବୃଥା ପ୍ରଶଂସା ଜୀବନକୁ ବିପନ୍ନ କରିଥିଲା । ତେଣୁ କୁହାଯାଏ, ପ୍ରଶଂସା ମିଠା ଲାଗିଲେ ମଧ୍ୟ ବିଷ ଭଳି ।❒

ନିତିଦିନ NITIDIN

ପଶ୍ଚିମ ଓଡ଼ିଶା

ଗ

# ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ




**ବଲାଙ୍ଗୀର, ୧୩।୬/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲାସ୍ତରୀୟ ବିକାଶ ମେଳା ଓ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଗୌରଓ୍ୱ ଶୀଓ୍ୱାଜୀ ଇଶାଲଓ୍ୱାର ଉଦ୍‌ଘାଟନ କରିଛନ୍ତି। ଏଥିରେ ଭିନ୍ନ ଭିନ୍ନ ସ୍ୱାଦର ପିଠା ମିଳୁଛି। ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ହୋଇଥିବା ଏହି ଷ୍ଟଲ୍‌ରୁ ଲୋକମାନେ ଧାଡ଼ି ଲଗାଇ ପିଠା ଖାଇଥିଲେ। ଅନ୍ୟପଟେ ଏଠାରେ ଥିବା ଫୁଡ୍ କୋର୍ଟରେ ହଜି ଯାଉଥିବା ଖାଦ୍ୟ ପସରା ଦେଖିବାକୁ ମିଳିଛି। ଆରିସା, ପୋଡ଼ପିଠା, ଛେନାପୋଡ଼, ମଣ୍ଡା, କାକରା ଓ ଚନ୍ଦ୍ରକାନ୍ତି ଆଦି ଭଳିକି ଭଳି ଖାଦ୍ୟ ରହିଛି। ଜିଲ୍ଲାର ସମସ୍ତ ବ୍ଲକ୍‌ର ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟଙ୍କ ଦ୍ୱାରା ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରାଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ବିକାଶ ମେଳାରେ ୨୫ଟି ଷ୍ଟଲ୍‌ରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବିକାଶ ଓ ସଫଳତା ପ୍ରଦର୍ଶିତ ହୋଇଛି।

## ମ.ରାମପୁର ଗୋଷ୍ଠୀ କାର୍ଯ୍ୟାଳୟ

# ସରକାରୀ ପଦବୀ ଖାଲି, ବିକାଶମୂଳକ କାର୍ଯ୍ୟ ବ୍ୟାହତ

**ମ.ରାମପୁର, ୧୩।୬/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ୍‌ରେ ଅନେକ ସରକାରୀ ପଦବୀ ଦୀର୍ଘ ଦିନ ହେବ ଖାଲିପଡ଼ିଛି। ଏଥିଯୋଗୁ ବ୍ଲକ୍‌ର ଅନେକ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାହତ ହେଉଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ୧୯ଟି ପଞ୍ଚାୟତକୁ ନେଇ ବ୍ଲକ୍ ଗଠିତ ହୋଇଥିବା ବେଳେ ମାତ୍ର ୪ ଜଣ କନିଷ୍ଠ ଯନ୍ତ୍ରୀ ଲୋକଙ୍କ ଦାୟିତ୍ୱ ନିର୍ବାହ କରୁଥିବା ନଜିର ରହିଛି। ଫଳରେ ଗୋଟିଏ ଗାଁକୁ ବର୍ଷକରେ ଗୋଟିଏ ଦିନ ଅଧିକାରୀ ସମୟ ଦେବା ମଧ୍ୟ ଖୁବ୍ କଷ୍ଟ ହେଉଛି । ମ.ରାମପୁର ବ୍ଲକ୍‌ର ୧୯ଟି ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ଗୁଡ଼ିକ ଠିକ୍ ଭାବେ ତଦାରଖ ହୋଇପାରୁ ନଥିବାରୁ ଅନେକ ବିକାଶମୂଳକ କାର୍ଯ୍ୟର ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏଣୁ ସାଧାରଣ ଲୋକେ ଅନେକ ସମୟରେ ଗୋଷ୍ଠୀର କନିଷ୍ଠ ଯନ୍ତ୍ରୀଙ୍କ ସହିତ ସାକ୍ଷାତ କରିବାକୁ ଆସି ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି।

### ଜନପ୍ରତିନିଧି ଧ୍ୟାନ ଦେବାକୁ ଦାବି

ସରକାରୀ ନିୟମ ଅନୁସାରେ ୨ଟି ପଞ୍ଚାୟତକୁ ଗୋଟିଏ ଯନ୍ତ୍ରୀ ଦାୟିତ୍ୱ ତୁଲାଇବା କଥା। କିନ୍ତୁ ଏଠି ଠିକ୍ ତା'ର ବିପରୀତ ପରି ମନେ ହେଉଛି। ଏହାଛଡ଼ା ବ୍ଲକ୍‌ରେ ୧୯ଟି ପଞ୍ଚାୟତକୁ ମାତ୍ର ୪ ଜଣ କନିଷ୍ଠ ଯନ୍ତ୍ରୀ ମଧ୍ୟରୁ ପୁରୁଣା ଲୋକ ଯଥା ନୟନ କୁମାର ନାଏକ ୫ଟି ଓ ପ୍ରବୀଣ କୁମାର ପାଣି ୬ଟି ପଞ୍ଚାୟତ ଦାୟିତ୍ୱରେ ଅଛନ୍ତି। କିଛିଦିନ ପୂର୍ବରୁ ନୂତନ ଭାବେ ଯୋଗ ଦେଇଥିବା ବେପାରୀ ମିଞ୍ଜ ଓ ଦିଲ୍ଲୀପ ପତି କେତେ ଗୁଡ଼ିଏ ପଞ୍ଚାୟତର ଦାୟିତ୍ୱ ତୁଲାଉଥିବା ବାର୍ତ୍ତା ଲୋକଲୋଚନକୁ ଆସିନାହିଁ। ଅତ୍ୟଧିକ ବାହାର ଚାପ ହେତୁ ନିୟମିତ ଭାବେ ଆସୁ ନଥିବାରୁ ଲୋକଙ୍କ ନିକଟକୁ ସରକାରୀ ଯୋଜନା ଠିକ୍ ଭାବେ ପହଞ୍ଚି ପାରୁନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ତେଣୁ ଏଥିପ୍ରତି ଜିଲ୍ଲାର ଜିଲ୍ଲାପାଳ ତଥା ଅଞ୍ଚଳରେ ଜନତାଙ୍କ ଭରଷା ସାଉଁଟୁଥିବା ଜନପ୍ରତିନିଧି ଧ୍ୟାନ ଦେବା ପାଇଁ ଜନମହଲରେ ଦାବି ହେଉଛି।




# 'କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତା ଦେଶକୁ ଗୌରବାନ୍ୱିତ କରିଛି'




**ରାଉରକେଲା, ୧୩।୬/ଏନ୍‌ଏନ୍‌ଏସ୍:** ସେକ୍ଟର-୧୮ସ୍ଥିତ ସୋସିଆଲ ହୋମ୍‌ରେ ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗୁରୁବାର ଗୁଜୁରାଟର ଅହମ୍ମଦାବାଦରୁ ଲଣ୍ଡନ ଅଭିମୁଖେ ଯାଉଥିବା ବିମାନ କ୍ରାସ୍ ଘଟଣାରେ ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ୱେଶ୍ୱର ଟୁଡୁ ଯୋଗଦେଇ ସମ୍ପ୍ରତି କେନ୍ଦ୍ରରେ ନରେନ୍ଦ୍ର ମୋଦୀ ସରକାରଙ୍କ ୧୧ ବର୍ଷ ଓ ରାଜ୍ୟରେ ମୋହନ ସରକାରଙ୍କ ୧ ବର୍ଷର ସଫଳତା ଦେଶକୁ ଗୌରବାନ୍ୱିତ କରିଛି। ଏକ ଦୁର୍ନୀତିଗ୍ରସ୍ତ, ଅପାରଗ ଓ ସାରା ଦେଶରେ ଖେଳିଯାଇଥିବା ନକରାତ୍ମକ ଭାବନା ବଦଳରେ ଆଶାର ଆଲୋକବର୍ତ୍ତିକା ଖେଳି ଯାଇଥିଲା। ଲୋକଙ୍କ ଆଶା ଭରସାକୁ ମୋଦୀ ସରକାର ଅତୁଟ ରଖିବାରେ ସମର୍ଥ ହେବାସହ ସେମାନଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ସକ୍ଷମ ହୋଇଛନ୍ତି ବୋଲି ଶ୍ରୀ ଟୁଡୁ କହିଥିଲେ। ତେବେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ତୁମକେଲା ସେତୁ, ତାଳଚେର-ବିମଳାଗଡ଼ ରେଳପଥ ପାଇଁ ଜମିଅଧିଗ୍ରହଣ ସମ୍ପନ୍ନ, ବଣାଇ ସବ୍‌ଡିଭିଜନ୍‌ରେ ପ୍ରଥମଥର ପାଇଁ ଖରାଦିନିଆ ଧାନମଣ୍ଡି ଓ ଚାଷ ପାଇଁ ଧାନମଣ୍ଡି ଖୋଲିବା, ରୁକୁଡ଼ା ସେତୁ ମାଧ୍ୟମରେ ଜଳସେଚନର ସୁବ୍ୟବସ୍ଥା, ବେଦବ୍ୟାସରେ ଝୁଲା ସେତୁ ନିର୍ମାଣ ଯୋଜନା, ରାଉରକେଲା ସରକାରୀ ଡାକ୍ତରଖାନାର ଉନ୍ନତିକରଣ ପାଇଁ ୬୨୭ କୋଟି ଓ ଜମି ପ୍ରଦାନ, କୋଏଲ ନଦୀରେ ରିଭର୍ ବ୍ୟାଙ୍କ ନିର୍ମାଣ, କୋଏଲ୍ ନଦୀରେ ସାନଦଲକି ଓ ଲୁହାକେରା ପାଇଁ ନୂତନ ସେତୁ ନିର୍ମାଣ ଯୋଜନା, ବ୍ରାହ୍ମଣୀରେ ଡିପାଟୋଲା-କଂସର ମଧ୍ୟରେ ସେତୁ ନିର୍ମାଣ ଯୋଜନା, ମୁଣ୍ଡାଜୋର-ଲାଠିକଟାର ନାଳରେ ସେତୁ ନିର୍ମାଣ ଯୋଜନା, ଟିସ୍କୋ ଖାଦାନର ସୌନ୍ଦର୍ଯ୍ୟକରଣ ପାଚେରୀ ନିର୍ମାଣ, ଆଉଟର୍ ରିଂ ରୋଡ୍ ନିର୍ମାଣ କରି ଗ୍ରେଟର୍ ରାଉରକେଲାର ପରିକଳ୍ପନା କରାଯାଇଛି ବୋଲି ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁଙ୍କ ସମେତ ପାନପୋଷ ସାଂଗଠନିକ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେର୍କେଟା, ପୂର୍ବତନ ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ଜଗବନ୍ଧୁ ବେହେରା ଓ ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ବଲାଙ୍ଗୀର ଗସ୍ତ

## ସରକାରଙ୍କ ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ଓ କୃଷକ ଶକ୍ତି ସମାବେଶର ସମୀକ୍ଷା

**ବଲାଙ୍ଗୀର, ୧୩।୬/ଏନ୍‌ଏନ୍‌ଏସ୍:** ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ ଶୁକ୍ରବାର ଦିନିକିଆ ବଲାଙ୍ଗୀର ଗସ୍ତରେ ଆସି ସରକାରଙ୍କ ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ଓ କୃଷକ ଶକ୍ତି ସମାବେଶ ସମୀକ୍ଷା କରିଛନ୍ତି। ପରେ ପଥରଚେପା ପଡ଼ିଆକୁ ଯାଇ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସୁଫଳ ଲୋକଙ୍କ ପାଖେ ପହଞ୍ଚାଇବା ପାଇଁ ସମସ୍ତ ଅଧିକାରୀଙ୍କୁ କହିଥିଲେ।

ଆସନ୍ତା ୧୭ ତାରିଖ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପାର୍କିଂ, ସୁରକ୍ଷା, ପ୍ରଚାର ପ୍ରସାର ଓ ମେଡିକାଲ୍ ଟିମ୍ ଆଦି ବିଷୟରେ ଆଲୋଚନା ହୋଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ହୋଇଥିବା ଏହି ବୈଠକରେ ଜିଲ୍ଲାପାଳ ଗୌରଓ୍ୱ ଶୀଓ୍ୱାଜୀ ଇଶାଲଓ୍ୱାର, ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜୀ, ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର ଓ ଜିଲ୍ଲାସ୍ତରୀୟ ଅନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।



# ରାଉରକେଲାରେ ବିକାଶ ବାହନର ଶୁଭାରମ୍ଭ



**ରାଉରକେଲା, ୧୩।୬/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ଏକ ବର୍ଷର ସଫଳତାର ଯାତ୍ରାକୁ ଲୋକାଭିମୁଖୀ କରିବା ତଥା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟରେ ବିକାଶ ବାହନର ଶୁଭାରମ୍ଭ କରାଯାଇଛି। ଏହି ବିକାଶ ବାହନ ଆଗାମୀ ୨୧ ତାରିଖ ଯାଏଁ ରାଉରକେଲା ସହରର ବିଭିନ୍ନ ଅଞ୍ଚଳ ଗସ୍ତ କରି ଜନସାଧାରଣଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବ। ରାଉରକେଲା ମହାନଗର ନିଗମର ଯୁଗ୍ମ ପୌରାୟୁକ୍ତ ପଲ୍ଲବୀ ନାୟକ, ବିଜେପି ଜିଲ୍ଲା ସଭାପତି ପୂର୍ଣିମା କେରକେଟା ଓ ଉପପୌରାୟୁକ୍ତ ଅନୀତା ନାଏକ ପତାକା ଦେଖାଇ ଏହି ବାହନର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର୍ ନିବେଦିତା ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ସହ ଆର୍‌ଏମ୍‌ସିର ଅନ୍ୟ ବିଭାଗୀୟ ଅଧିକାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟ ଉପସ୍ଥିତ ଥିଲେ। ତୃଣମୂଳସ୍ତରରେ ରହୁଥିବା ଲୋକଙ୍କ ନିକଟରେ ସରକାରୀ ସୁବିଧା ସୁଯୋଗ ଯୋଗାଇବା ଲକ୍ଷ୍ୟ ନେଇ ଜୁନ୍ ୨୧ ଯାଏଁ ମହାନଗର ନିଗମସ୍ତରୀୟ ବିକାଶ ମେଳାର ମଧ୍ୟ ଆୟୋଜନ କରାଯାଉଛି। ଗୁରୁବାର ସ୍ଥାନୀୟ ବୁରୁଟୋଲା ଓ ଛେଣ୍ଡସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏହାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ରହି ଲୋକଙ୍କୁ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯିବା ସହ ଆଧାରକାର୍ଡ ସଂଶୋଧନ, ନୂତନ ଆଧାର କାର୍ଡ ନିମନ୍ତେ ପଞ୍ଜିକରଣ ଓ ନୂତନ ରାସନ କାର୍ଡ ବଣ୍ଟା ଯାଇଥିଲା। ଏଥିସହ ସରକାରଙ୍କ ସ୍ୱାସ୍ଥ୍ୟରକ୍ଷା କବଚ ଆୟୁଷ୍ମାନ ଭାରତର ହେଲ୍ପଡେସ୍କ ମଧ୍ୟ କରାଯାଇଥିଲା।

## ରଥଯାତ୍ରା ପାଇଁ ପ୍ରସ୍ତୁତି

# ବିଭିନ୍ନ ବିଭାଗ ଠିକ୍ ଭାବେ ଦାୟିତ୍ୱ ତୁଲାଇବାକୁ ପରାମର୍ଶ



**ପାଟଣାଗଡ଼, ୧୩।୬/ଏନ୍‌ଏନ୍‌ଏସ୍:** ପାଟଣାଗଡ଼ରେ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ସବୁଠି ଉତ୍ସବମୁଖର। ଏନେଇ ପାଟଣାଗଡ଼ ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ସୁନିଲ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ସୁରୁଖୁରରେ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚଳିତ ବର୍ଷ କିଭଳି ଭାବେ ରଥଯାତ୍ରା ସୁରୁଖୁରୁରେ ସମାପନ ହେବ ସେ ବିଷୟରେ ଆଲୋଚନା ହୋଇଥିଲା। ବିଶେଷକରି ଯାତ୍ରା ସମୟରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ ନ କାଟିବା ଓ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ଗୁଡ଼ିକ ସମାଧାନ କରିବା ସହ ସ୍ଥାନୀୟ ପୁଲିସ ପକ୍ଷରୁ ସୁରକ୍ଷା ଉପରେ କଡ଼ା ନଜର ରଖିବା ଉପରେ ଆଲୋଚନା ହୋଇଥିଲା। ସହରର ରାସ୍ତାଘାଟକୁ ପରିଷ୍କାର କରିବା ପାଇଁ ଏନ୍‌ଏସି ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ଯାତ୍ରା ପରେ ସ୍ଥାନୀୟ ରାମଜୀ ଛକରେ ଥିବା ମାଉସୀ ମା' ମନ୍ଦିରରେ ସାତ ଦିନ ବ୍ୟାପୀ ପ୍ରଭୁ ଜଗନ୍ନାଥଙ୍କ ଦଶ ଅବତାର ସମୟରେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ପାଇଁ ପାଟଣାଗଡ଼ ପୁଲିସ ମଣ୍ଡଳ ଅଧିକାରୀ ସଦାନନ୍ଦ ପୂଜାରୀଙ୍କ ସହଯୋଗ ଲୋଡ଼ା ଯାଇଥିଲା। ଏହି ବୈଠକରେ ନୂତନ ଭାବେ ଦେବୋତ୍ତର ସଭ୍ୟ ହୋଇଥିବା ବିସମ୍ବର ପାଣିଗ୍ରାହୀ, ରାଜେଶ ପୁରୋହିତ, ସଦାଶିବ ସରାଫ, ଡକ୍ଟର ଓମ୍ ପ୍ରକାଶ ଯୋଶୀ, ବିଜୟ ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ମିଶ୍ର, ନବୀନ ମେହେର, ସନ୍ତୋଷ କୁମାର ମେହେର, ରମା ହୋତା, ନରହରି ହୋତା, ପ୍ରଫୁଲ୍ଲ କୁମାର ମେହେର, ମୋତି ୟଚନ୍ଦ୍ର ବୁଢ଼େକ, ଏନ୍‌ଏସି ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ପାଟଣାଗଡ଼ ଥାନାଧିକାରୀ ହରିବନ୍ଧୁ ଗଡ଼ତିଆ, ବେଲପଡ଼ା ଥାନା ଅନ୍ତର୍ଗତ ଅନନ୍ତ ପ୍ରଧାନ, ତହସିଲଦାର୍ ଅଭିଷେକ କିସାନ, ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ସହକାରୀ ଉପଜିଲ୍ଲାପାଳ ପଦ୍ମନାଭ ମାହାଣ ଓ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଦେବଦତ୍ତ ମହାପାତ୍ରଙ୍କ ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ। ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ମହିଳା ସଶକ୍ତିକରଣ ସମ୍ମିଳନୀ



**ମାଲକାନଗିରି, ୧୩।୬/ଏନ୍‌ଏନ୍‌ଏସ୍:** ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କ ଭାଗୀଦାରିତାକୁ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି। ମହିଳାଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଜିଲ୍ଲାସ୍ତରୀୟ ବିକାଶ ମେଳାର ଦ୍ୱିତୀୟ ଦିନରେ ମହିଳା ସଶକ୍ତିକରଣ ସମ୍ମିଳନୀ ଆୟୋଜନ କରାଯାଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ମିଶନଶକ୍ତି ଡିପିସି ହର୍ଷାନନ୍ଦ ପ୍ରଧାନ, କାର୍ଯ୍ୟକ୍ରମ ପରିଚାଳକ ବାଲାଜୀ ପଟ୍ଟନାୟକ ଓ ଓରମାସ୍ ଡେପୁଟି ସିଇଓ ଗୁଣ୍ଡିଚା ବେହେରା ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଭାରତ ସରକାରଙ୍କ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଲକ୍ଷପତି ଦିଦି ଯୋଜନା ମାଧ୍ୟମରେ କିଭଳି ଅଧିକରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରାଯାଇପାରିବ ସେଥିନିମନ୍ତେ ପ୍ରୋତ୍ସାହନ କରାଯାଇଥିଲା। ସୁଭଦ୍ରା ଯୋଜନା ଦ୍ୱାରା ଆଜି ଅନେକ ମହିଳା ଆର୍ଥିକ ଭାବେ ସଶକ୍ତ ହୋଇପାରିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ବାଲ୍ୟ ବିବାହ ବିରୁଦ୍ଧରେ ଏହି ସମ୍ମିଳନୀରେ ସଚେତନତା ସୃଷ୍ଟି କରାଯାଇଛି। ସେହିପରି ପରିବେଶକୁ ସ୍ୱଚ୍ଛ ରଖିବା ନେଇ ସ୍ୱଚ୍ଛ ଭାରତ ମିଶନ ଓ ଯୁବଗୋଷ୍ଠୀଙ୍କ ମଧ୍ୟରେ ଦକ୍ଷତା ବିକାଶ ଉପରେ ଏଠାରେ ଆଲୋଚନା କରାଯାଇଛି। ଏହି କାର୍ଯ୍ୟରେ ଏମ୍‌ବିକେ, ସିଆର୍‌ପି, ବ୍ୟାଙ୍କମିତ୍ର, ପ୍ରାଣୀମିତ୍ର, କୃଷିମିତ୍ର, ଅଙ୍ଗନବାଡ଼ି କର୍ମୀ, ଲକ୍ଷପତି ଦିଦି, ସୁଭଦ୍ରା ହିତାଧୀକାରୀ ଓ ସମସ୍ତ ସିଡିପିଓମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ଆୟୋଜିତ ବିଷୟବସ୍ତୁ ଉପରେ ମାଆଙ୍କୁ ସଚେତନ କରିଥିଲେ।

# ଏଆଇଟିୟୁସି ଓ ଆର୍‌ଏସ୍‌ଏମ୍‌ୟୁର ସଂହତି ଦିବସ

**ରାଉରକେଲା, ୧୩।୬/ଏନ୍‌ଏନ୍‌ଏସ୍:** ଭାଇଜାଗ୍ ଷ୍ଟିଲ୍ ପ୍ଲାଣ୍ଟ ଆର୍‌ଆଇଏନ୍‌ଏଲ୍‌କୁ ଘରୋଇକରଣରୁ ରକ୍ଷା କରିବା ଦାବିରେ ଏଆଇଟିୟୁସି ଓ ଆର୍‌ଏସ୍‌ଏମ୍‌ୟୁ ପକ୍ଷରୁ ବିଶ୍ରା ଛକରେ ସଂହତି ଦିବସ ପାଳନ କରାଯାଇଛି। ରାଉରକେଲା ଷ୍ଟିଲ୍ ମଜଦୁର୍ ୟୁନିୟନ୍‌ର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଏଆଇଟିୟୁସି ରାଜ୍ୟ କମିଟି ସଭାପତି ପ୍ରଦୋଷ ମହାନ୍ତି ଆର୍‌ଆଇଏନ୍‌ଏଲ୍‌ର ଘରୋଇକରଣକୁ ତୀବ୍ର ବିରୋଧ କରିଥିଲେ। ଆଗାମୀ ଦିନରେ ଏହା ବିରୋଧରେ ବ୍ୟାପକ ଆନ୍ଦୋଳନ ପାଇଁ ସମସ୍ତ ଶ୍ରମିକ ସଂଗଠନକୁ ଆହ୍ୱାନ ଦେଇଥିଲେ। ମୋଦୀ ସରକାରଙ୍କ ମନମୁଖୀ ଶାସନ ଯୋଗୁ ବିଏସ୍‌ପିକୁ ଘରୋଇ କମ୍ପାନୀ ହାତରେ ଟେକି ଦେବାକୁ ଦିଆଯିବ ନାହିଁ ବୋଲି ଏଆଇଟିୟୁସିର ସମ୍ପାଦକ ସଦାନନ୍ଦ ସାହୁ କହିଥିଲେ। ରାଉରକେଲା ଷ୍ଟିଲ୍ ମଜଦୁର୍ ୟୁନିୟନ୍‌ର ସାଧାରଣ ସମ୍ପାଦକ ଶ୍ରୀ ସେଠୀ ଆର୍‌ଆଇଏନ୍‌ଏଲ୍ ଘରୋଇକରଣକୁ ବିରୋଧ କରିବା ସହ ସେଲ୍‌ରେ କାର୍ଯ୍ୟରତ ଶ୍ରମିକଙ୍କ ୩୯ ମାସର ବକେୟା ଓ ଏନ୍‌ଜେସିଏସ୍ ଚୁକ୍ତିନାମା ପାଇଁ ଦାବି କରିଥିଲେ। ଏଥିରେ କୈଳାସ ନାୟକ, ରାଜା ସୁନା, ଅର୍ଜୁନ ଭୋଇ, ରୋହିତ ଗୁରିଆ, ବିଷ୍ଣୁ ଚରଣ ଦାସ, ସୁଧାଂଶୁ ସୁତାର, ସୁରେନ୍ଦ୍ର ବାହାଲ, ସୁଶାନ୍ତ ଲେଙ୍କା ଓ ରଞ୍ଜନ ସେଠୀ ଅଂଶଗ୍ରହଣ କରିଥିଲେ।

## ବିକାଶ ମେଳା ଉଦ୍‌ଘାଟିତ

# 'ସମୃଦ୍ଧ, ବିକଶିତ ଓ ଆଧୁନିକ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ'




**ଝାରସୁଗୁଡ଼ା, ୧୩।୬/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ବିଟିଏମ୍ ପଡ଼ିଆରେ ବିକାଶ ମେଳା ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ସମୃଦ୍ଧ, ବିକଶିତ ଓ ଆଧୁନିକ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଡବଲ ଇଞ୍ଜିନ୍ ସରକାରର ପ୍ରତିଶ୍ରୁତି ଅନୁସାରେ ୨୧ଟି ପ୍ରତିଶ୍ରୁତି ମଧ୍ୟରୁ ୧୧ଟି ପୂରଣ କରାଯାଇଛି ଏବଂ ଅବଶିଷ୍ଟ ୧୦ଟି ଶୀଘ୍ର ପୂରଣ କରାଯିବ ବୋଲି ଅତିଥିଗଣ କହିଥିଲେ। ଓର୍ମାସ୍ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ.ମହାଲିଙ୍ଗ ଆଗାମୀ ପାଞ୍ଚ ବର୍ଷ ଭିତରେ ରାଜ୍ୟରେ ବିକାଶ କ୍ଷେତ୍ରରେ ନୂଆ ଦିଗନ୍ତ ସୃଷ୍ଟି ହେବାକୁ ଯାଉଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜିର ଦିନରେ ୨୦୨୪ରେ ସରକାର କ୍ଷମତାକୁ ଆସିଥିବା ଉଲ୍ଲେଖ କରି କୃଷି ଓ କୃଷକର ଉନ୍ନତି, ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାଙ୍କୁ ସ୍ୱାବଲମ୍ବୀ କରାଯିବା, ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲାଯିବା ଓ ଆୟୁଷ୍ମାନ ଯୋଜନା ମାଧ୍ୟମରେ ରାଜ୍ୟରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ଦିଗରେ ପଦକ୍ଷେପ ନେଇ ପ୍ରତିଶ୍ରୁତି ପୂରଣ କରିଥିବା କହିଥିଲେ। ଡବଲ୍ ଇଞ୍ଜିନ୍ ସରକାର ପାଇଁ ବିଗତ ଏକ ବର୍ଷ ମଧ୍ୟରେ ରାଜ୍ୟରେ ବିକାଶ ଧାରା ଦ୍ରୁତ ଗତିରେ ଚାଲିଥିବା ବିଧାୟକ ଶ୍ରୀ ତ୍ରିପାଠୀ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସାଂସଦ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଆଇଏଏସ୍ ପ୍ରବେଶନର, ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା ଓ ବେଦାନ୍ତ ସିଇଓ ସୁନିଲ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ପରେ ସ୍ୱାସ୍ଥ୍ୟମନ୍ତ୍ରୀ, ସାଂସଦ ଓ ବିଧାୟକ ମଙ୍ଗଳ ବଜାରସ୍ଥିତ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଜିଲ୍ଲା ପୁଲିସ ପକ୍ଷରୁ ଆୟୋଜିତ ମେଗା ରକ୍ତଦାନ ଶିବିର ପରିଦର୍ଶନ କରିବା ସହ ହୋଟେଲ୍ ମେଘଦୂତରେ ଆୟୋଜିତ ପ୍ରେସମିଟ୍‌ରେ ଯୋଗ ଦେଇଥିଲେ।

# ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ଝାରସୁଗୁଡ଼ା, ୧୩।୬/ଏନ୍‌ଏନ୍‌ଏସ୍:** ଜିଲ୍ଲା ହକି ଆସୋସିଏସନ୍ ଝାରସୁଗୁଡ଼ା ପକ୍ଷରୁ ସ୍ଥାନୀୟ ବେଲପାହାଡ଼ ଇଂଲିଶ୍ ମିଡିୟମ୍ ସ୍କୁଲ୍‌ରେ ଥିବା ଖେଳ ପଡ଼ିଆରେ ଗତ ୭ ଦିନ ଧରି ଆରମ୍ଭ ହୋଇଥିବା ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ହକି ଆସୋସିଏସନ୍‌ର ସମ୍ପାଦକ ତଥା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ସମ୍ମାନିତ ଅତିଥିଭାବେ ହକି ଆସୋସିଏସନ୍ ଓଡ଼ିଶାର ଉପସଭାପତି ଜୀବନ ମହାନ୍ତି, ବେଲପାହାଡ଼ ଇଂଲିଶ୍ ମିଡିୟମ୍ ସ୍କୁଲ୍‌ର ପରିଚାଳନା କମିଟି ସମ୍ପାଦକ କାହ୍ନୁଚରଣ ପ୍ରଧାନ, ପରିଚାଳନା କମିଟିର ଉପସଭାପତି ମନୋଜ କୁମାର ପଟେଲ, ଜିଲ୍ଲା କ୍ରୀଡ଼ା ସଂଘର ଯୁଗ୍ମ ସମ୍ପାଦକ କ୍ଲେମେନେଟ୍ ରୋନାଲଟ୍, ଜ୍ୟୋତି ଲାଟ ଓ ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଝାରସୁଗୁଡ଼ା ହକି ଆସୋସିଏସନ୍ ପକ୍ଷରୁ ଶ୍ରେଷ୍ଠ ୧୨ ଜଣ ବାଳକ ଓ ବାଳିକାଙ୍କୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଝାରସୁଗୁଡ଼ା ପକ୍ଷରୁ ଦିଆଯାଇଥିବା ହକି ଷ୍ଟିକ୍ ସେଠାରେ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର, ବିଜୟ କୁମାର ଗୌଡ଼, କବିତା ପଟେଲ ଓ ପିଙ୍କି ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଜ୍ଞତା ସମ୍ପନ୍ନ ପ୍ରଶିକ୍ଷକ ଶକୁନ ନାୟକ ଓ ବେଲପାହାଡ଼ ଇଂଲିଶ୍ ମିଡିୟମ୍ ସ୍କୁଲ୍‌ର ଖେଳ ଶିକ୍ଷୟିତ୍ରୀ ଶାନ୍ତି ନାୟକଙ୍କ ଦ୍ୱାରା ପ୍ରଶିକ୍ଷଣ ଶିବିର ପରିଚାଳିତ ହୋଇଥିଲା।

# ଜାତୀୟ ରାଜପଥ ସମ୍ପ୍ରସାରଣକୁ ନେଇ ରାସ୍ତାରୋକ



**ମାର୍ଶାଘାଇ,୧୩।୬/ଏନ୍ଏନ୍ଏସ୍:** ଚଣ୍ଡିଖୋଲ- ପାରାଦ୍ୱୀପ ୫୩ ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟ ଚାଲିଥିଲାବେଳେ ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଲୋକମାନଙ୍କ ଧନ ଜୀବନ ସୁରକ୍ଷା ପ୍ରତି ଦୃଷ୍ଟି ନଦେଇ ମନମୁଖୀ ନିର୍ମାଣ କାର୍ଯ୍ୟ କରୁଥିବା ଅଭିଯୋଗ ହେବା ସହ ପ୍ରତିବାଦର ସ୍ୱର ମଧ୍ୟ ଉଠିଲାଣି । ଆଜି ମାର୍ଶାଘାଇ ଥାନା ଅନ୍ତର୍ଗତ ମାର୍ଶାଘାଇ କ୍ରସିଂ ଛକରେ ମଣିକୁଣ୍ଡା ପଞ୍ଚାୟତର ରାମିଆଁଗଞ୍ଜ ଗ୍ରାମର ଶତାଧିକ ଜନସାଧାରଣ ଓ ଛାତ୍ରଛାତ୍ରୀ ମାର୍ଶାଘାଇ କ୍ରସିଂ ନିକଟରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଏହି ଜାତୀୟ ରାଜପଥ ଅତିକ୍ରମ କରି ଲୋକମାନେ ବ୍ଲକ, ତହସିଲ,ସ୍କୁଲ, କଲେଜ, ମେଡିକାଲ, ସହ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଯାଇଥାନ୍ତି। କିନ୍ତୁ କିଛି ଦିନ ଧରି ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଅସ୍ଥାୟୀ ଯାତାୟାତ ପଥ ସଠିକ ସ୍ଥାନ ଓ ସଠିକ ଢଙ୍ଗରେ ନିର୍ମାଣ କରାଯାଇନଥିବା ଅଭିଯୋଗ କରିଛନ୍ତି ।ଏପରିକି ଏକ କିଲୋମିଟର ଦୂର ଯିବା ପରେ ଲୋକମାନେ ଜାତୀୟ ରାଜପଥ ଅତିକ୍ରମ କରିବା ପରେ ଅପର ପାର୍ଶ୍ୱ ରାସ୍ତା ଯିବା ସମ୍ଭବ ହେଉଛି ବୋଲି ଅଭିଯୋଗ କରିଛନ୍ତି । ବିଶେଷକରି ଆଗକୁ ସ୍କୁଲ କଲେଜ ଖୋଲାଯିବ, ଛାତ୍ରଛାତ୍ରୀମାନେ କିପରି ଯାତାୟତ କରିପାରିବେ ବୋଲି ପ୍ରଶ୍ନ ଉଠାଇ ଥଲେ। ଖବରପାଇ ଘଟଣାସ୍ଥଳରେ ମାର୍ଶାଘାଇ ପୁଲିସ ଓ କମ୍ପାନୀ କର୍ତ୍ତୃପକ୍ଷ ପହଞ୍ଚି ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ ବୁଝାସୁଝା କରିବା ସହିତ ସମାଧାନର ପ୍ରତିଶ୍ରୁତି ଦେବାପରେ ଅବରୋଧ ହଟିଥିଲା।

## ଜଗଦଲପୁର ପଞ୍ଚାୟତରେ ବିକାଶ ବାହନ ରଥ ଶୁଭାରମ୍ଭ

**କୁକୁଡାଖଣ୍ଡି,୧୩।୬/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ କୁକୁଡାଖଣ୍ଡି ବ୍ଲକ ଅଧିନସ୍ଥ ଜଗଦଲପୁର ପଞ୍ଚାୟତ ପରିସରରେ ଆଜି ବିକାଶ ବାହନ ରଥର ଶୁଭାରମ୍ଭ ହୋଇଯାଇଛି । ସରପଞ୍ଚ କ୍ରାନ୍ତି କୁମାରୀ ଦେବୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତିସଭ୍ୟ ବି. ରବୀନ୍ଦ୍ର ପାତ୍ର, ପିଓ ବିଷ୍ଣୁ ସାହୁ ମିଳିତ ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ ।


**OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)**
P.O-NUAGAM (ASKA)-761111, GANJAM DISTRICT, ODISHA
Phones : 06822-273464, email: askasugar@yahoo.co.in, website: askasugar.com

Letter No. Engg./684/date: 13.06.2025

**TENDER CALL NOTICE**

Sealed Tenders are invited from IBR licenced Contractors / Firm / Agencies / Organisations etc. for **Supply, Dismantling, Erection, Commissioning & Mason works of roof tubes for 16 kg./cm² & 15 T/hr (Boiler No-OR-168)** at the Aska Co-operative Sugar Industries Ltd. Nuagam, Aska. Interested tenderers can get details & obtain tender form by download from our website: www.askasugar.com. The cost of tender paper is Rs. 500/- non-refundable. Filled tender forms can be sent by Speed post / Registered post only, which should reach the office latest by dated 01.07.2025 by 5.00 PM. For any future correction please refer our above website.

Sd/- Managing Director
A.C.S.I.Ltd. Aska



B-208

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, PANIKOILI (R&B) DIVISION, PANIKOILI**
"e" - PROCUREMENT NOTICE
Bid Identification No. S.E. PKL(R&B)-10/2025-26
E-mail address : eepwd.pkl@rediffmail.com

1. Nature of the work : Road work & Civil work (Composite)
2. Numbers of work : 2 (Two) Nos.
3. Estimated cost : Rs.59.16 Lakh & Rs. 89.90 Lakh (Approx.)
4. Period of completion : 3 (Three) & 6 (Six) calendar months
5. Date & time of availability of bid document in the portal : From 11.00 AM of dt.18.06.2025 to 05.00 PM of dt.02.07.2025
6. Last date / time for receipt of bids in the portal : 05:00 PM of dt.02.07.2025
7. Date of opening of bid : 11:30 AM of dt.03.07.2025
8. Name and address of the officer inviting bid : Superintending Engineer, Panikoili (R&B) Division, Panikoili

Further details can be seen from the e-procurement portal https://tendersodisha.gov.in

OIPR-34067/11/0008/2526

Sd/- Superintending Engineer
Panikoili (R&B) Division


## ପ୍ରଶାନ୍ତ ରାଉତ ବଲାଙ୍ଗୀର ଜିଲ୍ଲା ପର୍ଯ୍ୟବେକ୍ଷକ

**ରାଜନଗର,୧୩।୬/ଏନ୍ଏନ୍ଏସ୍:** ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବଲାଙ୍ଗୀର ଜିଲ୍ଲାର ପର୍ଯ୍ୟବେକ୍ଷକ ରୂପେ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ଯୁବନେତା ପ୍ରଶାନ୍ତ କୁମାର ରାଉତଙ୍କୁ ନିଯୁକ୍ତି ମିଳିଥିବାରୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସଙ୍କୁ ରାଜନଗର କଂଗ୍ରେସ ଦଳର ନେତୃମଣ୍ଡଳୀ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।

ଏହି ଅବସରରେ ନବନିଯୁକ୍ତ ପର୍ଯ୍ୟବେକ୍ଷକ ଶ୍ରୀ ରାଉତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସଙ୍କୁ ରାଜନଗର ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ଦାମୋଦର ବିଶ୍ୱାଳ ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ଧନେଶ୍ୱର ଦାସ ଯୁବ ନେତା ସତ୍ୟ ପ୍ରିୟ ସାମଲ ,ଅଶ୍ୱିନି ପାତ୍ର ନାଗେଶ୍ୱର ସାହୁ ବିଜୟ ପରିଡା, ସୁଶୀଲ କୁମାର ପ୍ରଧାନ, ସଞ୍ଜୟ ସାହୁ, ବିକାଶ ସେଠୀ ରମାକାନ୍ତ ଜେନା ବରିଷ୍ଠ କଂଗ୍ରେସ ନେତା ବୈକୁଣ୍ଠ ବିହାରୀ ବିଶ୍ୱାଳ, ମାଗୁଣି ପଢ଼ିହାରୀ, ବନମାଳୀ ପ୍ରଧାନ, ନିରଞ୍ଜନ ବାରିକ, ବିଦ୍ୟାଧର ଦାସ, ଅମୂଲ୍ୟ ଜେନା ନିମାଇଁ ଚରଣ ଦାସ,କପିଳ ଚରଣ ସ୍ୱାଇଁ ରବିନ୍ଦ୍ର କୁମାର ମିଶ୍ର ରମାକାନ୍ତ ପ୍ରଧାନ ଲଛମନ ସେଠୀ ପ୍ରମୁଖ ସଭାପତି ଶ୍ରୀଯୁକ୍ତ ଦାସ କୃତଜ୍ଞତା ଜଣାଇବା ସହ ଶ୍ରୀ ରାଉତ କୁ ଶୁଭେଚ୍ଛା ଜଣାଇଛନ୍ତି।

# ଶୋଚନୀୟ ଅବସ୍ଥାରେ ବାହାଦଲାପୁର ବନ୍ଧ

**ରସୁଲପୁର,୧୩।୬/ଏନ୍ଏନ୍ଏସ୍:** ଯାଜପୁର ଜଳସେଚନ ବିଭାଜନ ତରଫରୁ ରସୁଲପୁର ବ୍ଲକ ଅନ୍ତର୍ଗତ ବାହାଦଲା ପୁର ବନ୍ଧ କାର୍ଯ୍ୟ ପାଇଁ ଗତ ୧୮ମାର୍ଚ୍ଚ ରେ ଟେଣ୍ଡର ପ୍ରକ୍ରିୟାରେ ୨ଟା କାମ ସାମିଲି ହୋଉ ୮ଏପ୍ରିଲ ରେ ଠିକାଦାର ଚୟନ ହୋଉଥିଲା ।୨ଟା ବନ୍ଧ ପାଇଁ ଯଥାକ୍ରମେ ୮୧ଲକ୍ଷ, ୮୦ଲକ୍ଷ ହିସାବରେ ଦୁଇ ଜଣ ଠିକାଦାର ଚୟନ ହୋଉଛନ୍ତି। କୁନ୍ତୁ ଆଜକୁ ଦୁଇ ମାସରୁ ଅଧିକ ହେଲାଣି ବନ୍ଧ କାମ ପାଇଁ ବିଭାଜନ ଏବଂ ଠିକାଦାର ତରଫରୁ କାମ ପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି। ପ୍ରକାଶ, ଏହି ବନ୍ଧ ବହୁତ ଶୋଚନୀୟ ଅବସ୍ଥାରେ ଅଛି। ପୂର୍ବରୁ କାମ କରିଥିବା ଠିକାଦାର ନିମ୍ନ ମାନ କାମ ପାଇଁ ବନ୍ଧରେ ବହୁତ ଜାଗାରେ ଖାଲ ଏବଂ ବନ୍ଧ ବନ୍ୟାରେ ଖରାପ ହେବା ଯୋଗୁ ବହୁ ଚାଷୀ, ସାଧାରଣ ଲୋକ, ଆମ୍ବୁଲାନ୍ସ ଯିବାରେ ବହୁତ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି ।ଏହି ବନ୍ଧ କାର୍ଯ୍ୟ ପାଇଁ ଜଳସେଚନ ବିଭାଜନର ମୁଖ୍ୟ ନିର୍ବାହୀ ଇଞ୍ଜିନିୟର ଅଧିକାରୀଙ୍କୁ ଯୋଗାଯୋଗ କଲେ ସେ ଫୋନ ରିସିଭ କରୁନାହାଁନ୍ତି। ଏଥିପାଇଁ ବାହାଦଲାପୁର ବନ୍ଧ ପାଖା ପାଖି ବହୁ ଗ୍ରାମର ଜନସାଧାରଣ ସେହି ବିଭାଗର ଉଚ୍ଚ ଅଧିକାରୀମାନଙ୍କ ପାଖରେ ନିବେଦନ କରୁଛନ୍ତି ଯଥା ଶୀଘ୍ର ଠିକାଦାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯାନୁଷ୍ଠାନ ଗ୍ରହଣ କରାଯାଇ। ବନ୍ଧ କାମ ବର୍ଷା ଦିନ ଆରମ୍ଭ ହେବା ପୂର୍ବରୁ ସରକାରଙ୍କ ଏଷ୍ଟିମେଟ ଅନୁସାରେ ଏବଂ ବିଭାଗୀୟ ଜେଇ ନିଜେ ଉପସ୍ଥିତ ରହି ବନ୍ଧ କାର୍ଯ୍ୟକୁ ଶୀଘ୍ର ଆରମ୍ଭ କଲେ ଜନସାଧାରଣ ଉପକୃତ ହେବେ।

# ଡେରାବିଶରେ ବୁଲିଲା ବିକାଶ ରଥ



**ଚାନ୍ଦୋଳ,୧୩।୬/ଏନ୍ଏନ୍ଏସ୍:** ଡେରାବିଶ ବ୍ଲକ ଅଧିନ ବିଭିନ୍ନ ପଞ୍ଚାୟତରେ ଆଜି ବିକାଶ ରଥ ପରିକ୍ରମା କରିଛି । ଆଜି ଏହି ରଥ ଡେରାବିଶ ବ୍ଲକ କାର୍ଯ୍ୟାଳୟରୁ ପୂର୍ବାହ୍ନରେ ବାହାରି ବ୍ଲକ ଅଧିନସ୍ଥ ହରିଅଙ୍କ ପଞ୍ଚାୟତରେ ପହଞ୍ଚିଥିଲା । ଏହି ରଥକୁ ପଞ୍ଚାୟତର ସରପଞ୍ଚ କନକଲତା ପ୍ରଧାନ, ସମାଜସେବୀ ସୁଖଦାନନ୍ଦ ପ୍ରଧନ ଓ ପଞ୍ଚାୟତର ଅଧିନସ୍ଥ ୱାର୍ଡ଼ସଭ୍ୟସଭ୍ୟା,ଏମ୍‌ବିକେ, ସିଆରପି, ବ୍ୟାଙ୍କମିତ୍ର, ଅଙ୍ଗନବାଡ଼ିକର୍ମୀ, ଆଶାକର୍ମୀ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ସ୍ୱାଗତ କରିଥିଲେ । ଏହି ଅବସରରେ ଏହି ରଥରେ ଲାଗିଥିବା ଏଲଇଡ଼ି ମାଧ୍ୟମରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖି କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯାଇଥିଲା । ପରେ ଏହି ରଥ ଯଅଁରାବାରିମୂଳ ପଞ୍ଚାୟତକୁ ଯାଇଥିଲା । ସେଠାରେ ଉପସ୍ଥିତ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ୱାର୍ଡ଼ସଭ୍ୟ ସଭ୍ୟା, ସିଆରପି, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ସ୍ୱାଗତ କରିଥିଲେ । ପରେ ଏହି ରଥ ଇନ୍ଦାଲୋ ଓ ରତାଦିଆ ଖଣ୍ଡସାହି ପଞ୍ଚାୟତକୁ ମଧ ଗସ୍ତ କରିଥିଲା । ଏହି ଅବସରରେ ଏହି ଚାରୋଟି ପଞ୍ଚାୟତରେ ୪୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିପିଏମ୍ ଅମୀୟ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର ଓ ଦେବେଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।


**AFFIDAVIT**

By virtue of an affidavit sworn before the EXECUTIVE MAGISTRATE, KEONJHAR, dated 09/06/2025, I Sukadev Behera of vill/Po- Amalanigoda, Ps- Champua, Dist- Keonjhar, Pin- 758047, At/Pre- Vill/Po- Nelung, Ps- Sadar, Dist- Keonjhar, Pin- 758002 declare that I have changed my name from Krushna Chandra Sethi to Sukadev Behera. Henceforth, I shall be known as Sukadev Behera for all purposes.

Sukadev Behera



**AFFIDAVIT**

By virtue of an affidavit sworn before Notary Public, Balliguda dated 02.06.2025, I Phakir Bindhani, Son of Bandra Bindhani of Village- Kirikuti, P.O- Kirikuti, P.S- Daringbadi, Dist- Kandhamal, PIN- 762104, Odisha have changed my name from "PHAKIR BINDHANI" to "FAKIRA BINDHANI", and henceforth I shall be known as "**FAKIRA BINDHANI**" for all purpose.



i-154

**OFFICE OF THE PANCHAYAT SAMITI, BHUBAN, DHENKANAL PR & DW DEPARTMENT**
Re-Tender Call Notice
Bid Identification No. BDO, Bhuban-02/2025-26
Bhuban, Dhenkanal - 759017
E-mail : ori-bhuban@nic.in

The Block Development Officer, Bhuban on behalf of Government of Odisha inviting percentage rate from eligible contractors for construction of ACR building work detail in the table below.

1. Nature of work : Building works
2. Number of work : 2 (Two) nos.
3. Tender Cost & EMD : As mentioned in DTCN
4. Class of contractor : As mentioned in DTCN
5. Availability Bid document in the district website : From 16.06.2025, 10.00 AM to 30.06.2025 up to 5.00 PM
6. Last date/Time of receipt of the original bid documents : 30.06.2025, 5.00 PM (only Regd. Post/ Speed post)
7. Date of opening of bid : 02.07.2025, 11.00 AM
8. Name & address of the office : Office of the Block Development Officer Bhuban
9. Further details can be seen from the Dhenkanal Portal www.dhenkanal.nic.in

Any addendum / Corrigendum / Cancellation of tender can also be seen in the said website.

OIPR-19323/11/0003/2526

Sd/- Block Development Officer
Bhuban


## ଫୁଲବାଣୀରେ ଗଡ଼ିଲା ବିକାଶ ବାହନ

**ଫୁଲବାଣୀ,୧୩।୬/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ କନ୍ଧମାଳ ଜିଲାର ସମସ୍ତ ବ୍ଲକ ଓ ପୌର ପରିଷଦ ପକ୍ଷରୁ ଆରମ୍ଭ ହୋଇଛି ବିକାଶ ବାହନ କାର୍ଯ୍ୟକ୍ରମ। ଏହି ବାହାନ ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳ ଗସ୍ତ କରି ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ସଚେତନ କରିବେ। ଏହି ଅବସରରେ ଫୁଲବାଣୀ ଠାରେ ଆୟୋଜିତ ଜିଲାସ୍ତରୀୟ ଉଦ୍‌ଘାଟନ ଉତ୍ସବ କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଉମା ଚରଣ ମଲିକ ବିକାଶ ବାହନ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପୌର ପରିଷଦ ପକ୍ଷରୁ ନିଆଯାଉଥିବା ବିଭନ୍ନ ଯୋଜନା ସହିତ ବ୍ଲକ ପ୍ରଶାସନ ପକ୍ଷରୁ ନିଆଯାଉଥିବା ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ଅବଗତ କରାଇବ ଉକ୍ତ ରଥ।

# ଡାଇରିଆ ପ୍ରବଣ ଅଞ୍ଚଳ ପରିଦର୍ଶନ କଲେ ସଚିବ

**ଯାଜପୁର,୧୩।୬/ଏନ୍ଏନ୍ଏସ୍:** ଆଜି ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଶାସନ ସଚିବ ଗିରିଶ ଏସ.ଏନ୍, ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ଓ ଇଞ୍ଜିନିୟରିଂ ଇନ୍‌ଚିଫ୍ ବଳରାମ ମିଶ୍ର ଯାଜପୁର ଜିଲ୍ଲା ଗସ୍ତରେ ଆସି ଡାଇରିଆ ପ୍ରଭାବିତ ଧର୍ମଶାଳା ବ୍ଲକର ଅଞ୍ଜିରା ପଞ୍ଚାୟତ ଗୋଡ଼ିପାଟିଆ ଗାଁ ପରିଦର୍ଶନ କରି ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ଏବଂ ଜଳଉତ୍ସ ଗୁଡ଼ିକର ଡିସଇନଫେକ୍ସନ୍ ଦେଖିଥିଲେ। ପରେ ଜେନାପୁର ପଞ୍ଚାୟତ ଓ ରସୁଲପୁର ବ୍ଲକର ଗୋପାଳପୁର ଗାଆଁ ପରିଦର୍ଶନ କରିଥିଲେ। ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସହିତ ଡିସଇନଫେକ୍ସନ୍ କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲ୍ଲା ପ୍ରଶାସନ ସମସ୍ତଙ୍କ ସମନ୍ୱୟରେ ସ୍ୱାସ୍ଥ୍ୟ ବିଭାଗ ଆଶା ଅଙ୍ଗନୱାଡିଙ୍କ ମାଧ୍ୟମରେ ମୁକାବିଲା କରୁଛନ୍ତି। ପ୍ରତ୍ୟେକ ଟ୍ୟୁବ୍ ୱେଲ, ଓଭର ହେଡ୍ ଟାଙ୍କି, ପିଇବା ପାଣି ଉତ୍ସ ତାହା ସରକାରୀ ହେଉ ବା ବେସରକାରୀ ହେଉ ତାଙ୍କ ଘର ବାଡ଼ିରେ ଥିବା ଜଳଉତ୍ସ ଗୁଡ଼ିକୁ ମଧ୍ୟ ଡିସଇନଫେକ୍ସନ୍ କରାଯିବ। ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଏ.ସି.ଏମ, ମିସ୍ତ୍ରୀ, ଖଲାସୀ, ଲେବର ଓ ନୋଡାଲ ଅଧିକାରୀ ମାନେ ପ୍ରତ୍ୟେକ ଦିନ ଆଧାରରେ ଡିସଇନଫେକ୍ସନ୍ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଭାବିତ ଅଞ୍ଚଳରେ ଆବଶ୍ୟକ ସ୍ଥଳେ ସୁପର କ୍ଲୋରିନେସନ୍ କରାଯିବ। ବିଭାଗ ପକ୍ଷରୁ ଅଧିକ ସାମର୍ଥ୍ୟ ଥିବା ବ୍ଲିଚିଂ ପାଉଡର ଓ କ୍ଲୋରିନ ଯୋଗାଇ ଦିଆଯାଉଛି। ଭୋଜି ଭାତରେ ବ୍ୟବହୃତ ହେଉଥିବା ବୋତଲ ପାଣି, ଡ୍ରମ ପାଣିର ସୋର୍ସ ଚେକ୍ କରାଯିବ। ଏହାର ନମୁନା ପରୀକ୍ଷା କରାଯିବ। ପାଣି ରୋଗ ସଂକ୍ରମଣ ଥିବା ଜଣା ପଡ଼ିଲେ ଏହାକୁ ଜବତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯାଜପୁର ଜିଲ୍ଲାର ୧୦ ବ୍ଲକରେ ୧୬ ଜଣ କନିଷ୍ଠ ଯନ୍ତ୍ରୀ ଅଛନ୍ତି ଏଣୁ ଆଉ ୪ ଜଣ କନିଷ୍ଠ ଯନ୍ତ୍ରୀଙ୍କୁ ଡିପ୍ଲଏ କରାଯିବ। ଜୁନ ୧୮ ତାରିଖରେ ବିଦ୍ୟାଳୟ ଗୁଡ଼ିକ ଖୋଲିବା ପୂର୍ବରୁ ସ୍କୁଲ୍ ପରିସର ଆବାସିକ ହଷ୍ଟେଲର ଜଳଉତ୍ସ ଡିସଇନଫେକ୍ସନ୍ କରାଯିବ। ଜିଲ୍ଲା ପ୍ରଶାସନ ଦ୍ୱାରା ନମୁନା ପରୀକ୍ଷା, ବ୍ଲିଚିଂ ପାଉଡର, ଷ୍ଟାଫ, ଫଣ୍ଡ ଯାହା ଆବଶ୍ୟକ କରିବେ ବିଭାଗ ପକ୍ଷରୁ ତୁରନ୍ତ ଯୋଗାଇ ଦିଆଯିବ ବୋଲି ଶାସନ ସଚିବ ସୂଚନା ଦେଇଥିଲେ। ଏହି ବୈଠକରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲ୍ଲା ପରୀଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଜଳ ଯୋଗାଣ ବିଭାଗର ସମସ୍ତ ଯନ୍ତ୍ରୀ, ସି.ଡି.ଏମ.ଓ, ମେଡିକାଲ କଲେଜ୍ ପ୍ରିନ୍ସିପଲ୍, ସୁପରିଣ୍ଟେଡେଣ୍ଟ, ବିଭାଗୀୟ ଅଧିକାରୀମାନେ ସମୀକ୍ଷା ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।


C-524

**OFFICE OF THE NOTIFIED AREA COUNCIL, DASPALLA**
At/Po – Daspalla, Dist – Nayagarh,
Ph. 06757220005, e-Mail: nacdaspalla@gmail.com

**QUOTATION CALL NOTICE**

Letter NO. 1062/ DATE. 13.06.2025

Sealed Quotation are invited from the Regd. Companies/Suppliers/Authorized dealers for supply of the following Sanitation Materials for Daspalla NAC including GST. The prescribed tender schedule can be obtained from the N.A.C., Daspalla during office hours except Govt. holidays on payment of Rs.2,000/-(Rupees Five Thousand) only (Non-refundable) in shape of bank draft drawn in favour of the Executive Officer, N.A.C., Daspalla payable at Daspalla from any nationalized bank. The tender along with all documents must be submitted to the Executive Officer, N.A.C., Daspalla through Regd. Post/Speed Post on or before dt.23.06.2025. The bids will be opened on dt 24.06.2025 at 11 A.M. in presence of the bidders or their authorized representatives. The undersigned will not be responsible for any Postal delay at all.

The undersigned reserves the right to reject any or all the bids or cancel the bid without assigning any reason thereof.

| | | | |
|---|---|---|---|
| 1. | Bleaching Powder (Grade-01) | 25 Kg per Bag | Rs |
| 2. | Wheel Barrow<br>i. Iron<br>ii. Fiver | Per Piece | Rs |
| 3. | Wheel Barrow (Wheel) | Per Piece | Rs |
| 4. | Fogging Machine | Per Piece | Rs |
| 5. | Grass Cutter Machine | Per Piece | Rs |

OIPR-13141/11/0004/2526

-Sd- Executive Officer
N.A.C., Daspalla


### ସ୍ୱାମୀର ପରକୀୟା ସମ୍ପର୍କକୁ ବାରଣ କରିବାରୁ

# ସ୍ତ୍ରୀର ତଣ୍ଟି ଚିପି ହତ୍ୟାକଲା ସ୍ୱାମୀ

**ଢେଙ୍କାନାଳ,୧୩।୬/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଁଳାକଟା ଗାଁରେ ଘଟିଛି ଅଭାବନୀୟ ଘଟଣା। ସ୍ୱାମୀର ପରକୀୟା ସମ୍ପର୍କକୁ ନେଇ ସ୍ତ୍ରୀ ବାରଣ କରିବାରୁ ସ୍ତ୍ରୀର ତଣ୍ଟି ଚିପି ହତ୍ୟା କରିଛି ପିଶାଚ ସ୍ୱାମୀ। ଯାହାକୁ ନେଇ ମୃତ ମହିଳାଙ୍କ ପରିବାର ଲୋକ ପରଜଙ୍ଗ ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ମୃତ ମହିଳା ଜଣଙ୍କ ପରଜଙ୍ଗ ଥାନା କୁମୁସି ପଞ୍ଚାୟତ ଅନ୍ତର୍ଗତ ଅଁଳାକଟା ଗାଁର ଅଞ୍ଜଳୀ ବେହେରା। ଅଞ୍ଜଳୀଙ୍କ ବାପ ଘର କାମାକ୍ଷାନଗର ଥାନା ଜୟପୁରାକାଟେଣୀ ଗାଁରେ ହୋଇଥିବା ବେଳେ ସେ ୧୧ ବର୍ଷ ତଳେ ଅଁଳାକଟା ଗାଁର ଦିଲେଶ୍ୱର ବେହେରାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଏଥିସହିତ ତାଙ୍କର ଦୁଇଟି ସନ୍ତାନ ମଧ୍ୟ ଅଛନ୍ତି। ଅଞ୍ଜଳୀଙ୍କ ସ୍ୱାମୀ ଦିଲେଶ୍ୱର ବେହେରା ଗତ ଦୁଇବର୍ଷ ହେବ ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ଆସୁଥିବା ଅଭିଯୋଗ ହୋଇଛି। ଦିଲେଶ୍ୱର ଗ୍ରାମର ଜଣେ ମହିଳାଙ୍କୁ ପ୍ରେମ କରୁଥିବା ନେଇ ସ୍ତ୍ରୀ ଅଞ୍ଜଳୀ ତାଙ୍କୁ ବାରମ୍ବାର ବାରଣ କରୁଥିଲେ। ମାତ୍ର ସେ ତାହା ନ ଶୁଣି ସ୍ତ୍ରୀଙ୍କୁ ନିର୍ଯାତନା ଦେଉ ଆସୁଥିଲେ। ଏ ନେଇ ପାରିବାରିକ ଜୀବନରେ ସବୁଦିନେ କଳହ ସୃଷ୍ଟି ହେଉଥିଲା। ସୂଚନା ଅନୁଯାୟୀ, ଦିଲେଶ୍ୱର ପରଜଙ୍ଗ ବୃନ୍ଦାବନପୁର ଠାରେ ଏକ ଜଳଖିଆ ଦୋକାନ ଦେବା ସହିତ ଭଡାରେ ରହି ଆସୁଥିଲେ। ଗତକାଲି ରାତିରେ ସ୍ତ୍ରୀର ମୃତ ଶରୀରକୁ ନେଇ ଅଁଳାକଟା ସ୍ଥିତ ନିଜ ବାସଭବନକୁ ନେଇ ଯାଇଥିଲେ । ପରେ ମୃତକଙ୍କ ପୁଅ ଫୋନ ଯୋଗେ ଅଜାଘର ଲୋକଙ୍କୁ ମା ଦେହ ବହୁତ ଖରାପ ଅଛି ଶୀଘ୍ର ଆସିବା ପାଇଁ ଜଣାଇଥିଲେ। ତେବେ ବାପଘର ଆସି ଦେଖିଲାବେଳକୁ ଅଞ୍ଜଳୀଙ୍କ ମୃତଦେହ ଘର ବାରଣ୍ଡାରେ ପଡିଥିବାର ଦେଖିବାକୁ ପାଇଥିଲେ। ମୃତ ଅଞ୍ଜଳୀର ବେକରେ ଦାଗ ଥିବା ଦେଖିବାକୁ ପାଇଥିଲେ। ଝିଅର ଏଭଳି ମୃତ୍ୟୁକୁ ସହଜରେ ଗ୍ରହଣ କରି ପାରିନଥିଲେ ପରିବାର ଲୋକେ। ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ପରଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଦିଲେଶ୍ୱରକୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି ପୁଲିସ। ଅଭିଯୋଗକୁ ଆଧାର କରି ତଦନ୍ତ ଜାରିରଖିଛି ପରଜଙ୍ଗ ପୁଲିସ।

## ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନଙ୍କ ଶ୍ରାଦ୍ଧ ଦିବସ

**ତାଳଚେର,୧୩।୬/ଏନ୍ଏନ୍ଏସ୍:** ତାଳଚେର ପବିତ୍ରମୋହନ ସ୍ମୃତିକମିଟି ପକ୍ଷରୁ ଆଜି ଗଡ଼ଜାତ ଆନ୍ଦୋଳନର ମୁଖ୍ୟ ପୁରୋଧା ବିପ୍ଳବି ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ରମୋହନ ପ୍ରଧାନଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ତାଳଚେର ଅଗ୍ରଣୀ ଅନୁଷ୍ଠାନ ଆମପ୍ରତିଭା ଆମପରିଚୟ ଅନୁଷ୍ଠାନ ଓ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ମିଳିତ ଭାବେ ପାଳନ କରାଯାଉଥିବା ବେଳେ ଏଥିରେ ମୁଖ୍ୟ ଅତିଥିଭାବେ ଉକ୍ତ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଢ଼େଙ୍କାନାଳ ପୂର୍ବତନ ସାଂସଦ ମହେଶ ସାହୁ ଯୋଗଦେଇ ତାଳଚେର ପୌରାଞ୍ଚଳରେ ଥିବା ପବିତ୍ରମୋହନ ଛକ ଠାରେ ସ୍ୱର୍ଗତ ପବିତ୍ରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟତମ ତମ ଅତିଥିଭାବେ ସ୍ୱର୍ଗତ ପବିତ୍ରମୋହନ ପ୍ରଧାନଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କ ଉପରେ ଆଲୋକପାତ କରିଥିଲେ। ତାଳଚେର ପବିତ୍ରମୋହନ ସ୍ମୃତିକମିଟି ପକ୍ଷରୁ ତପନ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଗତିଶୀଳ ମଂଚର ଆବାହାକ ଜ୍ୟୋତିରଞ୍ଜନ ଦାସ, ସରକାରୀ ଓକିଲ ନିର୍ମଳ ତ୍ରିପାଠୀ, ଇ. ପ୍ରତାପ ଦଳେଇ, ସାମ୍ବାଦିକ ଭାଗିରଥି ମହାପାତ୍ର, ଜିତେନ୍ଦ୍ର ମହାପାତ୍ର, ପ୍ରକାଶ ସାହୁ, ଲିପୁ ରଥ, ବାବୁନି ସ୍ୱାଇଁ, କଳାକାର ସିଂହ, ହର୍ଷବର୍ଦ୍ଧନ ସାମଲ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପବିତ୍ରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।


C-515

**OFFICE OF THE BARIPADA MUNICIPAL COUNCIL, BARIPADA**
Phone:-06792-252703, Fax:-06792-252703, Email:-baripadam.hud@nic.in
Website- www.baripadamunicipality.in
No.848 / Date : 10.06.2025

**DTCN PART-I (TCHNICAL BID) SECTION-II**
**COMPETITIVE BIDDING THROUGH 'e' Procurement**

The Executive Officer on behalf of Baripada Municipality, Baripada invites percentage rate bids in single cover system in **ONLINE MODE** only in conformity with Detailed Tender Call Notice (DTCN).

Bid Documents consisting of Work, Estimated Cost, Cost of Tender Paper, EMD, and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

Tender Reference No: **BPDM-6of 2025-2026** Tender I.D No : **2025_ORULB_**

| Sl. No. | Description | Critical Dates |
|---|---|---|
| 1 | Procurement Officer – Publisher / Tender Inviting Authority / Bids | Executive Officer, Baripada Municipality, Baripada. |
| 2 | Name of the Work | As per DTCN |
| 3 | Nos. Of Work | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders on-line for bidding | From **Dt.13/06/2025** (01.00 P.M.) to **Dt. 07/07/2025** (5.00 P.M.) |
| (ii) | Last date & time of bidding on-line (Submission of Bids) | Dt.**07/07/2025** (5.00 P.M.) |
| (iii) | Date & time of opening of the Bids received on-line | Dt. **08/07/2025** (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received on-line. | |

Detail Tender Call Notice (DTCN) may also be seen from the 'e'-procurement portal i.e. www.tendersorissa.gov.in and Baripada Municipality Website i.e. www.baripadamunicipality.in

Corrigendum or Addendum if any will not be published in newspapers and can be seen in e-procurement portal as well as in Baripada Municipality web side.

OIPR-13078/11/0048/2526

Sd/- Executive Officer,
Baripada Municipality

## ପ୍ରଥମ ପୃଷ୍ଠାରୁ

## ମଧ୍ୟପ୍ରାଚ୍ୟରେ...

ରିପୋର୍ଟ ଅନୁସାରେ ଇରାନ୍‌ର ଆଇଆର୍‌ଜିସି ମୁଖ୍ୟାଳୟ ଉପରେ ହୋଇଥିବା ଇସ୍ରାଏଲ୍ ସେନା(ଆଇଡିଏଫ୍)ର ଭୟାବହ ଆକ୍ରମଣରେ ଇରାନର ଶକ୍ତିଶାଳୀ ରେଭୋଲ୍ୟୁସନାରୀ ଗାର୍ଡସ୍ ମୁଖ୍ୟ ମେଜର୍ ଜେନେରାଲ୍ (କମାଣ୍ଡର୍ ଇନ୍ ଚିଫ୍) ହୋସେନ ସାଲାମୀ ଏବଂ ଇରାନ୍ ସେନା ମୁଖ୍ୟ ଜେନେରାଲ୍ ବାଘେରୀ ନିହତ ହୋଇଥିବା ସ୍ଥାନୀୟ ମିଡିଆ ରିପୋର୍ଟ କରିଛି। ଇସ୍ରାଏଲ୍‌ର ଏପ୍ରକାର ଆକ୍ରମଣ ପରେ ଇସ୍ରାଏଲ୍‌ରେ ଜରୁରୀକାଳୀନ ସ୍ଥିତି ଘୋଷଣା କରାଯାଇଛି।

ଅନ୍ୟପକ୍ଷେ ଇସ୍ରାଏଲ୍‌ର ଆକ୍ରମଣ ପରେ ଇରାନ୍ ମଧ୍ୟ ଦୃଢ଼ତାର ସହ ଜବାବ ଦେଇଛି। ଇରାନ୍ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଡ୍ରୋନ୍ ସହାୟତାରେ ଇସ୍ରାଏଲ୍ ଉପରେ ଆକ୍ରମଣ କରିଛି। କିନ୍ତୁ ଇରାନ୍‌ର ସମସ୍ତ ଡ୍ରୋନ୍‌ଗୁଡ଼ିକୁ ଇସ୍ରାଏଲ୍ ନିଜ ପ୍ରତିରକ୍ଷା ପ୍ରଣାଳୀ ଦ୍ୱାରା ନଷ୍ଟ କରିବାରେ ସଫଳ ହୋଇଥିବା ଇସ୍ରାଏଲ୍ ସେନା ଦାବି କରୁଛି। ଇସ୍ରାଏଲ୍ ସେନା ମୁଖ୍ୟ କହିଛନ୍ତି, ଗୋଟିଏ ବି ଇରାନ ଡ୍ରୋନ୍ ଇସ୍ରାଏଲ୍ ସୀମାରେ ପ୍ରବେଶ କରିପାରିନାହାନ୍ତି। ସେହିପରି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି, ଇସ୍ରାଏଲ୍ ପକ୍ଷରୁ 'ଅପରେସନ୍ ରାଇଜିଂ ଲାୟନ' ଇରାନର ପରମାଣୁ ବିପଦକୁ ରୋକିବା ପାଇଁ ଆରମ୍ଭ ହୋଇଛି। ଏହା ସେପର୍ଯ୍ୟନ୍ତ ଜାରି ରହିବ ଯେପର୍ଯ୍ୟନ୍ତ ଇରାନ୍ ନିଜ ପରମାଣୁ କାର୍ଯ୍ୟକ୍ରମକୁ ବନ୍ଦ ନକରିଛି ବା ଇରାନ୍ ପରମାଣୁ ଚୁକ୍ତି ସ୍ୱାକ୍ଷର ନକରିଛି। ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇଆନ କାଟଜ୍ କହିଛନ୍ତି, ତେହରାନ୍‌ର ଉତ୍ତର-ପୂର୍ବାଞ୍ଚଳରେ ଥିବା ସାମରିକ ଭିତ୍ତିଭୂମି ଉପରେ ଆକ୍ରମଣ କରାଯାଇଛି। ଯେଉଁଥିରେ ଇରାନ୍‌ର ୪ଟି ପରମାଣୁ କେନ୍ଦ୍ର ଏବଂ ୨ଟି ସାମରିକ ଘାଟି ସମ୍ପୂର୍ଣ୍ଣ ଧୂଳିସାତ୍ ହୋଇଯାଇଛି।

ଇରାନ୍ ଉପରେ ଆକ୍ରମଣ ପରେ ନେତାନ୍ୟାହୁ ସର୍ବପ୍ରଥମେ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫୋନ୍‌କରି ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି। ସେହିପରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍‌ଙ୍କ ସହ ମଧ୍ୟ ନେତାନ୍ୟାହୁ ଖୁବ୍‌ଶୀଘ୍ର କଥା ହେବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷେ ଭାରତ ପକ୍ଷରୁ ଏହି ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ, ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ଉତ୍ତେଜନା ହ୍ରାସ କରିବାକୁ ନିଜ ବନ୍ଧୁ ନେତାନ୍ୟାହୁଙ୍କୁ କହିଛନ୍ତି। ଏହି ଅବସରରେ ମୋଦୀ ଉଭୟ ଦେଶ ଭାରତର ବନ୍ଧୁ ବୋଲି ମଧ୍ୟ ଦର୍ଶାଇଛନ୍ତି। ଅନ୍ୟପକ୍ଷେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍‌କୁ ଧମକ ଦେଇ କହିଛନ୍ତି ଯେ ଆଜିର ଆକ୍ରମଣ ପରମାଣୁ ଚୁକ୍ତି ସ୍ୱାକ୍ଷର ନକରିବାର ପରିଣାମ। ତୁରନ୍ତ ଚୁକ୍ତି ସ୍ୱାକ୍ଷର କର ନଚେତ୍ ଇସ୍ରାଏଲ୍ ଧ୍ୱଂସ କରିଦେବ। ଅଧିକ ବିଳମ୍ବ ହେଲେ ଇରାନ୍‌କୁ ଆହୁରି ଭୟଙ୍କର ପରିଣାମ ଭୋଗ କରିବାକୁ ପଡ଼ିବ। ଇରାନ ପାଖରେ ଏବେ ବି ସୁଯୋଗ ଅଛି। ଆମେରିକା ବିଶ୍ୱର ସର୍ବୋତ୍ତମ ଏବଂ ସବୁଠାରୁ ଘାତକ ସାମରିକ ଉପକରଣ ତିଆରି କରେ ଏବଂ ଇସ୍ରାଏଲ୍ ପାଖରେ ଏହାର ଏକ ବିପୁଳ ଷ୍ଟକ୍ ଅଛି।

## ହାତୀ ଆକ୍ରମଣରେ...

ଉଦ୍ୟମ କରୁଥିଲା ବେଳେ ହାତୀଟି ତାଙ୍କୁ ଶୁଣ୍ଢରେ ଧରି ପାଦରେ ଦଳି ପକାଇଥିଲା। ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଲୋକେ ଘରକୁ ଆଣିଥିଲା ବେଳେ ତାଙ୍କର ମୃତ୍ୟୁ ଘଟିଛି। ରୀନା ମୁଣ୍ଡା ପତ୍ର ତୋଳିବା ପାଇଁ ଜଙ୍ଗଲକୁ ଯାଇଥିବାବେଳେ ଦନ୍ତା ଅତର୍କିତ ଆକ୍ରମଣ କରି ତାଙ୍କୁ ଶୁଣ୍ଢରେ ଟେକି ନେଇଥିଲା। ଦନ୍ତାର ତୀକ୍ଷ୍ଣ ଦାନ୍ତ ମହିଳାଙ୍କ ପେଟରେ ପଶିଯିବାରୁ ଘଟଣାସ୍ଥଳରେ ତାଙ୍କର ଅନ୍ତବୁଜୁଳା ବାହାରି ପଡ଼ିଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତାଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ସନ୍ଧ୍ୟାରେ କାଲିମାଟି ଅଞ୍ଚଳର ଜଣେ ଯୁବକ ବଜାରରୁ ଘରକୁ ଫେରୁଥିବା ବେଳେ ମହାପର୍ବତ ଅଞ୍ଚଳରୁ ଏକ ମାଇହାତୀ ଅତର୍କିତ ଆକ୍ରମଣ କରି ତାଙ୍କୁ ପାଦରେ ଦଳି ପକାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ଏହାର ପ୍ରତିବାଦରେ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି।

ଏନେଇ ଉତ୍ତ୍ୟକ୍ତ ଲୋକେ ବଡ଼ବିଲ୍ ରେଞ୍ଜର୍ ଏବଂ ରୁଗୁଡି ଫରେଷ୍ଟର୍‌ଙ୍କୁ ଘେରିଥିଲେ। ତହସିଲଦାର ଏବଂ ପୁଲିସ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା ଜାରି ରଖିଛି। ଏ ସମ୍ପର୍କରେ ବନବିଭାଗ ଅଧିକାରୀଙ୍କ ଠାରୁ କୌଣସି ପ୍ରତିକ୍ରିୟା ହସ୍ତଗତ ହୋଇନାହିଁ। ବିଗତ କିଛି ବର୍ଷ ଧରି ଲୋକମାନେ ଜଙ୍ଗଲ କାଟି ପଦା କରିଦେବାରୁ ହାତୀମାନେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ଏବଂ ଅଧିକ ହିଂସ୍ର ହେଉଛନ୍ତି ବୋଲି ପରିବେଶବିତ୍‌ମାନେ କ୍ଷୋଭ ପ୍ରକାଶ କହିଛନ୍ତି। ପରିବେଶ ଏବଂ ବିକାଶ ମଧ୍ୟରେ ଏକ ସନ୍ତୁଳନ ବନେଇ ରଖିବା ପାଇଁ ସରକାର ପଦକ୍ଷେପ ନେବା ନିହାତି ଜରୁରୀ ବୋଲି ମତ ପ୍ରକାଶ କରିଛନ୍ତି।

## ୩୮୭୯ କୋଟିର...

ଲକ୍ଷ୍ୟପୂରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ପ୍ଲାଷ୍ଟିକ୍ କ୍ଷେତ୍ରରେ ୬ ପ୍ରମୁଖ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଗ୍ରୀନ୍‌ୱେଭ୍ ସର୍କୁଲାରିଟି ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ୪,୦୪,୧୫୦ ଏମ୍‌ଟି କ୍ଷମତା ସହିତ ରିସାଇକେଲ୍ ଫ୍ଲେକ୍ସ, ପେଲେଟ୍ସ ଓ ରେସିନ୍ ଉତ୍ପାଦନ ପାଇଁ ୬୫୦.୨୩ କୋଟି ଟଙ୍କା ନିବେଶ କରିବ। ଏହା ଦ୍ୱାରା ୬୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଗୁରୁମହାରାଜ ମାଇନିଂ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ବାର୍ଷିକ ୨,୫୦,୦୦୦ ମିଟର ଉତ୍ପାଦନ କ୍ଷମତା ବିଶିଷ୍ଟ ଭୂମିତଳ ପାଇପ୍‌ଲାଇନ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ୨୩୯.୦୭ କୋଟି ଟଙ୍କା ନିବେଶ କରିବ, ଯେଉଁଥିରେ ୮୬୦ ନିଯୁକ୍ତି ସୃଷ୍ଟିହେବ। ଦି ସୁପ୍ରିମ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ କଟକରେ ପ୍ଲାଷ୍ଟିକ୍ ଉତ୍ପାଦ ଉତ୍ପାଦନ ପାଇଁ ୧୭୫ କୋଟି ଟଙ୍କାର ନିବେଶ କରିବ ଏବଂ ଏହି ଶିଳ୍ପ ପ୍ରତିଷ୍ଠା ଦ୍ୱାରା ୧୬୫ ଲୋକଙ୍କୁ ନିଯୁକ୍ତି ମିଳିପାରିବ। ଲୁକ୍ରୋ ପ୍ଲାଷ୍ଟେସାଇକେଲ୍ ପ୍ରାଇଭେଟ୍ ଲିମିଟେଡ୍ ଜଗତସିଂହପୁରରେ ପୋଷ୍ଟ-କନ୍‌ଜ୍ୟୁମର୍ ପ୍ଲାଷ୍ଟିକ୍ ରିସାଇକେଲ୍ (ପିସିଆର୍) ଗ୍ରାନୁଲ୍ସ ଓ ଉତ୍ପାଦ ୟୁନିଟ୍ ପ୍ରତିଷ୍ଠା କରିବ। ଏଥିଲାଗି ୧୦୦ କୋଟି ଟଙ୍କା ନିବେଶ ହେବ ଏବଂ ୧୬୧୫ ଜଣଙ୍କ ପାଇଁ ସମ୍ଭାବ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ରୟାଲ୍ ଟଚ୍ ଫାବ୍ଲୋନ୍ ପ୍ରାଇଭେଟ୍ ଲିମିଟେଡ୍ ବାଲେଶ୍ୱରରେ ବାର୍ଷିକ ୯,୬୦୦ ଟନ୍ କ୍ଷମତା ସହିତ ପିପି ଓଭେନ୍ ସାକ୍ସ, ବ୍ୟାଗ୍ ଓ ଯାର୍ନ ଲାଇନର୍ ଉତ୍ପାଦନ କାରଖାନା ପ୍ରତିଷ୍ଠା ପାଇଁ ୬୦.୭୮ କୋଟି ଟଙ୍କା ପୁଞ୍ଜିନିବେଶ କରିବ, ଯାହାଦ୍ୱାରା ୬୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ସେହିଭଳି ଟେକ୍ସଟାଇଲ୍ ଓ ପୋଷାକ କ୍ଷେତ୍ରରେ ମାସ ଇଣ୍ଡିଆ କ୍ଲଦିଂ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ଟେକ୍ସଟାଇଲ୍ ପ୍ରୋସେସିଂ ମିଲ୍ (ଫେବ୍ରିକ ମିଲ୍-୧) ପ୍ରତିଷ୍ଠା କରିବ। ଏହି ପୋଷାକ କାରଖାନା ପ୍ରତିଷ୍ଠା ପାଇଁ ୮୮୫ କୋଟି ଟଙ୍କାର ପୁଞ୍ଜିନିବେଶ ହେବ ଏବଂ ୧୭୦୦ ଲୋକଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଆଇସୋଲଏଡ୍ ଇଞ୍ଜିନିୟରିଂ ଟେକ୍ନୋଲୋଜିଜ୍ ଲିମିଟେଡ୍ ଯାଜପୁରରେ ସେରାମିକ୍ ଫାଇବର୍ ଓ ଏହା ସମ୍ବନ୍ଧିତ ଉତ୍ପାଦ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବ ଏବଂ ଏଥିଲାଗି ୫୧ କୋଟି ଟଙ୍କାର ପୁଞ୍ଜିନିବେଶ କରିବ। ଏହି କାରଖାନାରେ ୧୭୫ଲୋକଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଇଲେକ୍ଟ୍ରୋନିକ୍ସ ସିଷ୍ଟମ୍ ଡିଜାଇନ୍ ଓ ମାନୁଫାକ୍ଚରିଂ(ଇଏସ୍‌ଡିଏମ୍) କ୍ଷେତ୍ରରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପ୍ରସ୍ତାବକୁ ସିଙ୍ଗିଲ୍ ୱିଣ୍ଡୋ କମିଟି ଅନୁମୋଦନ କରିଛି। ହେରାଏସ୍ ଟେକ୍ନୋଲୋଜିଜ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାର ଇନ୍‌ଫୋ ଭ୍ୟାଲି ଇଏମ୍‌ସି ପାର୍କରେ ମେଟାଲର୍ଜିକାଲ୍ ସେନ୍‌ସର୍, ଯନ୍ତ୍ର ଓ ସମ୍ବନ୍ଧିତ ଉତ୍ପାଦ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବ। ଏହି ଶିଳ୍ପ ପ୍ରତିଷ୍ଠା ଲାଗି ଉକ୍ତ କମ୍ପାନୀ ୧୮୮.୪୬ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିବ ଏବଂ ଏଥିରେ ୪୦୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ଆଡସଫ୍ଟ ଟେକ୍ନୋଲୋଜିସ୍ ପ୍ରାଇଭେଟ୍ ଲିମିଟେଡ୍ କଟକରେ ଏଲ୍‌ଇଡି ଟିଭି, ଆଇଓଟି ଡିଭାଇସ୍, ଇଣ୍ଟରାକ୍ଟିଭ୍ ପ୍ୟାନେଲ୍, ସେଲ୍‌ଫ-ସର୍ଭିସ୍ କିଓସ୍କ ଓ ଭିଡିଓ ୱାଲ୍ ସିଷ୍ଟମ୍ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବ ଏବଂ ଏହି ପ୍ରକଳ୍ପ ଲାଗି ୧୧୨ କୋଟି ଟଙ୍କାର ପୁଞ୍ଜି ନିବେଶ ହେବ। ଏହି କାରଖାନାରେ ୩୩୦ଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଖାଦ୍ୟ ପ୍ରକ୍ରିୟାକରଣ ଓ ସମ୍ବନ୍ଧିତ କ୍ଷେତ୍ରରେ ଗଣେଷ କନ୍‌ଜ୍ୟୁମର୍ ପ୍ରୋଡକ୍ଟସ୍ ଲିମିଟେଡ୍ ଖୋର୍ଦ୍ଧାରେ ବାର୍ଷିକ ୪୮,୦୦୦ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ରୋଲର୍ ଫ୍ଲାଓର୍ ମିଲ୍ ପ୍ରତିଷ୍ଠା ପାଇଁ ୫୨.୩୮ କୋଟି ଟଙ୍କାର ପୁଞ୍ଜି ନିବେଶ କରିବ, ଏହାଦ୍ୱାରା ୧୧୦ଲୋକଙ୍କୁ ନିଯୁକ୍ତି ମିଳିପାରିବ। ରାଣୀସତୀ ଗ୍ରୀନ୍ ବାୟୋଫ୍ୟୁଏଲ୍‌ସ ପ୍ରାଇଭେଟ୍ ଲିମିଟେଡ୍ ବୌଦ୍ଧର ହରଭଙ୍ଗାରେ ୧୦୦ କେଏଲ୍‌ପିଡି କ୍ଷମତା ବିଶିଷ୍ଟ ଗ୍ରେନ୍-ବେସ୍‌ଡ ଇଥାନଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ୧୧୦ କୋଟି ଟଙ୍କା ନିବେଶ କରିବ, ଯାହା ଦ୍ୱାରା ୨୬୦ଙ୍କ ପାଇଁ ସମ୍ଭାବ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଆଇରନ୍ ଟ୍ରାଏଙ୍ଗଲ୍ ଲିମିଟେଡ୍ ବଲାଙ୍ଗୀରରେ ୨୦୦ ଏମ୍‌ଡବ୍ଲ୍ୟୁଏଚ୍ କ୍ଷମତା ସମ୍ପର୍ଣ୍ଣ ବ୍ୟାଟେରୀ ଏନର୍ଜୀ ଷ୍ଟୋରେଜ୍ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ୩୧୦.୭୫ କୋଟି ଟଙ୍କା ନିବେଶ କରିବ ଏବଂ ୧୨୮ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବ। ସମଲେଶ୍ୱରୀ ଫେରୋମେଟାଲସ୍ ପ୍ରାଇଭେଟ୍ ଲିମିଟେଡ୍ ସମ୍ବଲପୁରରେ ଥିବା ତାଙ୍କର ସ୍ପଞ୍ଜ ଆଇରନ୍ ପ୍ଲାଣ୍ଟକୁ ବାର୍ଷିକ ୦.୫ ମିଲିୟନ୍ ଟନ୍ କ୍ଷମତା ବିଶିଷ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟରେ ଉନ୍ନତ କରିବ।

## ଥିଲା ୩୧ ଟଙ୍କା...

ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ସଂଖ୍ୟା ୭୦୦ରୁ କମ୍ ଅଛି। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନଙ୍କ ସଂଖ୍ୟା ବୃଦ୍ଧି ପାଇବ। ଏହି ବର୍ଦ୍ଧିତ ଭତ୍ତା ପରିମାଣ ପିଛିଲା ଭାବେ ୨୦୨୫ ମେ' ପହିଲାଠାରୁ ଲାଗୁହେବ ବୋଲି ସେ ପ୍ରକାଶ କରିଛନ୍ତି।

# ଦୁଇ ବାତ୍ୟା ଆଶ୍ରୟସ୍ଥଳୀରେ ତାଳା ପକାଇଲେ ବିଜେପି କର୍ମୀ



**ନୟାହାଟ,୧୩।୬/ଏନ୍‌ଏନ୍‌ଏସ୍:** ବାତ୍ୟା ଦାଉରୁ ଗରିବ ଲୋକମାନଙ୍କୁ ସୁରକ୍ଷିତ ରଖିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ କୋଟି କୋଟି ଟଙ୍କା ବେୟରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ତା'ର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ବାତ୍ୟା ଆଶ୍ରୟସ୍ଥଳୀରେ ଥିବା ଜିନିଷ ହେର୍‌ଫେର ହେବା ଘଟଣାକୁ ପ୍ରତିବାଦ କରି ନୟାହାଟ ଅଞ୍ଚଳରେ ଦୁଇଟି ବାତ୍ୟା ଆଶ୍ରୟସ୍ଥଳୀକୁ ବିଜେପି କର୍ମୀମାନେ ତାଳା ପକାଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ଦୁର୍ଗାପୁର, ଅଇଁଗୋଳ ଗ୍ରାମରେ ଥିବା ଦୁଇଟି ବାତ୍ୟା ଆଶ୍ରୟସ୍ଥଳୀ ରକ୍ଷଣାବେକ୍ଷଣ ଅଭାବରୁ ଭୂତ କୋଠି ପାଲଟିଥିବା ବେଳେ ତାହା ମଧ୍ୟରେ ଥିବା ଜେନେଟର, କଟର, ଟପ୍, ରଶି ଇତ୍ୟାଦି ଅନ୍ୟାନ୍ୟ ସାମଗ୍ରୀ ଲକ୍ଷ ଲକ୍ଷ ଟଙ୍କାର ଜିନିଷ ପତ୍ର ଉଭାନ ହେବା ଘଟଣା ଗ୍ରାମବାସୀ ମାନେ ଦେଖିବାକୁ ପାଇଥିଲେ। ଶୁକ୍ରବାର ନୟାହାଟ ବିଜେପି ମଣ୍ଡଳ ସଭାପତି ରତୋପଳ ନାୟକ, ପଞ୍ଚାୟତର ସମିତି ସଭ୍ୟ ପ୍ରଫୁଲ୍ଲ ସ୍ୱାଇଁ, ପୂର୍ବତନ ସରପଞ୍ଚ ବାବୁଲାଲ ସ୍ୱାଇଁ,ପଞ୍ଚାୟତର ବିଜେପି ସଭାପତି ଜିତେନ୍ଦ୍ର ସାହୁ, ରବିନାରାୟଣ ଦାସ, ଆଦିତ୍ୟ ରାଉତ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଉକ୍ତ ଦୁଇଟି ବାତ୍ୟା ଆଶ୍ରୟସ୍ଥଳୀରେ ତାଳା ପକାଇଥିଲେ। ହେରଫେର ହୋଇଥିବା ଜିନିଷ ବାତ୍ୟା ଆଶ୍ରୟସ୍ଥଳୀକୁ ନଫେରିବା ପର୍ଯ୍ୟନ୍ତ ତାଳା ଖୋଲାଯିବ ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଥିଲେ।

### ମହିଳା ଆର୍‌ଆଇଙ୍କୁ ଅସଦାଚରଣ ମାମଲା

# କମିଟିରେ ହାଜର ହେଲେନି ଅଭିଯୁକ୍ତ, ଅଭିଯୋଗକାରିଣୀଙ୍କୁ ଅନ୍ୟତ୍ର ବଦଳି

**ପିପିଲି,୧୩।୬/ଏନ୍‌ଏନ୍‌ଏସ୍:** ପିପିଲିରେ ଅତିରିକ୍ତ ତହସିଲଦାରଙ୍କ ଅସଦାଚରଣ ଘଟଣାକୁ ମିଳିମିଶି ଚାପି ଦେବାକୁ ଉଦ୍ୟମ କରୁଛି ପ୍ରଶାସନ। ଗୋଟେ ପଟେ ତଦନ୍ତ ହେଉଛି ବୋଲି କହି ରିପୋର୍ଟ ଦେଉନାହାନ୍ତି ତହସିଲଦାର ହୃଷୀକେଶ ତ୍ରିପାଠୀ। ତହସିଲ କାର୍ଯ୍ୟାଳୟ ଇଣ୍ଟରନାଲ ଟିମ୍ (ସେକ୍ସୁଆଲ୍ ହାରସ୍‌ମେଣ୍ଟ) ର ତଦନ୍ତ ହେଉଛି ବୋଲି କହି ଭୁଆଁ ବୁଲାଉଛନ୍ତି ତହସିଲଦାର। ସେପଟେ କୋହଳ ମନୋଭାବ ରଖି ତଦନ୍ତ ନେଇ ମୁହଁ ଖୋଲୁନାହାନ୍ତି କମିଟି ସଭାପତି ତଥା ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା। ପ୍ରଶାସନିକ ସ୍ତରରେ ଘଟଣାକୁ ଜୋରଦାର ଭାବେ ଚପାଇ ଦେଇ ଅତିରିକ୍ତ ତହସିଲଦାରଙ୍କୁ ବଞ୍ଚାଇବା ପାଇଁ ଉଦ୍ୟମ ଚାଲିଛି। ଅଭିଯୋଗକାରିଣୀ ମହିଳା ଆର୍‌ଆଇଙ୍କୁ ଅନ୍ୟତ୍ର ବଦଳି କରିଛନ୍ତି ପିପିଲି ତହସିଲଦାର। ଏଭଳି ଘଟଣା ସମସ୍ତଙ୍କୁ ବିସ୍ମିତ କରିଛି।

ଆଇନ ସମସ୍ତଙ୍କ ପାଇଁ ସମାନ। ଆଇନର ଉର୍ଦ୍ଧ୍ୱରେ କେହି ନୁହଁନ୍ତି। ହେଲେ ତାହାର ଓଲଟା ଚିତ୍ର ଏବେ ପିପିଲିରେ ଦେଖିବାକୁ ମିଳିଛି। ଜଣେ ମହିଳା ଆର୍‌ଆଇଙ୍କ ପ୍ରତି ହୋଇଥିବା ଅସଦାଚରଣ ଓ ଦୁଷ୍କର୍ମ ଭଳି ଘଟଣାକୁ ସମସ୍ତେ ମିଳିମିଶି ଚାପି ଦେବାକୁ ଜୋରସୋର ଉଦ୍ୟମ ଚଳାଇଥିବା ଘଟଣା ବୁଦ୍ଧିଜୀବୀଙ୍କ ମହଲରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଯଦି ଅତିରିକ୍ତ ତହସିଲଦାର ନିର୍ଦ୍ଦୋଷ ଥିଲେ ତାହା ହେଲେ ତାଙ୍କ ନାମରେ କ'ଣ ପାଇଁ ମାମଲା ରୁଜୁ କରାଯାଇ ତାଙ୍କୁ ବଦଳି କରିଥିଲେ ଜିଲ୍ଲାପାଳ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାର ତଦନ୍ତ ପାଇଁ ପିପିଲି ତହସିଲରେ ଏକ ଇଣ୍ଟରନାଲ୍ ଟିମ୍ (ସେକ୍ସୁଆଲ ହାରସମେଣ୍ଟ)ଗଠନ କରାଯାଇଛି। କିନ୍ତୁ ଏହି ତଦନ୍ତରେ କ'ଣ ପାଇଁ ଅତିରିକ୍ତ ତହସିଲଦାର ହାଜର ହେଉନାହାନ୍ତି ତାହା ସମସ୍ତଙ୍କ ସନ୍ଦେହ ବଢ଼ାଇଛି। ଅନ୍ୟ ପଟେ ଅତିରିକ୍ତ ତହସିଲଦାର ବ୍ରହ୍ମଗିରି ବଦଳି ହୋଇଥିବା ବେଳେ ସେଠାରେ ତାଙ୍କୁ ମଧ୍ୟ ଜୋରସୋର ବିରୋଧ କରାଯାଇଛି। ଏଠି ପ୍ରଶ୍ନ ଉଠିଛି ତାଙ୍କ ବିରୋଧରେ ଯୌନ କେଲେଙ୍କାରୀ ମାମଲା ରୁଜୁ ହେବା ସତ୍ତ୍ୱେ ସେ କିପରି ଚାକିରିରେ ଯୋଗ ଦେଲେ। ଏଠି ତଦନ୍ତ କମିଟିରେ ହାଜର ହେଉନଥିବା ଅଧିକାରୀ ଜଣକ ଛୁଟିରେ ରହିଥିବା ନେଇ ତଦନ୍ତ ଟିମ୍ ଦର୍ଶାଉଥିବା ବେଳେ ତାଙ୍କୁ ଅନ୍ୟତ୍ର ବଦଳି ପରେ ଚାକିରିରେ ଯୋଗ ଦେବାକୁ ଯିବା ଘଟଣା ପଛରେ ତାଙ୍କ ପାରିବାପଣିଆ ବାହୁବଳୀ ଅଧିକାରୀ ଭାବେ ଅତିରିକ୍ତ ତହସିଲଦାର ନିଜକୁ ପ୍ରମାଣିତ କରିଛନ୍ତି। ପିପିଲିରେ ୧୨ରୁ ଅଧିକ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତମାନଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ତାହା ଅତିରିକ୍ତ ତହସିଲଦାରଙ୍କ ପାଖରେ ଦେଖିବାକୁ ମିଳିଲାନି। ଏବେ ଦେଖିବାକୁ ବାକି ରହିଲା ମହିଳା ଆରଆଇଙ୍କୁ କେବେ ନ୍ୟାୟ ମିଳୁଛି। ସେହିପରି ଆର୍‌ଆଇଙ୍କୁ ମଧ୍ୟ ବଦଳି କରି କାମ ସାରି ଚୁପ୍ ବସିରହିଥିବା ନେଇ ଆଲୋଚନାର ବିଷୟ ପାଲଟିଛି।

### ୧୬ତମ ଓଡ଼ଗାଁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଏମ୍ପରର୍ ଏକାଦଶ ଓ ଏସ୍‌ଆର୍‌ଏସ୍‌ସି ବିଜୟୀ



**ଓଡ଼ଗାଁ,୧୩।୬/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ମିନିଷ୍ଟାଡ଼ିୟମରେ ଚାଲିଥିବା ୧୬ତମ ଓଡ଼ଗାଁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ୬ଷ୍ଠ ଦିନର ଖେଳରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ଏମ୍ପରର୍ ଏକାଦଶ ସହିତ ବ୍ରଦରର୍ସ ଏକାଦଶ (ବି)ମଧ୍ୟରେ ଖେଳ ହୋଇଥିଲା। ବ୍ରଦରର୍ସ ଏକାଦଶ (ବି) ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୧୦ ଓଭରରେ ୩ ଉଇକେଟ୍ ବିନିମୟରେ ୮୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଏମ୍ପରର୍ ଏକାଦଶ ୪ଓଭର ୪ଟି ବଲ୍ ଖେଳି ଗୋଟିଏ ଉଇକେଟ୍ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହକରି ନେଇଥିଲା। ଦଳ ପକ୍ଷରୁ ଟିଟି ୧୬ ବଲରୁ ୫୬ ରନ୍ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଦ୍ୱିତୀୟ ମ୍ୟାଚ୍ ରେ ଏସଆର୍ଏସସି ସହିତ ଇନଭିଜିବୁଲ ଏକାଦଶ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ପ୍ରଥମେ ଏସ୍‌ଆର୍‌ଏସ୍‌ସି ଦଳ ଟସ୍ ଜିତି ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୧୦ ଓଭରରେ ୨ ଉଇକେଟ ହରାଇ ୧୪୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଇନଭିଜିବୁଲ ଏକାଦଶ ୫ ଉଇକେଟ ହରାଇ ୭୨ ରନ୍ କରି ପରାଜିତ ହୋଇଥିଲା। ଏସ୍‌ଆର୍‌ଏସ୍‌ସି ଦଳର କିଶନ ୧୫ଟି ବଲ୍ ଖେଳି ୪୬ରନ୍ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ଖେଳକୁ କିଶନ, ତନ୍ମୟ, ଶୁଭମ୍, ସୌରଭ, ରାମେଶ୍ୱର ଓ ଅମିତ ପରିଚାଳନା କରିଥିବା ଜଣାପଡ଼ିଛି।

# ସାଇକେଲ୍‌ରୁ ଖସିପଡ଼ି ଦିବ୍ୟାଙ୍ଗଙ୍କ ପରଲୋକ



**ଚାରିଛକ,୧୩।୬/ଏନ୍‌ଏନ୍‌ଏସ୍:** ଚାରିଛକ ଥାନା ବାହାରଣା ପଞ୍ଚାୟତ ବାହାରଣା ଗ୍ରାମର ଦିବ୍ୟାଙ୍ଗ ବ୍ୟକ୍ତି ଅରବିନ୍ଦ ଗିରି ଓରଫ୍ ବାବୁଲି (୫୪) ସାଇକେଲରେ ଯାଉଥିବା ସମୟରେ କୌଣସି କାରଣରୁ ସାଇକେଲରୁ ଖସିପଡ଼ି ପ୍ରାଣ ହରାଇଛନ୍ତି। ଖବରରୁ ଜଣାଯାଇଛି ଯେ ଶ୍ରୀ ଗିରି ଆଜି ନିଜ ଘର ବାହାରଣାରୁ ନୟାହାଟକୁ ଯାଉଥିବା ସମୟରେ ଶ୍ରୀ ଗିରି ବିଶୁଳିପଡା ନିକଟରେ ସାଇକେଲରୁ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକମାନେ ଘଟଣା ସ୍ଥଳରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମାତ୍ର ଡାକ୍ତର ତାଙ୍କୁ ଦେଖିବାପରେ ମୃତ ଘୋଷଣା କରିଥିଲେ। ଶ୍ରୀ ଗିରି ଭାରତୀୟ ଜନତା ପାର୍ଟିର ଜଣେ ଦୃଢ଼ ସମର୍ଥକ ଥିଲେ। ସେ ଦିବ୍ୟାଙ୍ଗ ହେଲେ ସୁଦ୍ଧା ରାଜନୀତି କରିବାରେ ତାଙ୍କର ବେଶ ଆଗ୍ରହ ରହିଥିଲା। ସଦା ସର୍ବଦା ସେ ଲୋକମାନଙ୍କ ସମସ୍ୟା ବୁଝୁଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୁଃଖ ପ୍ରକାଶ କରିବା ସହ ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଛନ୍ତି। ସେହିପରି ସାଂସଦଙ୍କ ନିମାପଡ଼ା ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଚାରିଛକ ମଣ୍ଡଳ ସଭାପତି ପ୍ରଭାତ କୁମାର ନାୟକ, ପଞ୍ଚାୟତ ସଭାପତି ବ୍ରଜ କିଶୋର ନାୟକ, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସ୍ୱାଇଁ,ପୂର୍ବତନ ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ, ୱାର୍ଡ ସଭ୍ୟ ମନୋଜ ମହାନ୍ତି, ଗୁଣନିଧି ମୁଦୁଲି, ତୁଷାର ରଞ୍ଜନ ରାଉତ, ଜ୍ୟୋତି ରଞ୍ଜନ ପାତ୍ର, କୃଷ୍ଣଚନ୍ଦ୍ର ବାରିକ, ଦୁର୍ଯ୍ୟୋଧନ ମହାନ୍ତି, ଦେବେନ୍ଦ୍ର ବାରିକ, ଅବନୀ ଜେନା, ବସନ୍ତ କୁମାର ମଲ୍ଲ, ଦଶନାମୀ ଗୋସ୍ୱାମୀ ବ୍ରାହ୍ମଣ ସଂଗଠନର ପୁରୀ ଜିଲ୍ଲା ତରଫରୁ ପଣ୍ଡିତ ମୁରଲୀଧର ଭାରତୀ ଗୋସ୍ୱାମୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରୀ ଗିରିଙ୍କ ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଶ୍ରୀ ଗିରିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ନିଜ ଗ୍ରାମ ତଥା ସାରା ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

# ଶିଶୁ କନ୍ୟାକୁ ଦୁଷ୍କର୍ମ ଉଦ୍ୟମ, ଅଭିଯୁକ୍ତ ଗିରଫ

**ଅସ୍ତରଙ୍ଗ,୧୩।୬/ଏନ୍‌ଏନ୍‌ଏସ୍:** କାକଟପୁର ଥାନା ଅନ୍ତର୍ଗତ ବାଙ୍ଗୁରିଗାଁ ଗ୍ରାମରେ ଗତ ବୁଧବାର ଦିନ ଜୈନିକ ଶିଶୁ କନ୍ୟା (ଅଢ଼େଇ ବର୍ଷ ) ବାରଣ୍ଡାରେ ଖେଳୁଥିବା ସମୟରେ ତାର ନିଜ ବଡ଼ବାପା ମନ୍ଦ ଉଦ୍ଦେଶ୍ୟ ରଖି ତାକୁ ନିଜ ଘରକୁ ଡାକି ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏହି ସମୟରେ ନାବାଳିକା କାନ୍ଦିବାରୁ ତାର ମା' ସେଠାରେ ପହଞ୍ଚି ଝିଅକୁ ଉଦ୍ଧାର କରିଥିଲେ। ମାତ୍ର ଅଭିଯୁକ୍ତ ଝିଅର ମା'ର ଗୋଡ଼ ଧରି ଭୁଲ ମାଗିଥିଲା ଓ କାହାକୁ ନକହିବାକୁ ଅନୁରୋଧ କରିଥିଲା। ତେବେ ଝିଅର ମା' ଥାନାରେ ଅଭିଯୋଗ କରିବା ପରେ କାକଟପୁର ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ ସଦଳବଳେ ଅଭିଯୁକ୍ତକୁ ଗିରଫ କରି ପୋକ୍ସୋ କୋର୍ଟ ପୁରୀ ଚାଲାଣ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ନବ କିଶୋର ସାହୁ। ଏ ସମ୍ପର୍କରେ ଭାରତୀୟ ନ୍ୟାୟ ସଂହିତା ୬୫(୨), ୬୨, ୮/୧୨ପୋକ୍ସୋ ଆଇନରେ ତାକୁ ଗିରଫ କରାଯାଇ ଯାଇଥିବାବେଳେ ଥାନା କେସ ନମ୍ବର ୧୪୩/୨୫ ରେ ମୋକଦ୍ଦମା ରୁଜୁ ହୋଇଛି।

# ଗଡ଼ିଲା ବିକାଶ ବାହନ ଯାତ୍ରା ରଥ



**ଅସ୍ତରଙ୍ଗ,୧୩।୬/ଏନ୍‌ଏନ୍‌ଏସ୍:** ପୁରୀଜିଲ୍ଲା ଅସ୍ତରଙ୍ଗ ଜାଗୁଲାଇ ପଡିଆ ଠାରେ ବ୍ଲକ୍ ପ୍ରଶାସନ ପକ୍ଷରୁ ମଣ୍ଡଳ ଉନ୍ନୟନ ଅଧିକାରିଣୀ , ଅଧକ୍ଷା ଆରତୀ ନାଏକ ଓ ସାଂସଦ ପ୍ରତିନିଧି ଦିବାକର ଛାଟୋଇ ପ୍ରମୁଖ ରଥ ଶୁଭାରମ୍ଭ କରିଥିଲେ। ଏଥିରେ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାର ଦେଇଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ ନିମନ୍ତେ ୧୨ ତାରିଖ ରୁ ୨୧ ତାରିଖ ପର୍ଯ୍ୟନ୍ତ ଗଡିବ 'ବିକାଶ ବାହାନ' ଯାତ୍ରା। ସୂଚନାଯୋଗ୍ୟ କି ବିଜେପି ସରକାର ଦେଇଥିବା ପ୍ରତିଶୃତି ପାଳନ କରିଥିବା ଓଡିଶା ବାସୀଙ୍କ ଆଗରେ ତାହାର ସମସ୍ତ ତଥ୍ୟ ସରକାର ଙ୍କ ପ୍ରଥମ ବର୍ଷ ପୂର୍ତ୍ତି ପାଳନ କରୁଥିବାରୁ ଏହି ଅବସରରେ ସମସ୍ତ ପଞ୍ଚାୟତରେ 'ବିକାଶ ବାହାନ' ଯାତ୍ରା ମାଧ୍ୟମରେ ଗାଡି ବୁଲି ଜନସାଧାରଣଙ୍କୁ ଏକ ବର୍ଷର ଉପଲବ୍ଧି ଅବଗତ କରାଯିବ। ଏହି ବିକାଶ ବାହାନ ଯାତ୍ରା ପର୍ଯ୍ୟାୟ କ୍ରମେ ପ୍ରତେକ ପଞ୍ଚାୟତ କୁ ଯାଇ ଜନସାଧାରଣ ଙ୍କୁ ଅବଗତ କରାଇବ। ଏହି ଶୁଭାରମ୍ଭ ଅସ୍ତରଙ୍ଗ ପଞ୍ଚାୟତ ରୁ ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମ ରେ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସାଂସଦ ପ୍ରତିନିଧି ଦିବାକର ଛାଟୋଇ, ଉପାଧକ୍ଷ ଦୁର୍ଯୋୟ ମିଶ୍ର ଏବଂ ସମସ୍ତ ସରକାରୀ ଅଧିକାରୀ, ଅଙ୍ଗନବାଡି କର୍ମୀ, ମହିଳା ମହାସଂଘ ଓ ଆଶାକର୍ମୀ ଯୋଗଦେଇଥିଲେ।

# ସୂର୍ଯ୍ୟ ଗୁରୁକୁଳ ମହୋତ୍ସବ ଉଦ୍‌ଯାପିତ

**ବାଲିଅନ୍ତା,୧୩।୬/ଏନ୍‌ଏନ୍‌ଏସ୍:** ରାଜଧାନୀ ଉପକଣ୍ଠ କଟକ ସଦର ଥାନା କୁରାଙ୍ଗ ପ୍ରଧାନ ପଞ୍ଚାୟତ ଅନ୍ତର୍ଗତ ଗୁଆଳିଗଡ଼ଠାରେ ଗଢ଼ା ଯାଇଥିବା ସୂର୍ଯ୍ୟ ଗୁରୁକୁଳର ଦୁଇଦିନ ବ୍ୟାପି ବାର୍ଷିକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଉଦ୍‌ଘାଟକ ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହ, ମୁଖ୍ୟଅତିଥି ଗୁରୁ ଧନେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥି ଗାୟକ ବାଗୀଶ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ଗାୟକ ବାଗ୍ମୀ ନାରାୟଣ ମହାରଣା, ଗାୟକ ଗୌରବ ଯୋଗେନ୍ଦ୍ର ମାର୍ଥା, ଇଞ୍ଜିନିୟର୍ ସନ୍ୟାସୀ ଜୀ, ସଂସ୍କୃତି ସେବକ ଲକ୍ଷ୍ମୀଧର ବେହେରା, ଚଳଚ୍ଚିତ୍ର ନିର୍ଦ୍ଦେଶକ କେ.ମୁରଲୀ କ୍ରୀଷ୍ଣା, ପ୍ରଦୀପ ଦାଶ, ସମାଜ ସେବୀ ଅଞ୍ଜନ କୁମାର ଜେନା, ଗାୟକ ନିରଞ୍ଜନ ସ୍ୱାଇଁ, ଗାୟକ ମୁରଲୀଧର ପଣ୍ଡା ଯୋଗ ଦେଇଥିଲେ। ପୂର୍ବାହ୍ନରେ ଶ୍ରୀ ଜଗନ୍ନାଥ ପାଲା କଳାକାର ମହାସଂଘ, ଓଡ଼ିଶା ଓ ମା' ଉତ୍କଳ ଭାରତୀ ପାଲା ଗାୟିକା ଓ କଳାକାର ପରିଷଦ, ଓଡ଼ିଶାର ମିଳିତ ସହଯୋଗରେ ଏକ ପାଲା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଗୁରୁକୁଳର ସର୍ବୋଚ୍ଚ ସମ୍ମାନରେ ଅଧ୍ୟାପକ ଡକ୍ଟର ଅନୁପ ମାର୍ଥାଙ୍କୁ 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ମୃତି ସମ୍ମାନ', ବେଙ୍ଗାଲୁରୁର ନୃତ୍ୟଗୁରୁ କେ. ଜ୍ୟୋତିର୍ମୟୀ ପଟ୍ଟନାୟକଙ୍କୁ 'ସୂର୍ଯ୍ୟ ଗୁରୁକୁଳ ସମ୍ମାନ' ଓ ଶିଶୁ ପ୍ରତିଭା ଯଶରାଜ ଜେନାଙ୍କୁ 'ସୂର୍ଯ୍ୟ ଗୁରୁକୁଳ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ଧନେଶ୍ୱର ସ୍ୱାଇଁଙ୍କ ତାଳବାଦ୍ୟ, କେ.ଜ୍ୟୋତିର୍ମୟୀ ପଟ୍ଟନାୟକ ଓ ସଂଜିତ ପ୍ରଧାନଙ୍କ ଏକକ ଓଡ଼ିଶୀ ନୃତ୍ୟ, କଟକ ଗୁଞ୍ଜନ ଏକାଡେମୀର ଗୁରୁ ମୀରା ଦାସଙ୍କ ପରିଚାଳିତ ଅନୁଷ୍ଠାନ ତରଫରୁ ଛାତ୍ରୀମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ, ସୂର୍ଯ୍ୟ ଗୁରୁକୁଳର ଦଳଗତ ଓଡ଼ିଶୀ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଗୁରୁକୁଳ ଅଧ୍ୟକ୍ଷ ହୃଷୀକେଶ ଛୋଟରାୟ ଓ ନିର୍ଦ୍ଦେଶକ ସୌଭାଗ୍ୟ ନାରାୟଣ ଛୋଟରାୟ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୁରୁକୁଳର ସମ୍ପାଦିକା ଗୁରୁ ସଂଗୀତା ଛୋଟରାୟ ଗୁରୁକୁଳର ଆଭିମୁଖ୍ୟ ବର୍ଣ୍ଣନା କରିବା ସହିତ ଧନ୍ୟବାଦ୍ ଦେଇଥିଲେ।




ମୌନ ରହିବା ସବୁଠାରୁ ସଶକ୍ତ ଭାଷଣ। ଏହାଦ୍ୱାରା ଧୀରେ ଧୀରେ ଦୁନିଆ ଆପଣଙ୍କୁ ଶୁଣିବ।
- ଗାନ୍ଧୀ ବାଣୀ

ନିତିଦିନ NITIDIN

ଗଳ୍ପ





ରବୀନ୍ଦ୍ରନାଥ ମାଝୀ

# ରଜ ପୋଡ଼ପିଠା

ଖରା କମିଲା। ବର୍ଷା ଆସିଲା। ରଜପାଇଁ ଝିଅ ପିଲାଏ ସଜବାଜ ହେଲେ। ଆମ୍ବ ଗଛରୁ ଆମ୍ବତକ ପାଚି ଝଡ଼ି ସାରିଛି। ଗାଁ ମୁଣ୍ଡରେ ଶୋଇଲା ଆମ୍ବଗଛ। ତା' ଡାଳରେ ଦୋଳି ଝୁଲିବ। ପାଦରେ ଅଳତା, ନଖରେ ନଖପାଲିସ ଲଗେଇ, ନୂଆ ଜାମା ପିନ୍ଧି ଗାଁ ଯାକର ଝିଅ ଖୁସିରେ ସେଠି ଏକାଠି ହୋଇ ଯାଆନ୍ତି। ଦୋଳି ଖେଳିବାକୁ ଠେଲାପେଲା। ଜଣେ ଝୁଲେ, ଆଉ ଜଣେ ତାକୁ ଠେଲେ। ମନ ମିଶେଇ ଖେଳିବାର ପର୍ବ ରଜ ପର୍ବ।




ସୁନୀ ନୂଆ ଗୀତଟିଏ ଛନ୍ଦି ଗାଉଛି,
ଦୋଳି ଗଲା ଆନିକଟ
ପାଣି ଶୁଖିଗଲା ଶୁଖିଲା ବାଲି
ମହାନଦୀ ଛଟ ପଟ।
ସୋନୁ ଗୀତ ଶୁଣି କହିଲା, 'ପାଣି କ'ଣ ମନକୁ ଶୁଖିଗଲା ? ପୋଡ଼ାମୁହାଁ ଖରା ପରା ତାକୁ ଶୁଖେଇ ଦେଲା।'
'କୁଆଡ଼େ ଗଲା ପାଣି ?' ପ୍ରଶ୍ନ କଲା ବନି।
ଚନ୍ଦ୍ରମାଳି କହିଲା, ଯିବ ଆଉ କୁଆଡ଼େ ? ମେଘ ହୋଇ ବରଷିଲା ବୋଲି ଆଜି ମାଟି ଓଦା ହୋଇଯାଇଛି। ସୁଲୁସୁଲୁ ପବନ ବହୁଛି। ଇଏ ପରା ରଜ ପାଗ ?
ସୁନୀ ବୋଉ ଡାକ ପକେଇଲା 'ଆସରେ ! ପିଠା ହୋଇଗଲାଣି। ଖାଇକି ଖେଳିବ ଯାଆ।'
ପିଠା କଥା ଶୁଣି ପିଲାଏ ଭାରି ଖୁସି। ମଣ୍ଡା, କାକରା, ମୁଆଁ ପିଠା ... କରଞ୍ଜି ପିଠା। ରଜପିଠାର ତାଲିକା ବଡ଼ ଲମ୍ବା। ଗାଁର ପୁନୀ ନାନୀ କହିଲେ ଆରେ ! ରଜପିଠା ହେଲା ପୋଡ଼ପିଠା। ପିଠାଙ୍କ ଭିତରେ ସେ ରାଜା।
ତଳେ ନିଆଁ, ଉପରେ ନିଆଁ। ଚାଉଳ ଚୁନା, ଦେଶୀ ଗୁଡ଼ ଓ ନଡ଼ିଆ କୋରା ଯନ୍ତା ହୁଏ। ଚୁଲିରେ ଘଷି ନିଆଁ ଉପରେ କଦଳୀ ପତ୍ର ପଡ଼େ। ଯନ୍ତା ସୋଦୁଅ ରଖାହୁଏ। ଉପରେ କଦଳୀ ପତ୍ର ଉପରେ ନିଆଁ ଦେଇ ପୋଡ଼ା ହୁଏ। ପୋଡ଼ ପିଠାର ସୁଆଦ ଆଉ କୋଉ ପିଠାର ନାହିଁ।
ପୋଡ଼ ପିଠା ଜଗନ୍ନାଥଙ୍କର ଭାରି ପ୍ରିୟ। ସକାଳର ଜଳଖିଆ ଏ ପୋଡ଼ପିଠା। ଚକାଆଖି ଯେମିତି ବଡ଼, ଏ ପିଠା ସେମିତି ବଡ଼ ପିଠା, ପୋଡ଼ ପିଠା। ଗାଁ ନାନୀ କହିଲା ପୋଡ଼ପିଠା ଭାରି ମିଠା, ନୁହେଁରେ ପିଲେ ? ସମସ୍ତେ ଖଣ୍ଡେ ଖଣ୍ଡେ ପୋଡ଼ପିଠା ହାତରେ ଧରି କହିଲେ... 'ଭାରି ମିଠା'।
ଖରା ତାତି ସହିଛି ଗାଆଁ। ଖରା ବେଳେ କେହି ଘରୁ ବାହାରନ୍ତି ନାହିଁ। ସିଝନ୍ତି ଲୋକେ। ଧୈର୍ଯ୍ୟ ଧରନ୍ତି। ମେଘ ଆସେ। ଶୀତଳ ହୁଏ ମାଟି। ବଦଳି ଯାଏ ଋତୁ। ପୋଡ଼ପିଠା ସେମିତି ଉପରେ ନିଆଁ, ତଳେ ନିଆଁ ସହି, ସିଝି ସିଝି ପିଠା ହୁଏ। ଖରା ସହିଥିବା ପିଲାଏ ରଜ ପରବରେ କେଡ଼େ ଖୁସି କହନି !
ସହିଲେ ଜୀବନ ବଂଚି ହୁଏ। ହସଖୁସିରେ ଜୀବନପୁରି ଉଠେ।
ପିଲାଏ ଜଣକ ପରେ ଜଣେ ପୋଡପିଠା ଖାଇଲେ। ପୁନୀ ନାନୀ କହୁଥିଲେ ଭୁଲିବନିରେ ପିଲେ ! ସହିଲେ ଜୀବନ ବଂଚି ହୁଏ, ମନ ଫୁରି ଉଠେ। ତା'ଠୁ ବଳି ଆଉ ମିଠା କ'ଣ ଅଛି ?

ଜୟଦେବ ବିହାର, ଭୁବନେଶ୍ୱର
ମୋ: ୯୪୩୭୦୯୧୮୪୧

ଅତ୍ୟାଶ୍ଚର୍ଯ୍ୟ

# ଏଶିମା ଓହାଶି ପୋଲ

ଜାପାନର ଏଶିମା ଓହାଶି ପୋଲକୁ ଯିଏ ଦେଖିବ, ସିଏ କିଛି ସମୟ ପାଇଁ ବୋକା ଭଳି ରହିଯିବ। କାରଣଟି ହେଉଛି ଯେ ସେ ନିଜ ଆଖିକୁ ହଠାତ୍ ବିଶ୍ୱାସ କରିପାରିବ ନାହିଁ। ତାକୁ ଏହା ଏକ ପାହାଡ଼ ତୀଖ ଭଳି ଅନୁଭବ ହେବ ସତେ ଯେମିତି ସେ ଏହା ଉପର ଦେଇ କୌଣସି ପାହାଡ଼ ବା ପର୍ବତର ଶିଖରକୁ ଉଠିବାକୁ ଯାଉଛି। ଜାପାନର ନାକୁମି ହ୍ରଦ ଉପରେ ଏହି ପୋଲ ନିର୍ମିତ ହୋଇଛି। ଏହାର ଲମ୍ବ ୧ କିଲୋମିଟର ୭୦୦ ମିଟର। ଏହା ଏକ ଶିଡ଼ି ବା ଏସ୍‌କେଲେଟର ଭଳି ୪୫ ମିଟର ଉପରକୁ ଉଠି ପୁଣି ତଳମୁହାଁ ହୋଇଛି। ଏହି କାରଣରୁ ଏହା 'ରୋଲର କୋଷ୍ଟର' ବ୍ରିଜ ରୂପେ ପରିଚିତ। ଏହାର ଡିଜାଇନ ସଂପୂର୍ଣ୍ଣ ନିଆରା, ପୋଲଟି ଏତେ ଉଚ୍ଚା ଯେ ତାହା ତଳେ ଜାହାଜଗୁଡ଼ିକ ସହଜରେ ଚଳାଚଳ କରିପାରେ। ପୋଲଟି ହ୍ରଦର ଦୁଇପଟେ ଥିବା ମାତ୍‌ସୁ ଓ ସାକାଇମିନାତୋ ନଗରୀକୁ ସଂଯୁକ୍ତ କରିଛି। ପୂର୍ବରୁ ସେଠାରେ ଏକ ଉଠା-ପକା (କିଛି ସମୟ ପାଇଁ ପୋଲର କିଛି ଅଂଶ ଉପରକୁ ଉଠାଯିବା ଏବଂ ପରେ ପୁଣି ତାକୁ ସ୍ୱାଭାବିକ ସ୍ଥିତିକୁ ଅଣାଯିବା) ପୋଲ ଥିଲା। କିନ୍ତୁ ପୋଲଟିକୁ ଉଠାଯିବା ବେଳେ ଗାଡ଼ି ଚଳାଚଳ କିଛି ସମୟ ପାଇଁ ବନ୍ଦ ହୋଇଯାଉଥିଲା। ଜାହାଜ ତା' ତଳ ଦେଇଯିବା ବେଳେ ଏପରି କରାଯାଉଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ଲାଗି ନୂତନ ପୋଲଟି ତିଆରି କରିବାକୁ ସେଠାକାର ସରକାର ନିଷ୍ପତ୍ତି ନେଇଥିଲେ। ୨୦୦୪ରେ ପୋଲଟି ଉଦ୍‌ଘାଟିତ ହୋଇଥିଲା।



କ'ଣ, କେମିତି, କାହିଁକି ?


# ସାବୁନରୁ ବାହାରେ ଫେଣ



ନିହାର ରଞ୍ଜନ ସାବତ

ସାବୁନ ବା ଡିଟର୍ଜେଣ୍ଟ ବ୍ୟବହାର କଲେ ଫେଣ ସୃଷ୍ଟି ହୁଏ। ଆମେ ଲୁଗା ଧୋଇବା, ବାସନ ମାଜିବା କିମ୍ବା ଗାଧୋଇବା ସମୟରେ ଏହାକୁ ଦେଖୁ। କିନ୍ତୁ ତୁମେ କେବେ ଭାବିଛ କି ଫେଣ କାହିଁକି ହୁଏ ? ଏହାର ଉତ୍ତର ସାବୁନ ବା ଡିଟର୍ଜେଣ୍ଟ ଅଣୁମାନଙ୍କ ପ୍ରକୃତି ଏବଂ ସେମାନେ କିପରି ପାଣି ଓ ବାୟୁ ସହିତ କାମ କରନ୍ତି, ତାହା ଉପରେ ନିର୍ଭର କରେ। ଏହି ଅଣୁଗୁଡ଼ିକର ଦୁଇଟି ଅଂଶ ଅଛି ଯଥା ହାଇଡ୍ରୋଫିଲିକ ହେଡ୍ ବା ଜଳପ୍ରିୟ ମୁଣ୍ଡ ଏବଂ ହାଇଡ୍ରୋଫୋବିକ ଟେଲ ବା ଜଳବିରୋଧୀ ଲାଞ୍ଜ। ଜଳପ୍ରିୟ ମୁଣ୍ଡ ପାଣିକୁ ଆକର୍ଷିତ କରେ। ଜଳବିରୋଧୀ ଲାଞ୍ଜ ମଇଳା, ତେଲ ଓ ଘିଅକୁ ଧରିଥାଏ। ଯେତେବେଳେ ସାବୁନ ବା ଡିଟର୍ଜେଣ୍ଟ ପାଣିରେ ମିଶେ, ଏହି ଅଣୁଗୁଡ଼ିକ ମାଇସେଲ୍ ନାମକ ଛୋଟ ଗୋଷ୍ଠୀ ବା ସମୂହ ତିଆରି କରନ୍ତି। ଜଳବିରୋଧୀ ଲାଞ୍ଜ ମଇଳାକୁ ଧରି ରଖେ, ଏବଂ ଜଳପ୍ରିୟ ମୁଣ୍ଡ ପାଣି ସହିତ ମିଶି ମଇଳାକୁ ଧୋଇଦିଏ।
ପାଣିରେ ଯେତେବେଳେ ଆମେ ସାବୁନକୁ ଘଷୁ କିମ୍ବା କିମ୍ବା ଡିଟର୍ଜେଣ୍ଟ ମିଶାଇ ଗୋଳାଉ, ସେତେବେଳେ ବାୟୁ ପାଣି ଭିତରେ ଅଟକି ଯାଏ। ଜଳବିରୋଧୀ ଲାଞ୍ଜ ପାଣି ଭିତରେ ଅଟକି ଥିବା ବାୟୁକୁ ଘେରି ରହିଥାଏ, ଏବଂ ଜଳପ୍ରିୟ ମୁଣ୍ଡ ଏହା ଚାରିପଟେ ଏକ ପତଳା ସ୍ତର ସୃଷ୍ଟିକରି ପାଣିରେ ରହିବା ଫଳରେ ସ୍ଥିର ବୁଦ୍‌ବୁଦ୍ ସୃଷ୍ଟି ହୋଇଥାଏ। ପାଣିର ସର୍ଫେସ ଟେନ୍‌ସନ ବା ପୃଷ୍ଠ ଦେଶରେ ଥିବା ଅଣୁଗୁଡ଼ିକର ପରସ୍ପର ବିରୋଧୀ ଆକର୍ଷଣ ଯୋଗୁଁ ବୁଦ୍‌ବୁଦ୍ ସହଜରେ ଫାଟେ ନାହିଁ। ସାବୁନ ବା ଡିଟର୍ଜେଣ୍ଟ ଅଣୁଗୁଡ଼ିକ ସର୍ଫେକଟାଣ୍ଟ ବା ପୃଷ୍ଠ ସକ୍ରିୟକାରକ ଭାବରେ କାମ କରିବା ଫଳରେ ପାଣିର ପୃଷ୍ଠ କଠିନତା କମିଯାଇ ଫେଣ ସୃଷ୍ଟି ହୁଏ। ପାଣିରେ ଯେତେ ବେଶୀ ସାବୁନକୁ ଘଷିବା ବା ଡିଟରଜେଣ୍ଟକୁ ମିଶାଇ ଗୋଳାଇବା, ସେତେ ଅଧିକ ପରିମାଣରେ ଫେଣର ସୃଷ୍ଟି ହେବ।

ସଂଗଣକ ବିଜ୍ଞାନ ଏବଂ ପ୍ରୟୋଗ ବିଭାଗ, ସାଇମ
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର -୧୦
ମୋ: ୯୭୭୭୦୧୧୯୬୮



# ଗୁଡୁ ପାଇଁ ଗୀତଟିଏ



ଶରତ କୁମାର ଦାସ

ଆସିବୁ ବୋଲି ତୁ ପଡୁଥିଲା ହୁରି
କୋଉଠି ଥିଲୁ ତୁ ପଡ଼ିଲୁ ଖସି,
କୁଆଁକୁଆଁ ଡାକି କଲୁ ଆପଣାର
ସବୁରି ମନକୁ ନେଲୁରେ ରସି।

ଅନ୍ଧାରକୁ ଚିରି ଆଲୋକ ଦେଖିଲୁ
ଥାପିଦେଇ ତୋର କଅଁଳ ପାଦ,
ଖୁସିର ମହକ ଛୁଇଁଲା ସଭିଙ୍କୁ
ଶୁଣି ତୋର ମିଠା ହସର ନାଦ।

ଟିକିଟିକି ତୋର ଆଖି ଦୁଇଟିରେ
ଲହଡ଼ି ଭାଙ୍ଗୁଛି ସପନ-ଢ଼େଉ,
ଆଗକୁ ଆଗକୁ ଚାଲିବାକୁ ବାଟ
ସେ ସପନ ତୋତେ ଶକତି ଦେଉ।

ଟିକି ଓଠେ ତୋର ଖନଖନ କଥା
ଶୁଣିବାକୁ ମଜା ଲାଗିବ ଭାରି,
ପଢୁଥିବୁ ଯେତେ ଉଠୁଥିବୁ ସେତେ
ଥକିବୁନି ଅବା ଯିବୁନି ହାରି।

ଆଜି ଅଛୁ କଢ଼ି କାଲି ଫୁଟି ଫୁଲ
ବିତରିଦେବୁଟି ଯେବେ ତୁ ବାସ,
ଏ ସାରା ଦୁନିଆ ହେବ ପୁଲକିତ
ପୁଲକିତ ହେବେ ବରଷ, ମାସ।

ଆମ ଅଗଣାରେ କେତେ କୋଳାହଳ
ସବୁତ ଧନରେ ତୋ ପାଇଁ ପରା,
ଜଳୁଛି ସରାଗେ ଖୁସିର ଦୀପାଳି
ତୋ ଜୀବନ ହେଉ ଆଶିଷେ ଭରା।

ଲୋଡ଼ାନାହିଁ କିଛି ଧନଦଉଲତ
ତୁ ପରା ଆମର ଅସଲ ଧନ
ପରୀ ରାଇଜର ରାଜକୁମାର ତୁ
ଅମା ଅନ୍ଧାରରେ ପୁନେଇଁ ଜହ୍ନ।

ବିଭାଗ ମୁଖ୍ୟ, ରାଜନୀତି ବିଜ୍ଞାନ
ବଡବିଲ ମହାବିଦ୍ୟାଳୟ, ଜି:କେନ୍ଦୁଝର
ମୋ: ୮୨୪୯୧୩୭୦୯୧

# ରଖିବ ଜାତିର ମାନ



ଡକ୍ଟର ପ୍ରବୀଣା ପରିଡ଼ା

ଉଠିଲା ଶେଜରୁ ଆଖି ମଳିମଳି
ପାଶେ ନାହିଁ ତା'ର ମାଆ
ଆକୁଳ ନୟନେ ଶଙ୍କାରେ ଚାହିଁଲା
ମାଆ ବିନା କିଏ ସାହା ?
କରଇ ପାଇଟି ସକାଳରୁ ସଞ୍ଜ
ମୁଣ୍ଡ ଝାଳ ତୁଣ୍ଡେ ମାରି
ଝିଅର ଓଠରେ ଫୁଟିଗଲେ ହସ
ମାଆ ପେଟ ଯାଏ ପୂରି।
ରଖିଛି ଭାବନା ସପନୀର ମାଆ
ପଢ଼ାଇବ ତାକୁ ପାଠ
ପାଠଯେ ପଢ଼ଇ ଜଗତ ଜିତଇ
ଆଗକୁ ଦିଶଇ ବାଟ।
ଅନ୍ଧର ଲଉଡ଼ି ସୁଖର ପସରା
ମାଆର ନୟନତାରା,
ଦୁଃଖକୁ ଖାତିରି ନ କରି ବଢ଼ଇ
ଚହଳ ଜଗତ ସାରା।
ଅଭାବ କଷଣ ପଥେ ଯେତେ ବାଧା
ସହଜେ ପାରିବ ଡେଇଁ
ମନରେ ଅତୁଟ ସାହସ ବାନ୍ଧିଲେ
ଲକ୍ଷ୍ୟକୁ ପାରିବ ଛୁଇଁ।
ନିରିମାଖୀ ବୋଲି ଧରେନା ମନରେ
ହୋଇ ସେ କନ୍ୟା ରତନ
ଆଲୋକର ଦୀପ ଜାଳିବ ଜୀବନେ
ରଖିବ ଜାତିର ମାନ।

ଷ୍ଟାରସିଟି, ସି-୯ ପଟିଆ, କିଟ୍, ଭୁବନେଶ୍ୱର
ମୋ: ୮୮୯୫୫୫୪୭୭୬

# ଏ ବରଷ ବରଷାଟି



ପ୍ରଭାତ ଚନ୍ଦ୍ର ରଥ

ଏ ବରଷ ବରଷାଟି
ସଅଳିଆ ଆସିବ,
କୁନି କୁନି ଡଙ୍ଗାମାନ
ଗାଆଁ ଦାଣ୍ଡେ ଭାସିବ।
ଝିପି ଝିପି ବରଷାରେ
କୁନା କୁନି ହରଷେ,
ନାଚିବେ, ଗାଇବେ ପୁଣି
ମହାନନ୍ଦ ପରଶେ।
ଏ ଦେଖି ସାଧବ ବୋହୂ
ପାରିବନି ରହିରେ,
ଚାଲିଗଲେ ଶୋଭାକୁ ତା
ହେବ ନାହିଁ କହିରେ।
ମୟୂର ମୟୂରୀ ଆଗେ
ନାଚିଯିବ ପୁଲକେ,
ସ୍ନେହ ଶ୍ରଦ୍ଧା ଝରିଯିବ
ଏ ମରତ ମୁଲକେ।
କୁନା କୁନି ଆଙ୍କିଦେବେ
ଏ ଶୋଭାକୁ ଦେଖିରେ,
କଲମରେ ଗୀତ, ଗପ
କାହାଣୀକୁ ଲେଖିରେ।

ସତ୍ୟବାଦୀ, ଜି: ପୁରୀ
ମୋ: ୮୭୬୩୩୦୨୫୦୭

# ଗଛରେ ପାଚିଲା ଆମ୍ବ



ସୁମନ୍ତ ମହାରଣା

ଜ୍ୟୋଷ୍ଠ ମାସଟି ହୋଇବା ଦିନରୁ
ଗଛେ ପାଚିଲା ଆମ୍ବର ଶୋଭା
ପିଲାଙ୍କର ମନ ଘରେ ତ ଲାଗୁନି
ବସେ ଆମ୍ବ ମୂଳେ ସଭା।
ଗଛରୁ ପଡ଼ିଲେ ଆମ୍ବଟିଏ ପାଇଁ
କଟି ଥିଲେ ବି ସେ ମିତ
ଭାଗ ନ ଛିଡ଼ିଲେ କ୍ଷଣିକ ଭିତରେ
ହୁଏ ଯେ ମହା ଭାରତ।
ବାପା ମା'ଙ୍କର ନାଲି ଆଖି ପାଇଁ
କାହାର ତ ନିଘା ନାହିଁ
ପାଚିଲା ଆମ୍ବଟେ ହାବୁଡ଼େ ପଡ଼ିଲେ
ସ୍ୱର୍ଗ ସୁଖ ମିଳେ ତହିଁ।
କଷି ଆମ୍ବଠାରୁ ପାଚିଲା ପର୍ଯ୍ୟନ୍ତ
ଗଛରେ ମାତନ୍ତି ହନୁ
ଆମ୍ବଟିଏ ପାଇଁ ସଭିଙ୍କର ଲୋଭ
ରହି ଅଛି ପିଲାଦିନୁ।
ଫଳ ମଧ୍ୟରେ ଯେ ଆମ୍ବ ଅଟେ ରଜା
ଦେଶରୁ ବିଦେଶ ଯାଏ
ଭୋଜିଭାତଠାରୁ ପଖାଳ କଂସାରେ
ଆମ୍ବଟିଏ ଲୋଡ଼ା ହୁଏ।
କେତେ ଜାତି ଭାଇ ଆମ୍ବର ଅଟଇ
କହିଲେ ସରିବ ନାହିଁ
ଆମ୍ବ ଖାଇବାକୁ ମନ ବଳାଇଲେ
ବାଡ଼ିରେ ଲଗାରେ ଭାଇ।

ପାଟପୁର, ନିମାପଡ଼ା, ପୁରୀ
ମୋ: ୯୮୬୧୩୪୨୪୩୭

# ରଜପାନ ଭାଙ୍ଗୁଥିଲେ ଭାଉଜ



ଅରୁଣ ଚନ୍ଦ୍ର ମହାନ୍ତି




ମହମହ ବାସିଲାଣି ପାଚିଲାଣି ପଣସ
ରଜ ପାଇଁ ତରତର କୁନି ଭାଙ୍ଗେ ଅଳସ।
ମାଆ ଦେଲା ପୋଡ଼ପିଠା, ଆମ୍ବ ଆଉ ସପୁରୀ
ରଜମଜା ଉଠାଉଛି ରଜ ଘରେ ନୁପୁରୀ।
ସାଇଯାକ ପିଲାମେଳ ହେଉଥିଲା ସେଇଠି
ଅଳତାରେ ଭରିଥିଲା ନଖଠାରୁ ଗୋଇଠି।
ଖେଳେ ମେଳେ ହସ ଝରେ ଖିଲି ଖିଲି ହୋଇକି
ରଜ ଦୋଳି ଖେଳୁଥିଲେ ତୋଟା ଦେହେ ଯାଇକି।
ରଜ ପାଗେ ମଜାମଜା ଲାଗୁଥିଲା ଦିନଟି
ମିଶାମିଶି ହସ ଖୁସି ଥିଲା ସବୁ ମନଟି।
ରଜପାନ ଖାଇବାରେ ଲାଗେ ଭାରି ମଉଜ
ଖଣ୍ଡେ ଖଣ୍ଡେ ହାତେ ଭାଙ୍ଗି ଦେଉଥିଲେ ଭାଉଜ।
ତିନି ଦିନ ଏହିପରି କଟିଯାଏ ରଜରେ
ଛୋଟଠାରୁ ବଡ଼ଯାଏ ହେଉଥିଲେ ସଜରେ।

ନାଗଣପୁର, କୁଦାନଗରୀ, କେନ୍ଦ୍ରାପଡ଼ା
ମୋ: ୯୯୩୮୪୫୮୭୨୬


ଜଣାଅଜଣା

# ମୋଟା ମହିଳା ଅଧିକ ଖର୍ଚ୍ଚ କରନ୍ତି



ମୋଟା ମହିଳାମାନେ ଅଧିକ ଖର୍ଚ୍ଚ କରନ୍ତି। ଏକ ଗବେଷଣାରୁ ଏହା ଜଣାପଡ଼ିଛି। ଏ ସଂପର୍କରେ ସୂଚନା ଦେଇ ଗବେଷକ ବର୍ମିଙ୍ଗହାମ୍ ଓ ଆଲବାମା ବିଶ୍ୱବିଦ୍ୟାଳୟର ଗବେଷକ କହିଛନ୍ତି, ସ୍ୱାଭାବିକ ଓଜନର ମହିଳାଙ୍କ ଅପେକ୍ଷା ମେଦବହୁଳ ମହିଳା ଅଧିକ ଖର୍ଚ୍ଚ କରିଥାନ୍ତି। ସେମାନଙ୍କ ଏଣୁତେଣୁ ଖାଇବା ଅଭ୍ୟାସ ସହିତ କିଣାକିଣି ପ୍ରତି ଅଧିକ ଆଗ୍ରହ ଥାଏ। ଅଧିକ ଓଜନଯୁକ୍ତ ହେଲେ ନିଜକୁ ସଜାଇ ହେବାରେ ସେମାନେ ମଧ୍ୟ ଅଧିକ ଟଙ୍କା ବ୍ୟୟ କରିଥାନ୍ତି, ଯାହାକି ମୋଟା ମହିଳାଙ୍କ ପାରିବାରିକ ବ୍ୟୟକୁ ବଢ଼ାଇଥାଏ।

## ତୁମ ପାଇଁ ବହି





### ଆମ ଓଡ଼ିଶାର ମୁଖ୍ୟମନ୍ତ୍ରୀ

ଲେଖକ: ଡକ୍ଟର ଅରୁଣ କୁମାର ପଣ୍ଡା
ପ୍ରକାଶକ: ଶକ୍ତି ପବ୍ଲିଶର୍ସ, ଗଙ୍ଗା ମନ୍ଦିର, କଟକ
ମୂଲ୍ୟ: ୧୦୫ ଟଙ୍କା

ଏହା ଏକ ଜୀବନୀ ପୁସ୍ତକ। ଏହି ପୁସ୍ତକରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପାଇବାଠାରୁ ଏ ପର୍ଯ୍ୟନ୍ତ ଯେତେ ଜଣ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଛନ୍ତି, ସେ ସଂପର୍କରେ ସବିଶେଷ ସୂଚନା ରହିଛି। ସମସ୍ତଙ୍କ ଜୀବନ ଚରିତ ସରଳ, ସାବଲୀଳ ଓ ସଂକ୍ଷେପରେ ଆଲୋଚିତ ହୋଇଛି। ଏହା ଉପାଦେୟ ପୁସ୍ତକଟିଏ, ଆଶା ଏହାକୁ ସମସ୍ତେ ଆଗ୍ରହର ସହିତ ପଢ଼ିବେ।

## କୁନାକୁନିଙ୍କ ଚିତ୍ର





ଆୟୁଷ୍ମାନ ସାହୁ

କ୍ଲାସ୍-୪,
ଡି.ଏ.ଭି ପବ୍ଲିକ ସ୍କୁଲ,
ନିମାପଡ଼ା, ପୁରୀ



ଶ୍ରେୟସୀ ନାୟକ

କ୍ଲାସ୍-୩,
ଡି.ଏ.ଭି ପବ୍ଲିକ ସ୍କୁଲ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

‘ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା’ କର୍ମଶାଳା

# ‘ଲକ୍ଷ୍ୟ ପୂରଣ ଉଦ୍ଦେଶ୍ୟରେ କୃଷି ଓ କୃଷକଙ୍କୁ ସଶକ୍ତ କରାଯାଉଛି’




**କଟକ,୧୩।୬/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ‘ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା’ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉକ୍ତ କର୍ମଶାଳାରେ ଯୋଗଦେଇ କହିଥିଲେ ଯେ ବିକଶିତ ଜିଲ୍ଲା ଲକ୍ଷ୍ୟ ପୂରଣ ଉଦ୍ଦେଶ୍ୟରେ ଜିଲ୍ଲାର କୃଷି ଓ କୃଷକମାନଙ୍କୁ ସଶକ୍ତ କରାଯାଉଛି। ସରକାର ଧାନର ଇନ୍ପୁଟ୍ ସବ୍ସିଡି ମୂଲ୍ୟ ବୃଦ୍ଧି କରିବା ସହ କୃଷକମାନଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ଚାଷ କରିବା ପାଇଁ ଭିତ୍ତିଭୂମି ଓ ପ୍ରଶିକ୍ଷଣ ଯୋଗାଇ ଦେଉଛନ୍ତି। ଏଥିସହ ଜୈବିକ କୃଷି ମାଧ୍ୟମରେ ଅଧିକ ଅମଳ ଲକ୍ଷ୍ୟ ହାସଲ ନିମନ୍ତେ ତାଲିମ୍ ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମରେ କଟକ ସଦର ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଓ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗଦେଇ ଗତ ଏକ ବର୍ଷ ମଧ୍ୟରେ ସରକାରଙ୍କ ଉପଲବ୍ଧି ଓ ଆସନ୍ତା ବର୍ଷଗୁଡ଼ିକରେ ଜନସାଧାରଣଙ୍କ ଲକ୍ଷ୍ୟ ପୂରଣ ଦିଗରେ କି କି ପ୍ରମୁଖ ପଦକ୍ଷେପ ଗ୍ରହଣ କରାଯିବାର ଲକ୍ଷ୍ୟ ରହିଛି ସେ ବିଷୟ ଉପସ୍ଥାପନ କରିଥିଲେ। ବଡ଼ମ୍ବା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଅନେକ ପର୍ଯ୍ୟଟନସ୍ଥଳୀର ବିକାଶ କରାଯାଇପାରିବ ଏବଂ ଏହା ସମଗ୍ର ରାଜ୍ୟରେ ପର୍ଯ୍ୟଟନ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ବୋଲି ବିଧାୟକ ଶ୍ରୀ ଦଳବେହେରା ପ୍ରକାଶ କରିଥିଲେ। ଜିଲ୍ଲା ପରିଷଦ ସହକାରୀ ନିର୍ବାହୀ ଅଧିକାରୀ ବନ୍ଦନା ଖଟୁଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ‘ସଫଳତାର ବର୍ଷ ଏକ, କଟକ ପ୍ରଗତିର ପ୍ରତୀକ’ ଶୀର୍ଷକ ପୁସ୍ତିକା ଉନ୍ମୋଚିତ ହୋଇଥିଲା।

# ଆଦୃତ ଶିଶୁ ସଦନରେ ରଜ ଉତ୍ସବ ପାଳିଲେ ସୋଫିଆ



**କଟକ,୧୩।୬/ଏନ୍ଏନ୍ଏସ୍:** ଶେଖବଜାରସ୍ଥିତ ଆଦୃତ ଶିଶୁ ସଦନରେ କୁନି କୁନି ପିଲାମାନଙ୍କ ସହିତ ବିଧାୟିକା ସୋଫିଆ ଫିର୍ଦୋସ ରଜ ଉତ୍ସବ ପାଳନ କରିଛନ୍ତି। ଆଜି ରଜ ସଜବାଜ ଅବସରରେ ବିଧାୟିକା ପିଲାମାନଙ୍କୁ ପାଇଁ ଡ୍ରେସ୍, ଚୁଡ଼ି, ମେହେନ୍ଦି, ଲିପ୍ଷ୍ଟିକ୍, ଅଳତା ଆଦି ସମସ୍ତ ପ୍ରକାର ସଜବାଜ ସାମଗ୍ରୀ ପ୍ରଦାନ କରି ପିଲାମାନଙ୍କୁ ନିଜେ ବିଧାୟିକା ମେହେନ୍ଦି ଲଗେଇ ସଜବାଜ କରିଥିଲେ। ଏହି ଅବସରରେ ପିଲାମାନେ ନାଚ ଓ ଗୀତ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଓଡ଼ିଆ ସଂସ୍କୃତିର ଅନ୍ୟତମ ନିଆରା ପର୍ବ ରଜକୁ କୁନିକୁନି ପିଲାମାନଙ୍କ ସହ ବେଶ୍ ହସ ଖୁସିର ସହ ପାଳନ କରିବା ସହ ପୋଡ଼ପିଠା ଓ ଛେନାପୋଡ଼ ଆଦି ପାରମ୍ପରିକ ଖାଦ୍ୟ ମଧ୍ୟ ବିଧାୟିକା ପିଲାମାନଙ୍କ ସହିତ ମିଶି ଖାଇଥିଲେ। ପ୍ରାରମ୍ଭରୁ ପିଲାମାନେ ବିଧାୟିକା ସୋଫିଆଙ୍କୁ ବନ୍ଦାପନା କରି ସ୍ୱାଗତ କରିଥିଲେ। ଶେଷରେ ଆଦୃତ ଶିଶୁ ସଦନର ପ୍ରତିଷ୍ଠାତା ଆଦିତ୍ୟ ମହାନ୍ତି ବିଧାୟିକାଙ୍କୁ ପିଲାମାନଙ୍କ ସହିତ ତାଙ୍କର ବହୁମୂଲ୍ୟ ସମୟ ବିତାଇଥିବାରୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକି ଚକ୍ରବର୍ତ୍ତୀ, ସୋନୁ ସ୍ୱାଇଁ, ସତ୍ୟଶ୍ରୀ ବେହେରା, ଅନିତା ବେହେରା, ମାମାନୀ ମିଶ୍ର, ରୌପ୍ୟ ରଞ୍ଜନ ମହାପାତ୍ର ସହଯୋଗ କରିଥିଲେ।

# ୨ କ୍ୱିଣ୍ଟାଲ୍ ଗଞ୍ଜେଇ ସହ ଗାଡ଼ି ଜବତ, ୨ ଗିରଫ




**କଟକ,୧୩।୬/ଏନ୍ଏନ୍ଏସ୍:** ଗଞ୍ଜେଇ ଚାଲାଣ ମାମଲାରେ ଚୌଦ୍ୱାର ଥାନା ପୁଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱର ଖଣ୍ଡଗିରି ଥାନା ସିରପୁର ଅଞ୍ଚଳର ଅଜୟ ଛୋଟରାୟ(୩୮) ଏବଂ ବିବେକ ରଞ୍ଜନ ପ୍ରଧାନ (୨୦)। ପୁଲିସ ଗଞ୍ଜେଇ ଚାଲାଣରେ ବ୍ୟବହୃତ ହେଉଥିବା ଦୁଇଟି ୪ଚକିଆ ଗାଡ଼ି ସହିତ ୧୯୯କିଲୋ ଗଞ୍ଜେଇ ଜବତ କରିଛି। ସୂଚନା ମୁତାବକ ଗତ ଶୁକ୍ରବାର ଫୁଲବାଣୀରୁ ଅନ୍ୟ ରାଜ୍ୟକୁ ଦୁଇଟି ୪ ଚକିଆ ଗାଡ଼ିରେ ଚୋରା ଗଞ୍ଜେଇ ଚାଲାଣ ହେଉଥିବା ଚୌଦ୍ୱାର ଥାନା ପୁଲିସ ନିକଟରେ ଖବର ପହଞ୍ଚିଥିଲା। ପୁଲିସ ଏନ୍ଏଚ୍ -୫୫ସ୍ଥିତ ନୂଆପଟଣା ଛକରେ ଜଗିଥିବା ବେଳେ ଦ୍ରୁତଗତିରେ ଯାଉଥିବା ଏକ ନୀଳ ମାରୁତି ସୁଜୁକି ପ୍ରଙ୍ଗସ (ନଂ. ଓଡ଼ି-୩୩-ଏଆର୍-୨୨୦୦) ଓ ଧଳା ଟୟୋଟା ଇନୋଭା (ନଂ. ଓଡ଼ି-୦୨-ଏବି-୧୪୯୪) ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲା। ଗାଡ଼ି ଦୁଇଟି ଦ୍ରୁତଗତିରେ ପଳାଇଲାବେଳେ ପୁଲିସ ଗାଡ଼ିକୁ ପିଛା କରିବାରୁ ଦୁର୍ବୃତ୍ତମାନେ ଗାଡ଼ିକୁ ଛାଡ଼ି ପଳାଇ ଯାଇଥିଲେ। ପୁଲିସ ଗାଡ଼ିର ତଲାସୀ ନେବା ପରେ ଇନୋଭା ଗାଡ଼ିରୁ ୧୯୬ଟି ପଲିଥିନ୍ ପ୍ୟାକେଟ୍‌ରେ ଗୁଡ଼ା ଯାଇଥିବା ଗଞ୍ଜେଇ ଜବତ କରିଥିଲା। ପୁଲିସ ଏକ ମାମଲା ରୁଜୁକରି ଛାନ୍‌ବିନ୍ କରିବା ପରେ ଆଜି୨ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଜବତ ଚୋରା ଗଞ୍ଜେଇର ଆନୁମାନିକ ମୂଲ୍ୟ କଳାବଜାରରେ ୨୦ଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି।

# ସୁଭଦ୍ରା ସ୍ୱାବଲମ୍ବୀ ମହିଳା ଶିକ୍ଷାନୁଷ୍ଠାନ ପକ୍ଷରୁ ରଜ ଉତ୍ସବ

**କଟକ,୧୩।୬/ଏନ୍ଏନ୍ଏସ୍:** କଟକ ବିଡ଼ାନାସୀ ଛକ ନିକଟରେ ଅବସ୍ଥିତ ମମତା ସର୍ଟ ଷ୍ଟେ’ ହୋମ୍‌ରେ ରହୁଥିବା ଅନ୍ତେବସୀଙ୍କ ଗହଣରେ ସୁଭଦ୍ରା ସ୍ୱାବଲମ୍ବୀ ମହିଳା ଶିକ୍ଷାନୁଷ୍ଠାନ ପକ୍ଷରୁ ରଜ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ପାଳନ ଉପଲକ୍ଷେ ସମସ୍ତ ଅନ୍ତେବାସୀମାନଙ୍କୁ ନୂତନ ବସ୍ତ୍ର ଯଥା ନୂଆ ଶାଢ଼ି, ପୋଷାକ, ଛୋଟ ପିଲାଙ୍କ ପାଇଁ ଡ୍ରେସ୍, ଓ ସଜବାଜ ପାଇଁ ପାଉଡ଼ର,କୁଙ୍କୁମ, ଲିପ୍ଷ୍ଟିକ୍, ମେହେନ୍ଦି, ଚୁଡ଼ି, ନେଲପଲିସ, ଅଳତା ଇତ୍ୟାଦି ଦିଆଯାଇଥିଲା। ମହିଳା ଓ ଝିଅମାନଙ୍କ ମଧ୍ୟରେ ପାରମ୍ପରିକ ପୋଡ଼ପିଠା, ପାନ, ପ୍ରତିଯୋଗିତା ହୋଇଥିଲା। ବାଳିକାମାନଙ୍କ ମଧ୍ୟରେ ପାରମ୍ପରିକ ନୃତ୍ୟ, ସଙ୍ଗୀତ ଚେୟାର, ପୁଚି ଖେଳ ଆଦି ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମରେ ସରୋଜିନୀ ରଥ ମୁଖ୍ୟ ଅତିଥି ଓ ସାହିତ୍ୟିକା ମହିଜା ଦଳବେହେରା ଓ ବ୍ୟଙ୍ଗକବି ଲକ୍ଷ୍ମୀଛଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ତମ୍ଭକାର ସାହିତ୍ୟିକି ମୀରା ବେଉରା ସଭାରେ ଅଧକ୍ଷତା କରି ଥିଲେ। ଅନୁଷ୍ଠାନର ଉପଦେଷ୍ଟା ଦିନେଶ ଗୁପ୍ତା ସମ୍ପାଦିକା ଗୀତାଞ୍ଜଳି ସାହୁ, କାର୍ଯ୍ୟକାରୀ ସଭାପତି ମଞ୍ଜୁଲତା ଜେନା, ମାନସୀ ଦାସ୍, ମମତା ହୋମର ନିର୍ଦ୍ଦେଶିକା ଚୈତଳି ସ୍ୱାଇଁ, ବିଜୟା ମଣ୍ଡଳ, ଉପଦେଷ୍ଟା ଶ୍ରୀନିବାସ ମିଶ୍ର ସମସ୍ତ ପ୍ରତିଯୋଗତା ପରିଚାଳନା କରିଥିଲେ। ଅନିଲ କୁମାର ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲା ବେଳେ କୀର୍ତ୍ତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଗାନ୍ଧୀବାଦୀ ନେତ୍ରୀ ସୁଷମା ରାୟଙ୍କ ସ୍ମୃତିସଭା

**କଟକ,୧୩।୬/ଏନ୍ଏନ୍ଏସ୍:** ଗାନ୍ଧୀବାଦୀ ନେତ୍ରୀ ସ୍ୱର୍ଗତ ସୁଷମା ରାୟଙ୍କ ସ୍ମୃତିସଭା ତାଙ୍କ ଏକାଦଶାହରେ ବାଦାମବାଡ଼ିରେ ପାଳିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟର ବିଚାରପତି ମୃଗାଙ୍କ ଶେଖର ସାହୁ, ବିଚାରପତି ସଞ୍ଜୟ କୁମାର ମିଶ୍ର, ଝାଡ଼ଖଣ୍ଡ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ପ୍ରମଥ ପଟ୍ଟନାୟକ, ଗ୍ରନ୍ଥମନ୍ଦିର ପ୍ରୋପାଇଟର୍ ମନୋଜ କୁମାର ମହାପାତ୍ର, ସିଏମ୍‌ସି ମେୟର୍ ସୁବାସ ସିଂହ, ଅବସରପ୍ରାପ୍ତ ପୁଲିସ ପ୍ରଶାସକ କୃଷ୍ଣଚନ୍ଦ୍ର ସାମଲ, ନିର୍ମଳ ମହାପାତ୍ର, ଚିନ୍ମୟ ଆଚାର୍ଯ୍ୟ, ଆଇନଜୀବୀ ମହେଶ୍ୱର ମହାନ୍ତି, ବିପ୍ଳବ ମହାନ୍ତି, ତରୁଣକାନ୍ତ ପଟ୍ଟନାୟକ, ବିଭୂତି ଭୂଷଣ ସ୍ୱାଇଁ, ଜଗବନ୍ଧୁ ବେହେରା, ଚିତ୍ତରଞ୍ଜନ ଦାଶ ପ୍ରମୁଖ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଯାଜପୁର ଜିଲ୍ଲାର ବରୀ ବ୍ଲକ ରତଲାଙ୍ଗ ଗ୍ରାମର ସ୍ୱର୍ଗତ ଅଭିମନ୍ୟୁ ରାୟଙ୍କ ଧର୍ମପତ୍ନୀ ରାୟ ଗାନ୍ଧୀ, ଗୋପବନ୍ଧୁ, ମାଳତୀ ଚୌଧୁରୀ, ରମାଦେବୀ ଆଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ କରୁଥିଲେ। ବିଶେଷକରି ବରୀରେ ଥିବା ଗୋପବନ୍ଧୁ ଆଶ୍ରମରେ ଅଧିକାଂଶ ସମୟ ରହି ସମାଜର ଦରିଦ୍ର ନାରାୟଣଙ୍କ ସେବା କରୁଥିଲେ। ୧୯୪୨ ମାର୍ଚ୍ଚ ୨୦ରେ ଜନ୍ମିତ ଶ୍ରୀମତୀ ରାୟ ଗତ କିଛିବର୍ଷ ଧରି ସ୍ଥାନୀୟ ଶ୍ରୀରାମ ନଗରରେ ରହୁଥିଲେ।

# ଆନ୍ତର୍ଜାତିକ ଶିଶୁଶ୍ରମିକ ଉଚ୍ଛେଦ ଦିବସ

**କଟକ,୧୩।୬/ଏନ୍ଏନ୍ଏସ୍:** କଟକ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ଓ ଶିଶୁ ଯତ୍ନ ପ୍ରତିଷ୍ଠାନ ବସୁନ୍ଧରାର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ଶିଶୁଶ୍ରମିକ ଉଚ୍ଛେଦ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ସଚିବ ଜଗଦୀଶ ଚନ୍ଦ୍ର ଜେନା ଆଇନଜୀବୀ ବିଜୟ କୁମାର ପଣ୍ଡା, ଶିଶୁ ମଙ୍ଗଳ କମିଟି ଅଧକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ ଯୋଗଦେଇ ଶିଶୁଶ୍ରମିକ ଉଚ୍ଛେଦ ଶିଶୁ ଅଧୀକାର ଉପରେ ଆଲୋକପାତ କରିଥିଲେ। ଏହା ପରେ ଶିଶୁମାନଙ୍କୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିଶୁ ଯତ୍ନ ପ୍ରତିଷ୍ଠାନ ବସୁନ୍ଧରାର କର୍ମକର୍ତ୍ତା, ପାରା ଲିଗାଲ୍ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଗିରିଧାରୀ ନାୟକ ଧନ୍ୟବାଦ ଦେଇଥିଲେ।

# ସାଇବର ଠକେଇ ମାମଲା, ୬ ଗିରଫ







କଟକ,୧୩।୬/ଏନ୍ଏନ୍ଏସ୍: ଆନ୍ତଃରାଜ୍ୟ ସାଇବର ଠକେଇ ମାମଲାରେ ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚ ବିଭିନ୍ନ ରାଜ୍ୟର ୬ଜଣଙ୍କୁ ଗିରଫ କରିଛି। ୪ଟି ପୃଥକ୍ ମାମଲାରେ ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲ୍ଲାର ଦୁର୍ଗାପୁର ଷ୍ଟିଲ୍ ଟାଉନ୍ ୱେଷ୍ଟର ଅନୁସକା ମିତ୍ର (୨୪), ଗୁଜୁରାଟ ରାଜ୍ୟ ଭାବନଗର ଜିଲ୍ଲାର କାନ୍ତାରିଆ ଯୋଗେଶ ହର୍ଜିଭାଇ (୨୩), ବାଘେଲା ଅରବିନ୍ଦ ସିଂହ(୨୪), ରୋହିଲ ଭି ଭଗତସିଂହ (୨୪) ଓ ଜିଲ୍ଲାର ଧ୍ରୁବ ବିଜୟ ଭାଇ (୨୨) ଏବଂ ଗୁଜୁରାଟ ରାଜକୋଟ ଜିଲ୍ଲାର କୋଟାକ କୌଶିକ (୩୬)। ଅଭିଯୁକ୍ତମାନଙ୍କଠାରୁ ମୋବାଇଲ୍ ଫୋନ୍, ସିମ୍‌କାର୍ଡ, ଆଧାରକାର୍ଡ ଓ ଏଟିଏମ୍ କାର୍ଡ ଜବତ କରାଯାଇଛି। ଏଥିସହ ଅଭିଯୁକ୍ତମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ପୁଲିସ ଫ୍ରିଜ୍ କରିଛି। ଅଭିଯୁକ୍ତ ଅନୁସକା ମିତ୍ର ନାଁରେ ୭୪ଲକ୍ଷ ଟଙ୍କାର ସାଇବର ଠକେଇ ଅଭିଯୋଗ ରହିଛି। ଏହାଛଡ଼ା ଅନ୍ୟ ଅଭିଯୁକ୍ତମାନଙ୍କ ନାଁରେ ମଧ୍ୟ କୋଟି କୋଟି ଟଙ୍କାର ସାଇବର ଠକେଇ ଅଭିଯୋଗ ରହିଥିବା ଜଣାପଡ଼ିଛି। ଅଭିଯୁକ୍ତମାନଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶାକୁ ଅଣାଯାଇଛି ଏବଂ ଆଜି ସେମାନଙ୍କୁ ଛତ୍ରପୁର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିବା କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ଓଡ଼ିଶା ନଦୀ ସୁରକ୍ଷା ସମ୍ମିଳନୀ

**ଭୁବନେଶ୍ୱର,୧୩।୬/ଏନ୍ଏନ୍ଏସ୍:** ମହାନଦୀ ବଞ୍ଚାଓ ଆନ୍ଦୋଳନ ଓ ଓଡିଶା ନଦୀ ସୁରକ୍ଷା ସମିତି ତରଫରୁ ଆଜି ଭୁବନେଶ୍ୱରଠାରେ ଓଡିଶା ନଦୀ ସୁରକ୍ଷା ସମ୍ମୀଳନୀ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାରେ ନଦୀ ଗୁଡିକର ସ୍ୱାସ୍ଥ୍ୟ ଅତି ସଙ୍କଟାପନ୍ନ ଓ ସେଗୁଡିକର ସୁରକ୍ଷା ପାଇଁ ଏଥିରେ ଉଦବେଗ ପ୍ରକାଶ କରାଯଇଛି । ରାଜ୍ୟର ନଦୀ ସଂକ୍ରାନ୍ତ ରେ ଏକ ଶ୍ୱେତ ପତ୍ର ପ୍ରକାଶ ଓ ରାଜ୍ୟ ପାଇଁ ଏକ ନଦୀ ନୀତି ପ୍ରଣୟନ ପାଇଁ ସମ୍ମିଳନୀ ସରକାରଙ୍କ ଠାରେ ଦୃଢ଼ ଦାବି କରିଛି । ଏହା ସହିତ ସ୍କୁଲ ଓ କଲେଜ ଗୁଡିକରେ ନଦୀ ସୁରକ୍ଷା ବିଷୟକୁ ନେଇ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ନିଷ୍ପତି ହୋଇଛି । ସମ୍ମିଳନୀକୁ ଉଦଘାଟନ କରି ଜଳ ମାନବ ଡ଼ଃ. ରାଜେନ୍ଦ୍ର ସିଂ କହିଲେ ଯେ ସଂପ୍ରତି ଓଡ଼ିଶାର ନଦୀ ଗୁଡିକର ସ୍ୱାସ୍ଥ୍ୟ ଗମ୍ଭୀର । ଅନେକ ନଦୀ ମରିବାକୁ ବସିଲାଣି। ନଦୀର ସ୍ୱାସ୍ଥ୍ୟ ଠିକ ନ ରହିଲେ ରାଜ୍ୟର ସ୍ୱାସ୍ଥ୍ୟ ଠିକ ରହିବ ନାହିଁ ବୋଲି ସେ ଚେତାବନୀ ଦେବା ସହିତ ସରକାର ଏଥିପ୍ରତି ଗୁରୁତ୍ୱ ଦେଇ ସେଗୁଡିକର ସୁରକ୍ଷା ପାଇଁ ବିହିତ ପଦକ୍ଷେପ ନେବା ଜରୁରୀ ବୋଲି କହିଥିଲେ । ସରକାର ତୁରନ୍ତ ଜଳ ସମ୍ପଦ ବିଭାଗ, ବିଶେଷଜ୍ଞ, ନଦୀ ଆନ୍ଦୋଳନର କର୍ମୀ ତଥା ନାଗରିକ ସମାଜର ଏକ ମିଳିତ କନଭେନସନ ଆୟୋଜନ କରି ନଦୀ ଗୁଡିକରେ ସମସ୍ୟା ଗୁଡିକୁ ନିରୂପଣ କରିବା ସହିତ ସମାଧାନର ରାସ୍ତା ବାହାର କରିବାକୁ ସେ ଦାବି ରଖିଥିଲେ । ଅନ୍ୟତମ ଅତିଥି ଭାବରେ ଯୋଗଦେଇ ପୂର୍ବତନ ପ୍ରଶାସକ ଡ଼ ଅରବିନ୍ଦ ବେହେରା କହିଲେ ଯେ ବିକାଶ ନାମରେ ବିନାଶ ଯେମିତି ଗ୍ରହଣୀୟ ନୁହଁ , ଠିକ ସେମିତି ଅସ୍ମିତା ନାମରେ ନିଜର ଅସ୍ତିତ୍ୱ ହରାଇଲା ଭଳି ପଦକ୍ଷେପ ଆଦୌ ସ୍ପୃହଣୀୟ ନୁହଁ । ବିଶିଷ୍ଟ ପରିବେଶବିତ ପ୍ରଫୁଲ ସାମନ୍ତରାୟ ଓଡ଼ିଶାର ସମସ୍ତ ନଦୀ ଆନ୍ଦୋଳନ ଗୁଡିକୁ ସଂଯୋଜିତ କରି ଏକ ବ୍ୟାପକ ଜନ ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ପ୍ରଶାସକ ଓ ଲେଖକ ସଂଜୀବ ହୋତା ତାଙ୍କ ବକ୍ତବ୍ୟରେ ଓଡ଼ିଶାର ବିଭିନ୍ନ ନଦୀ ଗୁଡିକରେ ସ୍ୱାସ୍ଥ୍ୟ ଅବସ୍ଥାର ଅବନତିର କାରଣ ଗୁଡିକ ବର୍ଣନା କରିବା ସହିତ ସେସବୁର ନିରାକରଣ କରି ନଦୀର ସ୍ୱାସ୍ଥ୍ୟ ଠିକ ରଖିବା ପାଇଁ ଆହ୍ୱାନ ଦେଇଥିଲେ ।

# ମା’ଉଗାଳ ମଣିଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ଭୁବନେଶ୍ୱର,୧୩।୬/ଏନ୍ଏନ୍ଏସ୍:** ଚକେଇସିଆଣୀ ଗ୍ରାମର ଗ୍ରାମ ଦେବତୀ ମା’ଉଗାଳ ମଣିଙ୍କ ପୀଠରେ ତୃତୀୟ ଏକ ଦିବସିୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ପୂଜାରେ କର୍ତ୍ତାଭାବେ ବିଷ୍ଣୁ ସ୍ୱାଇଁ ଓ କର୍ତ୍ତୀଭାବେ ମମତା ସ୍ୱାଇଁ ଉପସ୍ଥିତ ରହି ବିଶ୍ୱବାସୀଙ୍କ ଲାଗି ମଙ୍ଗଳ କାମନା କରିଥିଲେ । ଏଥିରେ ଅତିଥିଭାବେ ଉତ୍ତରର ପୂର୍ବତନ ବିଧାୟକ ବଜେପି ନେତା ପ୍ରିୟଦର୍ଶୀ ମିଶ୍ର ଓ ପୂର୍ବତନ କର୍ପୋରେଟର ନିର୍ମଳ ଦାସ ପ୍ରମୁଖ ଯୋଗଦେଇଥିଲେ। ଚକେଇସିଆଣୀ କ୍ଲବର ସଭାପତି ବ୍ରଜ କିଶୋର ସ୍ୱାଇଁ, ଗ୍ରାମର ସଭାପତି ଦିଲ୍ଲୀପ କୁମାର ସ୍ୱାଇଁ, ଚୈତନ୍ୟ ଦାସ, ପବିତ୍ର ସ୍ୱାଇଁ, ବିଶୁ ସ୍ୱାଇଁ ,ସଞ୍ଜୟ ଦାସ,ଅମିତ ଦାସ,ଅମୁଲ୍ୟ ଦାସ,ମିଥୁନ ସ୍ୱାଇଁ,ବଳରାମ ରାଉତ,ରାଜ କିଶୋର ସ୍ୱାଇଁ, ରଞ୍ଜିତ ରାଉତ,ପ୍ରଦୀପ ସ୍ୱାଇଁ,ପୀତବାସ ରାଉ ଓ ସୁକାନ୍ତ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଯାଜପୁରରେ ବିଜେଡିର ମହିଳା ଜନ ଜାଗରଣ କାର୍ଯ୍ୟକ୍ରମ

# ‘ମହିଳାଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନରେ ବିଜେପି ସରକାର ବିଫଳ’

**ଭୁବନେଶ୍ୱର,୧୩।୬/ଏନ୍ଏନ୍ଏସ୍:** ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ ମହିଳାମାନଙ୍କ ଉପରେ ଅତ୍ୟାଚାର ଓ ନିର୍ଯାତନା ବଢ଼ି ଚାଲିଛି। ମହିଳାମାନେ ସୁଯୋଗ ଓ ସମ୍ମାନ ପାଇବାରୁ ବଞ୍ଚିତ ହେଉଛନ୍ତି। ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି। ଶୁକ୍ରବାର ଯାଜପୁର ଠାରେ ବିଜେଡି ପକ୍ଷରୁ ଅନୁଷ୍ଠିତ ଏକ ବିଶାଳ ମହିଳା ଜନ ଜାଗରଣ ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ ନେତୃବୃନ୍ଦ ଏଭଳି କହି ସରକାରଙ୍କ ଉପରେ ବର୍ଷିଛନ୍ତି। ବରିଷ୍ଠ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଦଳର ସମସ୍ତ ଆଗଧାଡ଼ିର ମହିଳା ନେତ୍ରୀଙ୍କ ସମେତ ଦଳର ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ। ସ୍ନେହାଙ୍ଗିନୀ ଛୁରିଆ, ସୁଲତା ଦେଓ, ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀ, ଡ଼ ଲେଖାଶ୍ରୀ ସାମନ୍ତସିଂହାର ପ୍ରମୁଖ ନିଜର ବକ୍ତବ୍ୟ ରଖି ସରକାରଙ୍କ ଉପରେ ବର୍ଷିଥିଲେ। ବିଜେଡିର ଅଭିଯୋଗ ଅନୁଯାୟୀ ଗତ ଏକ ବର୍ଷରେ ରାଜ୍ୟରେ ମହିଳାଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧିପାଇଛି। ମହିଳାମାନେ ଦୁଷ୍କର୍ମ, ଅପହରଣ, ହତ୍ୟା, ଯୌନ ନିର୍ଯାତନାର ଶିକାର ହେଉଥିବା ଖବର ପ୍ରତିଦିନ ଗଣମାଧ୍ୟମରେ ଶିରୋନାମା ପାଲଟୁଛି। ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ନବୀନ ସରକାରଙ୍କ ସମୟରେ ମିଶନ ଶକ୍ତି ମାଧ୍ୟମରେ ସଶକ୍ତ ହୋଇଥିବା ୭୦ ଲକ୍ଷ ମହିଳା ଯେଉଁ ଅର୍ଥନୈତିକ ସ୍ୱାଧୀନତା ହାସଲ କରିଥିଲେ, ତାହା ଆଜି ସରକାରଙ୍କ ଉଦାସୀନତା ଯୋଗୁଁ ବିପଦରେ ପଡ଼ିଛି। ସୁଭଦ୍ରା ଯୋଜନାରେ ଦୁଇ ବର୍ଷରେ ୫୦ ହଜାର ଟଙ୍କା ଦେବା ବଦଳରେ ୫ ହଜାର ଟଙ୍କା ଦେଇ ମହିଳାଙ୍କ ସହ ପ୍ରତାରଣା କରିଛନ୍ତି। ଏହି ଜନ ଜାଗରଣ ଅଭିଯାନରେ ସମାଜରେ ମହିଳାମାନଙ୍କ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଅଧିକାରକୁ ସୁରକ୍ଷିତ କରିବା ପାଇଁ ସାତ ସୂତ୍ରୀ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ସଂସଦରେ ପାରିତ ହୋଇଥିବା ନାରୀଶକ୍ତି ବନ୍ଦନ ଅଧିନିୟମ ବିଲ୍ ଅନୁଯାୟୀ ମହିଳା ମାନଙ୍କ ପାଇଁ ବିଧାନସଭା ଓ ସଂସଦରେ ୩୩% ଆସନ ସଂରକ୍ଷଣର ବ୍ୟବସ୍ଥାକୁ ୨୦୨୯ ସାଧାରଣ ନିର୍ବାଚନରେ ଲାଗୁ କରାଯାଉ ବୋଲି ରାଜନୈତିକ ପ୍ରସ୍ତାବ ଗୃହୀତ ହୋଇଥିଲା। ମିଶନ ଶକ୍ତି ମାଧ୍ୟମରେ ଗଠିତ ହୋଇଥିବା ରାଜ୍ୟର ୭ ଲକ୍ଷରୁ ଊର୍ଦ୍ଧ୍ୱ ଏସ୍ଏଚ୍‌ଜିଗୁଡ଼ିକୁ ବିଜେଡି ସରକାର ସମୟରେ ସରକାରୀ ବିଭାଗ ମାନଙ୍କ ସହ ଯେଭଳି ସହଭାଗିତାର ସହ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଉଥିଲା, ତାହା ପୁନଃ କାର୍ଯ୍ୟକ୍ଷମ କରାଯିବା, ଏସଏଚଜିଗୁଡ଼ିକୁ ବିନା ସୁଧରେ ବର୍ଷକୁ ୨୦ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯିବା, ମିଶନ ଶକ୍ତିର ବଜେଟ ପରିମାଣକୁ ୧୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯିବା, ମହିଳା ସୁରକ୍ଷାକୁ ପ୍ରାଥମିକତା ଦିଆଯିବା ସହ ପୂର୍ବରୁ ଥିବା ମହିଳା ଓ ଶିଶୁ ଡେସ୍କକୁ ପୁନଃ କାର୍ଯ୍ୟକ୍ଷମ କରାଯିବା, ମହିଳାଙ୍କ ପାଇଁ ସ୍ୱାସ୍ଥ୍ୟ କାର୍ଡରେ ବର୍ଷକୁ ୨୦ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ବ୍ୟବସ୍ଥା କରାଯାଉ ବୋଲି ଏହି ସମାବେଶରେ ପ୍ରସ୍ତାବ ଗୃହୀତ ହୋଇଛି। ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଂତୃପ୍ତ ମିଶ୍ର, ପ୍ରଣବ ପ୍ରକାଶ ଦାସ, ପ୍ରଫୁଲ୍ଲ ସାମଲ, ଡ଼ ଅରୁଣ କୁମାର ସାହୁ, ସଞ୍ଜୟ ଦାସବର୍ମା, ପ୍ରୀତିରଞ୍ଜନ ଘଡ଼ାଇ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ ଓ ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# କୋଟିଏ ଟଙ୍କାର ଗଞ୍ଜେଇ ଜବତ, ଜଣେ ଗିରଫ



**ଜୟପୁର,୧୩।୬/ଏନ୍ଏନ୍ଏସ୍:** ଟ୍ରେଲରରେ ଚାଲାଣ ହେଉଥିବା ପାଖାପାଖି କୋଟିଏ ଟଙ୍କାର ଗଞ୍ଜେଇ ଜବତ କରିଛି ନନ୍ଦପୁର ପୁଲିସ। ପାଟ୍ରୋଲିଂ ସମୟରେ ଲୁଜିଂ ଛକ ନିକଟରେ ଚଢ଼ଉ କରି ୧୦୫୪ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ତେବେ ପୁଲିସକୁ ଦେଖି ଟ୍ରେଲର ଡ୍ରାଇଭର୍ ଫେରାର ହୋଇଯାଇଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଜବତ ଗଞ୍ଜେଇ ସ୍ଥାନୀୟ ନନ୍ଦପୁର ଅଞ୍ଚଳରୁ ରାଜସ୍ଥାନକୁ ଚୋରାଚାଲାଣ ହେଉଥିଲା। ପ୍ରକାଶ ଯେ ବିଶେଷ ସୂତ୍ରରୁ ସୂଚନା ମିଳିବା ପରେ ନନ୍ଦପୁର ଏସଡିପିଓଙ୍କ ନେତୃତ୍ୱରେ ଏକ ଟିମ୍ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଜଲାପୁଟ ଅଞ୍ଚଳରୁ ଟ୍ରେଲର ଆସିଥିଲା। ଗାଡ଼ିକୁ ଯାଞ୍ଚ କରିବାରୁ ପ୍ରଥମେ କିଛି ମିଳିନଥିଲା। ପରେ ଗାଡ଼ିର ଏକ ସିକ୍ରେଟ ଚାମ୍ବରକୁ ଯାଞ୍ଚ କରିବା ପରେ ପୁଲିସ ଗଞ୍ଜେଇ ଠାବ କରିଥିଲା। ବର୍ଷା ଓ ଅନ୍ଧାରର ସୁଯୋଗ ନେଇ ଖସି ପଳାଇଥିବା ଡ୍ରାଇଭରକୁ ଗିରଫ କରାଯିବ ବୋଲି ପୁଲିସ କହିଛି।



ଅହମଦାବାଦ୍ ବିମାନ ଦୁର୍ଘଟଣା ଏବଂ ଏଥିରେ ପ୍ରାଣ ହରାଇଥିବା ୨୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରୁଛନ୍ତି ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ କ୍ରିକେଟ୍ ଟିମ୍‌ର ଖେଳାଳି ଓ ଅନ୍ୟ ଷ୍ଟାଫ୍



ଅହମଦାବାଦ୍ ଟ୍ରାଜେଡିରେ ମୃତାହତଙ୍କ ସମ୍ମାନାର୍ଥେ ଶ୍ରଦ୍ଧାଞ୍ଜଳି ଜଣାଇବା ପୂର୍ବକ ଅଷ୍ଟ୍ରେଲିଆ ଓ ଦକ୍ଷିଣଆଫ୍ରିକୀୟ କ୍ରିକେଟ୍ ଖେଳାଳିମାନେ ନିଜ ବାମ ହାତରେ କଳାପଟି ବାନ୍ଧିଛନ୍ତି । ସମ୍ପ୍ରତି ଉଭୟ ଦଳ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ (ଡବ୍ଲ୍ୟୁଟିସି)ର ଫାଇନାଲ୍ ମ୍ୟାଚ୍ ଖେଳୁଛନ୍ତି ।

### ଫିନ୍ ଆଲେନ୍‌ଙ୍କୁ ଧ୍ୟାନ ଦେଇନଥିଲେ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଟିମ୍

# ୫୧ ବଲ୍‌ରେ ୧୫୧ ରନ୍‌ର ବିସ୍ଫୋରକ ଇନିଂସ୍ ଖେଳିଲେ

**ୱାଶିଂଟନ, ୧୩ା୬ାଏଜେନ୍ସି:** ନ୍ୟୁଜିଲାଣ୍ଡର ଆକ୍ରମଣାତ୍ମକ ବ୍ୟାଟ୍ସମ୍ୟାନ ଫିନ୍ ଆଲେନ୍ ଏକ ନୂଆ କୃତିତ୍ୱ ହାସଲ କରିଛନ୍ତି । ତାଙ୍କର ଏହି କୃତିତ୍ୱ ଅନେକ ରେକର୍ଡସ୍‌ଙ୍କୁ କେବଳ ଭଙ୍ଗ କରିଛି ତାହା ନୁହେଁ ଅନେକ ରେକର୍ଡସର ସୃଷ୍ଟି ମଧ୍ୟ କରିଛି । ରିପୋର୍ଟ ଅନୁସାରେ ଯୁକ୍ତରାଷ୍ଟ୍ର ଆମେରିକାରେ ଖେଳାଯାଉଥିବା ମେଜର ଲିଗ୍ କ୍ରିକେଟ୍ ୨୦୨୫ (ଆମେରିକୀୟ ଟି-୨୦ ପ୍ରିମିୟର ଲିଗ୍)ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଫିନ୍ ଆଲେନ୍ ଏକାଧିକ ରେକର୍ଡ ଭାଙ୍ଗିଛନ୍ତି । ପ୍ରକାଶ, ଆଲେନ ସାନ୍ ଏବେ ଫ୍ରାନ୍ସିସ୍କୋ ପକ୍ଷରୁ ଖେଳିବା ପାଇଁ ଚୁକ୍ତିବଦ୍ଧ ହୋଇଛନ୍ତି । ତେବେ ଶୁକ୍ରବାର ଓକଲାଣ୍ଡ କୋଲିଜିୟମ୍ ପଡିଆରେ ସାନ ଫ୍ରାନସିସ୍କୋ ୟୁନିକର୍ଣ୍ଣସ ଏବଂ ୱାଶିଂଟନ ଫ୍ରିଡମ୍ ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଫିନ୍ ଆଲେନ୍ ପ୍ରଚଣ୍ଡ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ମାତ୍ର ୫୧ ବଲରେ ୧୫୧ ରନ ସଂଗ୍ରହ କରିଛନ୍ତି । ତାଙ୍କ ଇନିଂସର ଷ୍ଟ୍ରାଇକ ରେଟ୍ ୨୯୬ରୁ ମଧ୍ୟ ଅଧିକ ଥିଲା । ଏହି ଡାହାଣହାତୀ ବିସ୍ଫୋଟକ ବ୍ୟାଟ୍ସମ୍ୟାନ୍ ନିଜ ଇନିଂସରେ ୫ଟି ଚୌକା ମାରିଥିବା ବେଳେ ୧୯ଟି ଛକା ମାରିଛନ୍ତି । ଫିନ୍ ଆଲେନ୍‌ଙ୍କ ଏପ୍ରକାର ଆକ୍ରମଣାତ୍ମକ ବ୍ୟାଟିଂ ୱାଶିଂଟନ ଫ୍ରିଡମ୍ ଟିମ୍‌ର ବୋଲରମାନଙ୍କ ପାଇଁ ଏକ ଦୁଃସ୍ୱପ୍ନ ସଦୃଶ ଥିଲା ।




ନିଜର ଏହି ଅଭୁଲା ଇନିଂସ ସମୟରେ, ଆଲେନ ଟି୨୦ କ୍ରିକେଟରେ ଦ୍ରୁତତମ ୧୫୦ ରନର ରେକର୍ଡ ଭାଙ୍ଗିଥିଲେ । ସେ ୪୯ ବଲରେ ଏହି ମାଇଲଷ୍ଟୋନ ହାସଲ କରିଥିଲେ । ଆଲେନ ୩୪ ବଲ୍‌ରେ ଶତକ ହାସଲ କରିଥିଲେ, ଯାହା ନ୍ୟୁଜିଲାଣ୍ଡ ବ୍ୟାଟସମ୍ୟାନଙ୍କ ମଧ୍ୟରେ ଦ୍ରୁତତମ ଟି୨୦ ଶତକ ଏବଂ ଟୁର୍ଣ୍ଣାମେଣ୍ଟ ଇତିହାସରେ ମଧ୍ୟ ସବୁଠାରୁ ଦ୍ରୁତ ଥିଲା । ଆଲେନ ପୁରୁଷ ଟି୨୦ ଇନିଂସରେ ସର୍ବାଧିକ ଛକା ମାରି କ୍ରିସ୍ ଗେଲ୍ ଏବଂ ଏଷ୍ଟୋନିଆର ସାହିଲ ଚୌହାନଙ୍କ ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି । ଗେଲ ଏବଂ ଚୌହାନ ଉଭୟ ନିଜ ଇନିଂସରେ ୧୮ଟି ଲେଖାଏ ଛକା ମାରିଥିବା ବେଳେ, ଆଲେନ ୧୯ଟି ଛକା ମାରି ଉଭୟଙ୍କୁ ଅତିକ୍ରମ କରିଛନ୍ତି ।

ମଜାଦାର ବିଷୟ ହେଉଛି ଭାରତରେ ସଦ୍ୟ ସମାପ୍ତ ହୋଇଥିବା ଆଇପିଏଲ୍ (ଭାରତୀୟ ପ୍ରିମିୟର ଲିଗ୍) ପାଇଁ ଫିନ୍ ଆଲେନ୍ ମାତ୍ର ୨କୋଟି ଟଙ୍କାର ମୂଳ ମୂଲ୍ୟ ସହ ନିଜ ନାମ ଅକ୍ସନ (ନିଲାମ) ପାଇଁ ଦେଇଥିଲେ ମଧ୍ୟ ତାଙ୍କୁ କୌଣସି ଫ୍ରାଞ୍ଚାଇଜ୍ ଟିମ୍ କିଣିନଥିଲେ । ଏପରି କୁହାଯାଇପାରେ ଯେ, ତାଙ୍କୁ କୌଣସି ଦଳ କିମ୍ବା ଦଳୀୟ ଚୟନକର୍ତ୍ତା ଏତେ ଗୁରୁତ୍ୱର ସହ ଧ୍ୟାନ ହିଁ ଦେଇନଥିଲେ । ଯାହାଫଳରେ ଫିନ୍ ଆଲେନ୍ ଆଇପିଏଲ୍ ନିଲାମରେ ବିକ୍ରି ହୋଇପାରିନଥିଲେ । ସୂଚନାଯୋଗ୍ୟ, ଭାରତୀୟ ୱିକେଟକିପର-ବ୍ୟାଟ୍ସମ୍ୟାନ ଋଷଭ ପନ୍ତ୍ କେବଳ ୨୦୨୫ ଆଇପିଏଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ନୁହେଁ ବରଂ ଆଇପିଏଲ୍ ଇତିହାସରେ ମଧ୍ୟ ସବୁଠାରୁ ମୂଲ୍ୟବାନ ଖେଳାଳି ଭାବେ କିଣା ହୋଇଥିଲେ । ଲକ୍ଷ୍ନୌ ସୁପର ଜାଏଣ୍ଟସ ତାଙ୍କୁ ୨୭ କୋଟି ଟଙ୍କାରେ କିଣିଥିଲା । ତାଙ୍କ ପଛକୁ ଶ୍ରେୟସ ଆୟାର ଥିଲେ, ପଞ୍ଜାବ କିଙ୍ଗସ ୨୬.୭୫ କୋଟି ଟଙ୍କାରେ ଶ୍ରେୟସଙ୍କୁ କିଣିଥିଲା । ତୃତୀୟ ଦାମୀ ଖେଳାଳି ଭାବେ ଭେଙ୍କଟେଶ ଆୟାରଙ୍କୁ କୋଲକାତା ନାଇଟ ରାଇଡର୍ସ ୨୩.୭୫ କୋଟି ଟଙ୍କାରେ କିଣିଥିଲା ।

# ହଠାତ୍ ଇଂଲଣ୍ଡରୁ ଫେରିଆସିଲେ ଗମ୍ଭୀର

**ନୂଆଦିଲ୍ଲୀ,୧୩ା୬/ଏଜେନ୍ସି:** ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ହଠାତ୍ ଇଂଲଣ୍ଡ ଗସ୍ତରୁ ଘରକୁ ଫେରିଛନ୍ତି । ତାଙ୍କ ମା' ସୀମା ଗମ୍ଭୀର ହଠାତ୍ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ଗମ୍ଭୀରଙ୍କୁ ଭାରତ ଫେରିବାକୁ ପଡିଛି । ଅନ୍ୟପକ୍ଷେ ଇଂଲଣ୍ଡ ସହ ଭାରତୀୟ କ୍ରିକେଟ୍ ଦଳ ଆସନ୍ତା ୨୦ରୁ ଟେଷ୍ଟ ମ୍ୟାଚ୍ ଖେଳିବ । ଏହାପୂର୍ବରୁ ଗମ୍ଭୀରଙ୍କ ଭାରତ ଫେରିବାକୁ ନେଇ ସାମାନ୍ୟ ଚିନ୍ତାରେ ପଡ଼ିଯାଇଛି ବିସିସିଆଇ । ତେବେ ୨୦ ତାରିଖ ପୂର୍ବରୁ ସବୁକିଛି ଠିକ୍ ହୋଇଯିବ ଏବଂ ଗମ୍ଭୀର ଇଂଲଣ୍ଡ ଗସ୍ତ ପୂର୍ବକ ଭାରତୀୟ ଦଳ ସହ ଯୋଗଦେବେ ବୋଲି ବିସିସିଆଇ ଆଶାବାଦୀ ରହିଛି । ବିସିସିଆଇ କହିଛି, ଗମ୍ଭୀରଙ୍କ ଅନୁପସ୍ଥିତିରେ ସହକାରୀ କୋଚ୍ ରାୟାନ ଟେନ୍ ଡୋସ୍କେଟ ଦାୟିତ୍ୱ ନେବେ, ସାଙ୍ଗରେ ବ୍ୟାଟିଂ କୋଚ୍ ସିତାଂଶୁ କୋଟାକ ଏବଂ ବୋଲିଂ କୋଚ୍ ମୋର୍ନେ ମୋର୍କେଲ ମଧ୍ୟ ରହିବେ ।



ସୂଚନା ଅନୁସାରେ ଗୌତମ ଗମ୍ଭୀରଙ୍କ ମା' ସୀମା ଗମ୍ଭୀରଙ୍କ ଠାରେ ଅଚାନକ୍ ହୃଦଘାତ ହୋଇଛି । ଏହି କାରଣରୁ ତାଙ୍କୁ ଏକ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି । ସେଠାରେ ଏକ ଡାକ୍ତରୀ ଦଳ ତାଙ୍କ ଉପରେ ନଜର ରଖିଛନ୍ତି । ଏହି ସୂଚନା ପାଇବା ପରେ ଭାରତୀୟ ଦଳ ସହ ଇଂଲଣ୍ଡରେ ଥିବା ଗୌତମ ନୂଆଦିଲ୍ଲୀ ଫେରିଆସିଛନ୍ତି । ଡାକ୍ତରୀ ଦଳଙ୍କ କହିବାନୁସାରେ ସୀମାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଖୁବଶୀଘ୍ର ଉନ୍ନତି ଆସିବ । ଏବେ ସେ ବିପଦମୁକ୍ତ ରହିଛନ୍ତି । ସୁତରାଂ ଗମ୍ଭୀରଙ୍କ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ ଆଶା ସଞ୍ଚାର ହୋଇଛି । ପ୍ରକାଶ, ଇଂଲଣ୍ଡ ଗସ୍ତରେ ଯାଇଥିବା ଭାରତୀୟ ଦଳରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ଅଭିଜ୍ଞ ଖେଳାଳି ନାହାନ୍ତି । ଦଳର ଅଧିନାୟକ ଦାୟିତ୍ୱ ଶୁଭମନ ଗିଲଙ୍କ ଉପରେ ପ୍ରଥମ ଥର ପାଇଁ ନ୍ୟସ୍ତ କରାଯାଇଛି । ଏଣୁ ଏପରିସ୍ଥିତିରେ ଗୌତମ ଟିମ୍ ଇଣ୍ଡିଆ ସହ ରହିବା ଅତ୍ୟନ୍ତ ଜରୁରୀ ବୋଲି କୁହାଯାଉଛି ।

ପ୍ରକାଶ, ଇଣ୍ଡିଆ ଏ ପାଇଁ ଖେଳୁଥିବା ଦଳର ୮ ବରିଷ୍ଠ ଖେଳାଳି ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଦୁଇଟି ୱାର୍ମ-ଅପ୍ ମ୍ୟାଚ୍ ଖେଳିସାରିଛନ୍ତି, ଦୁଇଟି ହିଁ ଡ୍ର ହୋଇଛି । ଇଣ୍ଡିଆ ଏ ବନାମ ଇଣ୍ଡିଆ ଅନ୍ତଃଦଳୀୟ ମ୍ୟାଚ୍ ହେଉଛି ଏକମାତ୍ର ବାକି ଥିବା ମୁକାବିଲା, ଯାହା ଗମ୍ଭୀର ଏବଂ ନୂଆ ଅଧିନାୟକ ଶୁଭମନ ଗିଲଙ୍କୁ ଟେଷ୍ଟ ସିରିଜ୍ ପୂର୍ବରୁ ସେମାନଙ୍କ ସ୍ଥିତିର ଅନ୍ତିମ ମୂଲ୍ୟାଙ୍କନ ଦେବ ବୋଲି କୁହାଯାଉଛି ।

ଇଂଲଣ୍ଡ ବିପକ୍ଷ ଭାରତୀୟ ଟେଷ୍ଟ ଦଳ

ଶୁଭମନ ଗିଲ (ଅଧିନାୟକ), ଋଷଭ ପନ୍ତ (ଉପ-ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, କେ ଏଲ ରାହୁଲ, ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, କରୁଣ ନାୟାର, ନୀତିଶ କୁମାର ରେଡ୍ଡୀ, ରବୀନ୍ଦ୍ର ଜାଡେଜା, ଧ୍ରୁବ ଜୁରେଲ, ୱାଶିଂଟନ ସୁନ୍ଦର, ଶାର୍ଦ୍ଦୁଲ ଠାକୁର, ଜସପ୍ରୀତ ବୁମରାହ, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ, ଅର୍ଶଦୀପ ସିଂ, କୁଲଦୀପ ଯାଦବ ।

## ଦେଶ ବିଦେଶ

### ବୋମା ଧମକ ପରେ ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ

**ନୂଆଦିଲ୍ଲୀ,୧୩ା୬/ଏଜେନ୍ସି:** ଶୁକ୍ରବାର ଏକ ନିଶ୍ଚିତ ବଡ଼ ବିପଦରୁ ବର୍ତ୍ତିଯାଇଛି ଏୟାର ଇଣ୍ଡିଆର ବିମାନ । ଫଳରେ ଏଥିରେ ଥିବା ୧୫୬ ଯାତ୍ରୀ ସୁରକ୍ଷିତ ଅବତରଣ କରିପାରିଛନ୍ତି । ରିପୋର୍ଟ ଅନୁସାରେ ଥାଇଲ୍ୟାଣ୍ଡର ଫୁକେଟରେ ଏୟାର ଇଣ୍ଡିଆର ବିମାନ ଏଆଇ ୩୭୯ ବିମାନ ଆଣ୍ଡାମାନ ସାଗର ଚାରିପାଖରେ କିଛି ସମୟ ଘୁରି ବୁଲିବା ପରେ ଜରୁରୀକାଳୀନ ଅବତରଣ କରିଛି । ଜୁନ୍ ୧୩ ତାରିଖରେ ଏହି ବିମାନଟି ଫୁକେଟ୍‌ରୁ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ବେଳେ ଏଥିରେ ବୋମା ଧମକ ମିଳିଥିଲା । ତେଣୁ ପାଇଲଟ କିଛି ଦୁର୍ଘଟଣା ଆଶଙ୍କା କରିବାରୁ ଏହାକୁ ଜରୁରୀକାଳୀନ ଅବତରଣ କରିବାକୁ ନିଷ୍ପତ୍ତି ନେଇଥିଲେ । ତେବେ ବୋମା ଧମକ କେଉଁଠୁ ଆସିଥିଲା ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ । ବିମାନ୍‌ରୁ କୌଣସି ସନ୍ଦେହଜନକ ସାମଗ୍ରୀ ମିଳିନଥିଲା । ତେବେ ବିମାନରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଭାବେ ଅବତରଣ କରିଥିବା ଫୁକେଟ ବିମାନବନ୍ଦରର ମହାପ୍ରବନ୍ଧକ ମୋଞ୍ଚାଇ ଟାନୋଡେ ସୂଚନା ଦେଇଛନ୍ତି ।

# ରମେଶ ବିଶ୍ୱାସଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ



**ଅହମଦାବାଦ୍,୧୩ା୬/ଏଜେନ୍ସି:** ଅହମଦାବାଦ୍‌ର ଦୁଃଖଦ ତଥା ଭୟାନକ ବିମାନ ଦୁର୍ଘଟଣାରେ ଜୀବିତ ଥିବା ଏକମାତ୍ର ଯାତ୍ରୀଙ୍କୁ ଶୁକ୍ରବାର ସାକ୍ଷାତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ମୋଦୀ ଶୁକ୍ରବାର ସିଭିଲ୍ ହସ୍ପିଟାଲ ଗସ୍ତ କରିବା ପୂର୍ବକ ଚିକିତ୍ସାଧୀନ ଥିବା ରମେଶ ବିଶ୍ୱାସ କୁମାରଙ୍କୁ ଭେଟିଥିଲେ । ରମେଶ ବିଶ୍ୱାସ ହେଉଛନ୍ତି ସେହି ଏକମାତ୍ର ବ୍ୟକ୍ତି ଯିଏକି ସୌଭାଗ୍ୟବଶତଃ ଏତେବଡ଼ ବିପଦରୁ ବର୍ତ୍ତିଯାଇଛନ୍ତି । ମୋଦୀ, ବିଶ୍ୱାସଙ୍କ ସହ ପ୍ରାୟ ୧୦ ମିନିଟ୍ ଧରି କଥା ହୋଇଥିଲେ । ଏହି ସମୟରେ ବିଶ୍ୱାସ କହିଥିଲେ ଯେ, ସେ କିପରି ଜୀବିତ ବାହାରକୁ ଆସିଛନ୍ତି ତାହା ସେ ନିଜେ ମଧ୍ୟ ବିଶ୍ୱାସ କରିପାରୁନାହାନ୍ତି । ତାଙ୍କର କେବଳ ଏତିକି ମନେ ଅଛି ଯେ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ନେଇ ପାଇଲଟ୍‌ଙ୍କ କକ୍‌ପିଟ୍‌ରୁ ସୂଚନା ଆସିବା ପରେ ସମସ୍ତ ଯାତ୍ରୀ ଭୟଭୀତ ହୋଇପଡିଥିଲେ ଏବଂ କନ୍ଦାକଟା କରିବା ଆରମ୍ଭ କରିଦେଇଥିଲେ । ସେ ନିଜେ ମଧ୍ୟ ଭୟଭୀତ ହୋଇପଡିଥିଲେ । ଏହାପରେ ସେ ନିଜକୁ ଏକ ଆମ୍ବୁଲାନ୍ସରେ ହସ୍ପିଟାଲ ଯାଉଥିବା ଅବସ୍ଥାରେ ପାଇଥିଲେ । ତାଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲ ନିଆଯାଉଥିବା ବେଳେ ତାଙ୍କର ଚେତା ଫେରିଥିଲା । ରମେଶ ବିଶ୍ୱାସ ବିମାନର ୧୧ଏ ସିଟ୍‌ରେ ବସି ଯାତ୍ରା କରୁଥିଲେ । ଏହି ସିଟ୍‌କୁ ଏବେ ଲକି ସିଟ୍ ବୋଲି ମଧ୍ୟ କୁହାଯାଉଛି ।

## ମୁକେଶ ଓ ନୀତା ଅମ୍ବାନୀଙ୍କୁ ଦୁଃଖ ପ୍ରକାଶ

'ଅହମଦାବାଦରେ ଘଟିଥିବା ଦୁଃଖଦ ବିମାନ ଦୁର୍ଘଟଣାରେ ହୋଇଥିବା ବ୍ୟାପକ ଧନଜୀବନ ହାନିରେ ନୀତା, ମୁଁ ଏବଂ ସମଗ୍ର ରିଲାଏନ୍ସ ପରିବାର, ଗଭୀର ଦୁଃଖିତ ଏବଂ ମର୍ମାହତ । ଏହି ଦୁଃଖଦ ଘଟଣାରେ ପ୍ରଭାବିତ ସମସ୍ତ ଲୋକଙ୍କ ପ୍ରତି ଆମେ ଆମର ହୃଦୟସ୍ପର୍ଶୀ ସମବେଦନା ଜଣାଉଛୁ । ଏହି ଦୁଃଖଦ ମୁହୂର୍ତ୍ତରେ, ଆରମ୍ଭ ହୋଇଥିବା ରିଲିଫ୍ କାର୍ଯ୍ୟକ୍ରମକୁ ରିଲାଏନ୍ସ ପୂର୍ଣ୍ଣ ଏବଂ ଅଟଳ ସମର୍ଥନ ପ୍ରଦାନ କରୁଛି ଏବଂ ସମସ୍ତ ପ୍ରକାରର ସମ୍ଭାବ୍ୟ ସହାୟତା କରିବାକୁ ପ୍ରସ୍ତୁତ ରହିଛି । ଆମେ ପ୍ରାର୍ଥନା କରୁଛୁ ଯେ ପ୍ରଭାବିତ ସମସ୍ତ ବ୍ୟକ୍ତି ଏହି ଅକଳ୍ପନୀୟ କ୍ଷତିକୁ ଦୂର କରିବା ପାଇଁ ଶକ୍ତି ଏବଂ ସାନ୍ତ୍ୱନା ପାଆନ୍ତୁ । ଓମ୍ ଶାନ୍ତି ।'

**ଶ୍ରୀ ମୁକେଶ ଡି. ଅମ୍ବାନୀ, ଅଧକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍**





# ଇସ୍ରାଏଲ-ଇରାନ ଉତ୍ତେଜନା ଭାରତର ଉଦ୍‌ବେଗ ପ୍ରକାଶ

**ନୂଆଦିଲ୍ଲୀ,୧୩ା୬/ଏଜେନ୍ସି:** ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଆରମ୍ଭ ହୋଇଥିବା ଉତ୍ତେଜନାକୁ ନେଇ ଭାରତ ଉଦ୍‌ବେଗ ପ୍ରକାଶ କରିଛି । ହିଂସା ପଥ ଛାଡ଼ି କୂଟନୈତିକ ସ୍ତରରେ ଆଲୋଚନା ଜରିଆରେ ଦୁଇ ଦେଶ ପରସ୍ପର ମଧ୍ୟରେ ଥିବା ବିବାଦକୁ ସମାଧାନ କରିବା ଲାଗି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହଯାଇଛି । ଇସ୍ରାଏଲ ପକ୍ଷରୁ ଗୁରୁବାର

### ଭାରତୀୟଙ୍କ ପାଇଁ ମାର୍ଗଦର୍ଶିକା ଜାରି କଲା କେନ୍ଦ୍ର

ବିଳମ୍ବିତ ରାତିରେ ଇରାନ ଉପରେ ଏୟାରଷ୍ଟ୍ରାଇକ୍ କରାଯାଇଥିଲା । ଏହା ପରେ ଇରାନ ପାଲଟା ଜବାବ ଦେଇଛି । ଭାରତ ଉଭୟ ଦେଶକୁ ଆକ୍ରମଣ ପ୍ରତିଆକ୍ରମଣରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ, ଦୁଇ ଦେଶ ମଧ୍ୟରେ ଲାଗିଥିବା ଉତ୍ତେଜନା ଉପରେ ଭାରତ ନଜର ରଖିଛି । ଇସ୍ରାଏଲ ପକ୍ଷରୁ ଇରାନର ଆଣବିକ ଗବେଷଣା ଅଞ୍ଚଳ ଉପରେ ଆକ୍ରମଣ କରାଯାଇଛି । ଉତ୍ତେଜନା ଯୁଦ୍ଧ ପରିସ୍ଥିତିକୁ ଅଗ୍ରସର ନ ହେବା ଲାଗି ପଦକ୍ଷେପ ନେବା ପାଇଁ ଭାରତ ଦୁଇ ଦେଶକୁ କହିଛି । ଏଥିସହ ଉଭୟ ଇରାନ୍ ଏବଂ ଇସ୍ରାଏଲ୍‌ରେ ରହୁଥିବା ଭାରତୀୟ ନାଗରିକଙ୍କ ପାଇଁ ମନ୍ତ୍ରଣାଳୟ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇ ସତର୍କତାର ସହିତ ନିରାପଦରେ ରହିବାକୁ ପରାମର୍ଶ ଦିଆଯାଇଛି । ସ୍ଥାନୀୟ ନିରାପତ୍ତା ମାର୍ଗଦର୍ଶିକାକୁ ଅନୁପାଳନ କରିବାକୁ ସରକାର ଜନସାଧାରଣଙ୍କୁ କହିଛନ୍ତି ।

# ଦୁର୍ଘଟଣାସ୍ଥଳରୁ ଉଦ୍ଧାର ହେଲା ବ୍ଲାକ୍‌ବକ୍ସ



ଅହମଦାବାଦ୍ ଗସ୍ତ ଅବସରରେ ଦୁର୍ଘଟଣାସ୍ଥଳ ବୁଲି ଦେଖୁଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ

**ନୂଆଦିଲ୍ଲୀ,୧୩ା୬/ଏଜେନ୍ସି:** ଦିନକ ପୂର୍ବେ ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏୟାର ଇଣ୍ଡିଆ ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନର ବ୍ଲାକ୍ ବକ୍ସ ବା ଡିଜିଟାଲ୍ ଫ୍ଲାଇଟ୍ ଡାଟା ରେକର୍ଡର୍ (ଡିଏଫ୍‌ଡିଆର୍)କୁ ଉଦ୍ଧାର କରାଯାଇଛି । ଦୁର୍ଘଟଣା ସମ୍ପର୍କରେ ତଦନ୍ତ କରୁଥିବା ଏୟାରକ୍ରାଫ୍ଟ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି)ର ଟିମ୍ ଦୁର୍ଘଟଣାସ୍ଥଳରୁ ଗୁଜରାଟର ୪୦ ସରକାରୀ କର୍ମଚାରୀଙ୍କ ସହାୟତାରେ ଏହି ବ୍ଲାକ୍ ବକ୍ସକୁ ଜବତ କରିଛନ୍ତି । ଯେକୌଣସି ବିମାନ ଦୁର୍ଘଟଣାର କାରଣ ଜାଣିବା ପାଇଁ ବ୍ଲାକ୍ ବକ୍ସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବେ ବିବେଚନା କରାଯାଇଥାଏ । ବିମାନର ପ୍ରତ୍ୟେକ ଗତିବିଧିକୁ ରେକର୍ଡ କରୁଥିବା ଏହି ହାର୍ଡ ଡିଭାଇସ୍‌ରେ ଦୁର୍ଘଟଣାର ବାସ୍ତବିକ କାରଣ ସହ ଦୁର୍ଘଟଣାର ରିୟଲ ଟାଇମ୍ ମଧ୍ୟ ଜଣାପଡିଥାଏ । ସୁତରାଂ ଏୟାର ଇଣ୍ଡିଆ ବୋଇଂ ୭୮୭ ଡ୍ରିମ୍‌ଲାଇନର ଦୁର୍ଘଟଣାଗ୍ରସ୍ତ ହେବା ପଛର କାରଣ ମଧ୍ୟ ଖୁବ୍‌ଶୀଘ୍ର ସମସ୍ତଙ୍କ ସାମ୍ନାକୁ ଆସିବ ବୋଲି ଅନୁମାନ କରାଯାଉଛି । ବିମାନର ବ୍ଲାକ୍ ବକ୍ସକୁ ସେହି ଡାକ୍ତରୀ ହଷ୍ଟେଲର ଛାତରୁ ଉଦ୍ଧାର କରାଯାଇଛି ଯେଉଁଠି ଦୁର୍ଘଟଣାଗ୍ରସ୍ତ ବିମାନଟି ଯାଇ ମାଡ଼ ହୋଇଥିଲା । ଭାରତରେ ସବୁଠାରୁ ଭୟଙ୍କର ବିମାନ ଦୁର୍ଘଟଣା ମଧ୍ୟରୁ ଗୋଟିଏର କାରଣ ନିର୍ଣ୍ଣୟ କରିବାରେ ବ୍ଲାକ୍ ବକ୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ବ୍ଲାକ୍ ବକ୍ସରେ ଉଡ଼ାଣର ଗତି, ଉଚ୍ଚତା, ଇଞ୍ଜିନ୍ କାର୍ଯ୍ୟଦକ୍ଷତା ଏବଂ କକପିଟ୍ ଅଡିଓ ଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ରହିଥାଏ, ଯେଉଁଥିରେ ପାଇଲଟ୍ ଏବଂ ଏୟାର ଟ୍ରାଫିକ୍ ନିୟନ୍ତ୍ରଣ ମଧ୍ୟରେ ଯୋଗାଯୋଗ ଅନ୍ତର୍ଭୁକ୍ତ । ଏହା ଅତ୍ୟଧିକ ତାପମାତ୍ରା, ପାଣି ଏବଂ ଗମ୍ଭୀର ପ୍ରଭାବକୁ ସହ୍ୟ କରିବା ପାଇଁ ନିର୍ମିତ, ଯାହା ବିପର୍ଯ୍ୟୟ ପରିସ୍ଥିତିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟର ବଞ୍ଚିବା ସୁନିଶ୍ଚିତ କରେ । ଷ୍ଟିଲ୍ ଏବଂ ଟାଇଟାନିୟମ୍ ଭଳି ଅତ୍ୟନ୍ତ ସ୍ଥାୟୀ ସାମଗ୍ରୀରୁ ଏହା ନିର୍ମିତ ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra